

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୦୬ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 06 JUNE 2022
Vol.No. 35 ■ No. 148 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ : ସୁବର୍ଣ୍ଣଶ୍ରୀ ପ୍ରକାଶିନୀ ବାଲେଶ୍ୱର-୧

ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍‌ଖାତାର ଚିତ୍ର

ପ୍ରାପ୍ତିସ୍ଥାନ

ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍‌ଷ୍ଟାଣ୍ଡ ସାମନା ବାଲେଶ୍ୱର-୧


## ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୂଆ ମନ୍ତ୍ରିମଣ୍ଡଳ

## ଶପଥ ନେଲେ ୨୧ ମନ୍ତ୍ରୀ : ୨୦୨୪ ପାଇଁ ପ୍ରସ୍ତୁତି



ଭୁବନେଶ୍ୱର, ୦୫/୦୬ (ନି.ପ୍ର): ଶନିବାର ନିଜ ମନ୍ତ୍ରିମଣ୍ଡଳର ସମସ୍ତ ମନ୍ତ୍ରୀଙ୍କୁ ଇସ୍ତଫା ଦେବାକୁ ନିର୍ଦ୍ଦେଶ ଦେବା ପରେ ଆଜି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଠନ କରିଛନ୍ତି ନୂଆ ମନ୍ତ୍ରିମଣ୍ଡଳ। ଆଜି ମୋଟ ୨୧ ଜଣ ମନ୍ତ୍ରୀ ଶପଥ ନେଇଛନ୍ତି। ସେମାନଙ୍କ ମଧ୍ୟରେ ୧୩ ଜଣ କ୍ୟାବିନେଟ୍ ମନ୍ତ୍ରୀ ଥିବା ବେଳେ ୮ ଜଣ ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଅଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ସନ୍ ସେଣ୍ଟରରେ ରାଜ୍ୟପାଳ ପ୍ରଫେସର ଗଣେଶୀଲାଲ୍ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥପାଠ କରାଇଥିଲେ। ଆଜି ଶପଥ ନେଇଥିବା କ୍ୟାବିନେଟ୍ ମନ୍ତ୍ରୀମାନେ ହେଲେ- ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରମିଳା ମଲ୍ଲିକ, ଉଷା ଦେବୀ, ପ୍ରଫୁଲ୍ଲ କୁମାର ମଲ୍ଲିକ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ, ପ୍ରଦୀପ କୁମାର ଅମାତ, ନବ କିଶୋର ଦାସ, ଅଶୋକ ଚନ୍ଦ୍ର ପଣ୍ଡା, ଟୁକୁନି ସାହୁ, ରାଜେନ୍ଦ୍ର ଢୋଲକିଆ ଓ ଜଗନ୍ନାଥ ସାରକା। ସେହିପରି ଶପଥ ନେଇଥିବା ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ)ମାନେ ହେଲେ- ସମୀର ରଞ୍ଜନ ଦାଶ, ଅଶ୍ୱିନୀ କୁମାର ପାତ୍ର, ପ୍ରୀତିରଞ୍ଜନ ଘଡ଼େଇ, ଶ୍ରୀକାନ୍ତ ସାହୁ, ତୁଷାରକାନ୍ତି ବେହେରା, ରୋହିତ ପୂଜାରୀ, ରୀତା ସାହୁ ଓ ବାସନ୍ତୀ ହେମ୍ବ୍ରମ। ନିରଞ୍ଜନ ପୂଜାରୀ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ନବ କିଶୋର ଦାସ, ପ୍ରଫୁଲ୍ଲ କୁମାର ମଲ୍ଲିକ, ଟୁକୁନି ସାହୁ, ଅଶୋକ ଚନ୍ଦ୍ର ପଣ୍ଡା, ଜଗନ୍ନାଥ ସାରକା, ସମୀର ରଞ୍ଜନ ଦାଶ ଓ ତୁଷାରକାନ୍ତି ବେହେରା ପ୍ରମୁଖ ମନ୍ତ୍ରୀ ପଦ ବଜାୟ ରଖିଛନ୍ତି। ଅଶୋକ ଚନ୍ଦ୍ର ପଣ୍ଡା ଓ ଜଗନ୍ନାଥ ସାରକା ରାଷ୍ଟ୍ରମନ୍ତ୍ରୀରୁ କ୍ୟାବିନେଟ୍ ମନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇଛନ୍ତି। ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆ, ସୁକିନ୍ଦା ବିଧାୟକ ପ୍ରୀତିରଞ୍ଜନ ଘଡ଼େଇ, ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ବିଜେପୁର ବିଧାୟକ ରୀତା ସାହୁ, ପୋଲସରା ବିଧାୟକ ଶ୍ରୀକାନ୍ତ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓ କରଞ୍ଜିଆ ବିଧାୟକ ବାସନ୍ତୀ ହେମ୍ବ୍ରମ ନୂଆ ଚେହେରା ଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଛନ୍ତି। ଏମାନେ ସମସ୍ତେ ପ୍ରଥମ ଥର ମନ୍ତ୍ରୀ ହୋଇଛନ୍ତି। ସେହିପରି ପ୍ରମିଳା ମଲ୍ଲିକ, ଉଷା ଦେବୀ, ପ୍ରତାପ କେଶରୀ ଦେବ, ଅତନୁ ସବ୍ୟସାଚୀ ନାୟକ ଓ ପ୍ରଦୀପ ଅମାତଙ୍କ ଭଳି ପୁରୁଣା ଚେହେରା ନବୀନଙ୍କ ମନ୍ତ୍ରିମଣ୍ଡଳକୁ ଫେରିଛନ୍ତି। ସେମାନେ ପୂର୍ବରୁ ଭିନ୍ନ ଭିନ୍ନ ସମୟରେ ମନ୍ତ୍ରୀ ହୋଇଥିଲେ। ଅନ୍ୟପକ୍ଷରେ ପୂର୍ବ ମନ୍ତ୍ରିମଣ୍ଡଳର ସଦସ୍ୟ ପ୍ରତାପ ଜେନା, ଦିବ୍ୟଶଙ୍କର ମିଶ୍ର, ଅରୁଣ କୁମାର ସାହୁ, ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପ୍ରେମାନନ୍ଦ ନାୟକ, ସୁଶାନ୍ତ ସିଂହ, ପଦ୍ମନାଭ ବେହେରା, ସୁଦାମ ମାର୍ଣ୍ଡି, ରଘୁନନ୍ଦନ ଦାସ ଓ ପଦ୍ମିନୀ ଦିଆନ ପ୍ରମୁଖ ନୂଆ ମନ୍ତ୍ରିମଣ୍ଡଳରୁ ବାଦ ପଡ଼ିଛନ୍ତି।

## କଣ୍ଟେନର୍ ଡିପୋରେ ଭୟଙ୍କର ଅଗ୍ନିକାଣ୍ଡ : ୪୦ ମୃତ



ଢ଼ାକା, ୦୫/୦୬ (ନି.ପ୍ର): ଜଳିଗଲା କଣ୍ଟେନର୍ ଡିପୋ। ନିଆଁ ଲାଗି ଦଗ୍ଧ ହୋଇଗଲେ ୪୦ ଜଣ। ୪୫୦ରୁ ଅଧିକ ଆହତ ହୋଇଛନ୍ତି। ଦକ୍ଷିଣ ପୂର୍ବ ବାଙ୍ଗଲାଦେଶର ଏକ ଅଭ୍ୟାନ୍ତରୀଣ କଣ୍ଟେନର ଡିପୋରେ ଗତ ବିଳମ୍ବିତ ରାତିରେ ଏଭଳି କିଛି ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ରବିବାର ମିଳିଥିବା ସୂଚନା ମୁତାବକ, ବନ୍ଦର ସହର ଚିଟଗାଓଁ ଠାରୁ ୪୦ କିଲୋମିଟର ଦୂରେ ଥିବା ସୀତାକୁଣ୍ଡରେ ଏକ ଡିପୋରେ ହଠାତ୍ ଶନିବାର ବିଳମ୍ବିତରେ ରାତିରେ ନିଆଁ ଲାଗିଯାଇଥିଲା । ଏହି ଅଗ୍ନିକାଣ୍ଡ ଏତେ ଭୟଙ୍କର ଥିଲା ଯେ, ଆଖପାଖରେ ଥିବା ଘରର ଝରକାଗୁଡିକ ମଧ୍ୟ ଭାଙ୍ଗି ଯାଇଥିଲା । ଏଥିରେ ୪୦ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୫୦ରୁ ଅଧିକ ଆହତ ହୋଇଛନ୍ତି। ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆହତଙ୍କ ମଧ୍ୟରେ କିଛି ଦମକଳକର୍ମୀ ଓ ପୁଲିସ କର୍ମୀ ମଧ୍ୟ ସାମିଲ ଅଛନ୍ତି। ସେପଟେ ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟ କରିବାକୁ ଚେଷ୍ଟା ଚଳାଇଛନ୍ତି। ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, କଣ୍ଟେନର ଡିପୋରେ କେମିକଲ ଥିବା ଯୋଗୁଁ ନିଆଁ ଲାଗିଛି। ଘଟଣାସ୍ଥଳରେ ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁ ଲିଭାଇବା ବେଳେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ପରେ ଅନେକ କଣ୍ଟେର୍ ଫାଟି ଯାଇଥିଲା। ଏହାପରେ ଚାରିଆଡେ ନିଆଁ ବ୍ୟାପିଯାଇଥିବା ନେଇ ସୂଚନା ମିଳିଛି। ନିଆଁ ଲିଭାଇବା ପାଇଁ ଦମକଳ ବାହିନୀର କର୍ମଚାରୀମାନେ ଆଜି ସକାଳ ପର୍ଯ୍ୟନ୍ତ ଉଦ୍ୟମ ଚଳାଇଥିଲେ ବୋଲି ଅଗ୍ନିଶମ ସେବା ଅଧିକାରୀ ଫାରୁକ୍ ହୁସେନ୍ ଶିକ୍‌ଦର୍ କହିଛନ୍ତି। କ'ଣ ପାଇଁ ନିଆଁ ଲାଗିଲା, ▶▶ପୃଷ୍ଠା ୭

## ପୂର୍ବତନ ବାଚସ୍ପତି ସୂର୍ଯ୍ୟ ପାତ୍ର ହସ୍ପିଟାଲ୍‌ରେ ଭର୍ତ୍ତି



ଭୁବନେଶ୍ୱର, ୦୫/୦୬ (ନି.ପ୍ର): ପୂର୍ବତନ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଅସୁସ୍ଥ ହୋଇଥିବା କାରଣରୁ ତାଙ୍କୁ ଡାକ୍ତରଖାନାରେ ଭର୍ତି କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ସୂର୍ଯ୍ୟ ପାତ୍ରଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ସୂର୍ଯ୍ୟ ପାତ୍ରଙ୍କ ଉତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । ସେ ଟ୍ୱିଟ୍ କରି କହିଛନ୍ତି, 'ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ପୂର୍ବତନ ବାଚସ୍ପତି ତଥା ଦଳର ବରିଷ୍ଠ ନେତା ଶ୍ରୀଯୁକ୍ତ ସୂର୍ଯ୍ୟ ନାରାୟଣ ପାତ୍ର ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବିଷୟରେ ଅବଗତ ହେଲି। ତାଙ୍କର ଆଶୁଆରୋଗ୍ୟ ଓ ଉତମ ସ୍ୱାସ୍ଥ୍ୟ କାମନା କରୁଛି।'

## ଘାଟିରେ କାଶ୍ମୀର ପଣ୍ଡିତଙ୍କୁ ହତ୍ୟା ନେଇ ଦିଲ୍ଲୀରେ ଗର୍ଜିଲେ କେଜ୍ରିୱାଲ



ନୂଆଦିଲ୍ଲୀ, ୦୫/୦୬ : କାଶ୍ମୀରରେ ଏବେ କାଶ୍ମୀର ପଣ୍ଡିତମାନଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି । ଏହାକୁ ନେଇ ଆମ୍ ଆଦମୀ ପାର୍ଟି ପକ୍ଷରୁ ଦିଲ୍ଲୀରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି । ଏହି କ୍ରମରେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ତଥା ଆମ୍ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜ୍ରିୱାଲ ବିକ୍ଷୋଭ ସ୍ଥଳରୁ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି । କେଜ୍ରିୱାଲ କହିଛନ୍ତି କି, ଘାଟିରେ ଯେଉଁଭଳି ଭାବେ କାଶ୍ମୀର ପଣ୍ଡିତଙ୍କୁ ଟାର୍ଗେଟ କରି ହତ୍ୟା କରାଯାଉଛି ତାହା ଅମାନବୀୟ, ହେଲେ ସରକାର ଏହି ସମୟରେ ବୈଠକ ପରେ ବୈଠକ କରିବା ପରିବର୍ତ୍ତେ ଆକ୍ସନ ମୋଡକୁ ଆସିବା ଆବଶ୍ୟକ । ଏହାସହ କାଶ୍ମୀର ପଣ୍ଡିତଙ୍କ ଦାବି ପୂରଣ କରିବା ସହ ସେମାନଙ୍କୁ ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କ ଠାରେ ଦାବି କରିଛନ୍ତି କେଜ୍ରିୱାଲ । କ୍ରେଜ୍ରିୱାଲ ବିଜେପି ସରକାରକୁ ଟାର୍ଗେଟ କରି କହିଛନ୍ତି କି କେନ୍ଦ୍ର ସରକାର କାଶ୍ମୀର ପଣ୍ଡିତମାନଙ୍କୁ ସୁରକ୍ଷା ଯୋଗାଇ ଦେବାରେ ବିଫଳ ହୋଇଛନ୍ତି । କାଶ୍ମୀରକୁ ନେଇ ସରକାରଙ୍କ ପାଖରେ କୌଣସି ସ୍ପଷ୍ଟ ଯୋଜନା ନଥିବାରୁ ସେଠାରେ ଏଭଳି ଭାବେ ହତ୍ୟାର ଶିକାର ହେଉଛନ୍ତି କାଶ୍ମୀର ପଣ୍ଡିତମାନେ । ଏହାସହ କେଜ୍ରିୱାଲ କହିଛନ୍ତି କି, ଯେତେବେଳେ କେନ୍ଦ୍ରରେ ବିଜେପି ସରକାର ଆସିଛି ସେତେବେଳେ କାଶ୍ମୀର ପଣ୍ଡିତଙ୍କ ଉପରେ ଆକ୍ରମଣ ହୋଇଛି ଓ ସେମାନେ ଭିଟାମାଟି ଛାଡି ପଳାୟନ କରିବାକୁ ବାଧ ହୋଇଛନ୍ତି । କହିରଖୁ କି କାଶ୍ମୀର ଘାଟିରେ କିଛିଦିନ ହେବ ଅସାମାଜିକ ତତ୍ତ୍ୱମାନେ ଟାର୍ଗେଟ କରି କେବଳ କାଶ୍ମୀର ପଣ୍ଡିତମାନଙ୍କୁ ହତ୍ୟା କରିବାରେ ଲାଗିଛନ୍ତି । ଏହି କାରଣରୁ ହଜାର ହଜାର କାଶ୍ମୀର ପଣ୍ଡିତ ଘାଟିଛାଡି ପଳାୟନ କରୁଥିବା ଦେଖିବାକୁ ମିଳିଛି । ସେପଟେ କିଛି କାଶ୍ମୀର ପଣ୍ଡିତ ଆଜକୁ ୧୫ ଦିନ ହେବ ସୁରକ୍ଷା ଦାବି କରି ରାସ୍ତାରେ ଆନ୍ଦୋଳନ ଜାରି ରଖିଛନ୍ତି । ଏନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା, ଜାତୀୟ ସୁରକ୍ଷା ପରିଷଦର ଅଧ୍ୟକ୍ଷ ଅଜିତ ଡୋଭାଲ ଓ ଜମ୍ମୁ-କାଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନାଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇ ଯାଇଛି ।

## କାନପୁର ହିଂସା : ରାଷ୍ଟ୍ରୀୟ ମୁଖପାତ୍ର ନୁପୁର ଶର୍ମାଙ୍କୁ ନିଲମ୍ବିତ କଲା ବିଜେପି



କାନପୁର, ୦୫/୦୬ (ନି.ପ୍ର): ପ୍ରଫେଟ ମହମ୍ମଦଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେବା ବିଜେପି ନେତ୍ରୀ ନୁପୁର ଶର୍ମାଙ୍କୁ ମହଙ୍ଗା ପଡ଼ିଛି। ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଜାତୀୟ ମୁଖପାତ୍ର ନୁପୁର ଶର୍ମାଙ୍କୁ ଦଳର ହାଇକକାଣ୍ଡ ନିଲମ୍ବିତ କରିଛନ୍ତି। ସେହିପରି ଦଳ ଦିଲ୍ଲୀ ବିଜେପିର ମିଡିଆ ମୁଖ୍ୟ ନବୀନ କୁମାର ଜିନ୍ଦଲଙ୍କୁ ଦଳରୁ ବହିଷ୍କାର କରାଯାଇଛି। ନବୀନ କୁମାରଙ୍କୁ ଦଳର ପ୍ରାଥମିକ ସଦସ୍ୟ ପଦରୁ ହଟାଇ ଦିଆଯାଇଛି। ନିଲମ୍ବିତ ନୁପୁର ଶର୍ମାଙ୍କ ଉଦ୍ଦେଶ୍ୟରେ ଦଳର କେନ୍ଦ୍ରୀୟ ଶୃଙ୍ଖଳା କମିଟି ପକ୍ଷରୁ ଏକ ଚିଠି ଲେଖାଯାଇଛି। ସେଥିରେ ଉଲ୍ଲେଖ ଅଛି ଯେ, ବିଭିନ୍ନ ପ୍ରସଙ୍ଗରେ ଦଳୀୟ ଆଭିମୁଖ୍ୟକୁ ବିରୋଧାଚରଣ କରୁଥିବା ଅନେକ ମନ୍ତବ୍ୟ ନୁପୁର ଶର୍ମା ଦେଇଛନ୍ତି। ଏହାର ତଦନ୍ତ ଜାରି ରହିଛି। ତେବେ ପ୍ରାଥମିକ କାର୍ଯ୍ୟାନୁଷ୍ଠାନ ସ୍ୱରୁପ ଆପଣଙ୍କୁ ଦଳରୁ ନିଲମ୍ବିତ କରାଯାଉଛି। ସୂଚନା ଅନୁଯାୟୀ ଏକ ଟିଭି ଡିବେଟରେ ନୁପୁର ପ୍ରଫେଟ ମହମ୍ମଦଙ୍କ ବିରୋଧରେଙ୍ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ଶୁକ୍ରବାର କାନପୁରରେ ସାମ୍ପ୍ରଦାୟିକ ଗଣ୍ଡଗୋଳର ସୂତ୍ରପାତ ଘଟିଥିଲା। ନୁପୁର ଶର୍ମାଙ୍କ ବୟାନକୁ ବିରୋଧ କରି କାନପୁରର ▶▶ପୃଷ୍ଠା ୭

## ଗଞ୍ଜେଇ ବେପାରୀଙ୍କ ସାଢେ ୪ କୋଟିରୁ ଅଧିକ ସମ୍ପତ୍ତି



ଭୁବନେଶ୍ୱର, ୦୫/୦୬ (ନି.ପ୍ର): କଥାରେ ଅଛି ଅଧର୍ମ ବିତ ବଢେ ବହୁତ, ଗଲା ବେଳେ ଯାଏ ମୂଳ ସହିତ । ଆଉ ଏହା ପ୍ରମାଣିତ ହୋଇଛି ଗଞ୍ଜାମ ଜିଲ୍ଲାର କୋଟିପତି ଗଞ୍ଜେଇ ବେପାରୀ ରଜନୀକାନ୍ତ ପଟ୍ଟନାୟକଙ୍କ କ୍ଷେତ୍ରରେ । ଗଞ୍ଜେଇ, ଭାଙ୍ଗ, ଅଫିମ ଭଳି ନିଶା ଦ୍ରବ୍ୟ ବେପାର ବେଆଇନ ଉପାୟରେ ଅର୍ଜନ କରିଥିବା କୋଟି କୋଟି ଟଙ୍କାର ସମ୍ପତିଙ୍କୁ ବ୍ୟାଜ୍ୟାପ୍ତି କରିଛି କେନ୍ଦ୍ରୀୟ ଅର୍ଥନୈତିକ ସଂସ୍ଥା । ୪ କୋଟି ଟଙ୍କାର ସୁନା, ରୂପା, ହୀରା ଅଳଙ୍କାର ସହ ପାୟ ୪୦ ଲକ୍ଷରୁ ଅଧିକ ଟଙ୍କାର ସମ୍ପତିକୁ କେନ୍ଦ୍ରୀୟ ଅର୍ଥନୈତିକ ସଂସ୍ଥା ବ୍ୟାଜ୍ୟାପ୍ତି କରିବ ବୋଲି ସୂଚନା ଦେଇଛନ୍ତି ଖଲ୍ଲିକୋଟ ଥାନା ଅଧିକାରୀ ଜଗାନ୍ନାଥ ମଲ୍ଲିକ । ସରକାରଙ୍କ ଅର୍ଥ ମନ୍ତ୍ରାଳୟର ରାଜସ୍ୱ ବିଭାଗ କମ୍ପିଟେଂଟ ଅଥରଟି ଥିବା ରଜନୀକାନ୍ତ, ତା ଭାଇ କମଳାକାନ୍ତ ପଟ୍ଟନାୟକ , ସରୋଜକାନ୍ତ ପଟ୍ଟନାୟକ , ଭଉଣୀ ସ୍ୱର୍ଣ୍ଣଲତା ପଟ୍ଟନାୟକ, ମାଆ ହରପ୍ରିୟା ପଟ୍ଟନାୟକଙ୍କ ନାମରେ ଖୋଜାପଲ୍ଲୀ ଓ ମାଳ ଖୋଜାପଲ୍ଲୀରେ ▶▶ପୃଷ୍ଠା ୭

## ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ

ପୁରୀ,୦୫/୦୬ (ନି.ପ୍ର): କେନ୍ଦ୍ରମନ୍ତ୍ରୀ ଶାନ୍ତନୁ ଠାକୁର ଆଜି ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଯାଇ ଶ୍ରୀଜୀଉଙ୍କ ଦର୍ଶନ କରିଛନ୍ତି । ଜିଲ୍ଲାପ୍ରଶାସନ ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ କରାଯାଇଥିଲା । ଶ୍ରୀଠାକୁର ଭିତରକାଠ ନିକଟକୁ ଯାଇ ରତ୍ନସିଂହାସନ ଉପରେ ବିରାଜିତ ଚତୁର୍ଦ୍ଧାମୂର୍ତିଙ୍କୁ ଦର୍ଶନ କରି ଦେଶବାସୀଙ୍କ ପାଇଁ ଶୁଭ ମନାସୀ ଥିଲେ। ପରେ ମା ବିମଳା, ମା ମହାଲକ୍ଷ୍ମୀଙ୍କ ଦର୍ଶନ କରିଥିଲେ । ଚନ୍ଦନଚକଡ଼ାରେ ନୀଳଚକ୍ର ବାନାକୁ ଚାହିଁ ପ୍ରଣିପାତ କରିଥିଲେ ।

## ଖାତକୁ ବସ୍ ଖସି ୨୨ ଜଣଙ୍କର ମୃତ୍ୟୁ



ନୂଆଦିଲ୍ଲୀ, ୦୫/୦୬ : ଉତ୍ତରାଖଣ୍ଡରେ ଏକ ମର୍ମନ୍ତୁଦ ସଡ଼କ ଦୁଘଟଣା ଘଟିଛି। ଖାତକୁ ବସ ଖସି ୨୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୬ ଜଣ ଗୁରୁତର ହୋଇଛନ୍ତି। ରବିବାର ଉତ୍ତରକାଶୀ ଜିଲ୍ଲା ଦମତା ନିକଟରେ ଏହି ଦୁର୍ଘଟଣା ଘଟିଛି। ମଧ୍ୟପ୍ରଦେଶର ୪୦ ଜଣ ଯାତ୍ରୀଙ୍କୁ ନେଇ ଯମୁନୋତ୍ରୀକୁ ଏହି ବସ୍ ଯାତ୍ରା କରୁଥିବା ବେଳେ ବାଟରେ ଓଲଟି ପଡ଼ିଛି। ଖବର ପାଇ ଉଦ୍ଧାରକାରୀ ଟିମ ଘଟଣାସ୍ଥଳରେ ପହଞ୍ଚିଛି । ଆହତମାନଙ୍କୁ ଉଦ୍ଧାର ସମ୍ପର୍କରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀଙ୍କ ସହ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଆଲୋଚନା କରିଛନ୍ତି। ଘଟଣା ସ୍ଥଳରେ ଏସଡିଆରଏଫର ଯବାନଙ୍କୁ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏସପି ଅପର୍ଣ୍ଣ ଯଦୁବଂଶୀଙ୍କ ସୂଚନା ଅନୁସାରେ, ଡାମଟାରୁ ପ୍ରାୟ ୨ କିଲୋମିଟର ଦୂର ନୌଗାଁଓ ନିକଟରେ ଏହି ଦୁର୍ଘଟଣା ଘଟିଛି। ବସରେ ଥିବା ଯାତ୍ରୀମାନେ ମଧ୍ୟ ପ୍ରଦେଶର ପନ୍ନା ଅଞ୍ଚଳର ହୋଇଥିବା ଜଣାପଡିଛି । ସବୁ ଯାତ୍ରୀ ଯମୁନୋତ୍ରୀ ଦର୍ଶନ ସାରି ଫେରୁଥିଲେ। ବସରେ ପ୍ରାୟ ୨୮ରୁ ୨୯ ଜଣ ଯାତ୍ରୀ ଥିଲେ। ୪ରୁ ୫ ଗୁରୁତର ରୂପେ ଆହତ ହୋଇଛନ୍ତି। ସମସ୍ତଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୁଖ୍ୟ ଶାସନ ଶଚିବ ସୁଖବୀର ସିଂ ସନ୍ଧୁ ସମସ୍ତ ଅଧିକାରୀଙ୍କୁ ଘଟଣାସ୍ଥଳରେ ପହଞ୍ଚିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଗିରଫ ହୋଇପାରନ୍ତି ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ !

### ମନି ଲଣ୍ଡରିଙ୍ଗ ମାମଲାରେ ଏଫଏଆଇର ତନାଘନା



ଇସଲାମାବାଦ, ୦୫/୦୬ (ନି.ପ୍ର): ପାକିସ୍ତାନରେ ଥମୁନି ରାଜନୈତିକ ସଙ୍କଟ। ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ବର୍ତ୍ତମାନ ଉଭୟ ଅର୍ଥନୈତିକ ଏବଂ ରାଜନୈତିକ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାରି ଭିତରେ ଖୁବ୍‌ଶୀଘ୍ର ପାକିସ୍ତାନ ପ୍ରଧାନମନ୍ତ୍ରୀ ଶାହବାଜ ଗିରଫ ହୋଇପାରିନ୍ତି। କେବଳ ସେ ନୁହେଁ ତାଙ୍କ ପୁଅକୁ ମଧ୍ୟ ଗିରଫ କରାଯାଇପାରେ ବୋଲି ସୂଚନା ମିଳିଛି। ବହୁ ବିଲିୟନ ଡଲାରର ଅର୍ଥ ହେରଫେର ମାମଲାରେ ଅଧିକ ତଦନ୍ତ ପାଇଁ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ତାଙ୍କ ପୁଅ ତଥା ପାକିସ୍ତାନ ପାର୍ଶ୍ୱରେ ପଞ୍ଜାବର ମୁଖ୍ୟମନ୍ତ୍ରୀ ହାମଜା ଶାହବାଜଙ୍କୁ ଗିରଫ କରିବାକୁ ଏଫ୍ଆଇଏ ଶନିବାର କୋର୍ଟକୁ ଅନୁରୋଧ କରିଛି। ତେବେ କୋର୍ଟ ଶାହବାଜ ଏବଂ ହାମଜାଙ୍କ ଆଗୁଆ ଜାମିନକୁ ଜୁନ୍ ୧୧ ପର୍ଯ୍ୟନ୍ତ ବଢ଼ାଇ ଦେଇଛନ୍ତି। ୧୪୦୦ କୋଟି ଟଙ୍କାର ଅର୍ଥ ହେରଫେର ମାମଲାରେ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ସନ୍ଦିଗ୍ଧଙ୍କ ବିରୋଧରେ ମଧ୍ୟବର୍ତ୍ତୀକାଳୀନ ଅନୁସନ୍ଧାନ ରିପୋର୍ଟ ଦାଖଲ କରିଛି ଏଫ୍ଆଇଏ। କଡା ସୁରକ୍ଷା ମଧ୍ୟରେ ଶାହବାଜ ଏବଂ ହାମଜା ସ୍ୱତନ୍ତ୍ର କୋର୍ଟରେ ହାଜର ହୋଇଥିଲେ। କୋର୍ଟର ଜଣେ ଅଧିକାରୀଙ୍କ କହିବା ମୁତାବକ, "ଜଣେ ଏଫଆଇଆର ଓକିଲ ମଧ୍ୟବର୍ତ୍ତୀକାଳୀନ ତଦନ୍ତ ରିପୋର୍ଟ ଦାଖଲ କରି ପ୍ରଧାନମନ୍ତ୍ରୀ ଶାହବାଜ ଏବଂ ପଞ୍ଜାବର ମୁଖ୍ୟମନ୍ତ୍ରୀ ହାମଜାଙ୍କୁ ଗିରଫ କରିବାକୁ କହିଛନ୍ତି। ଏହି ଘଟଣାରେ ଅଧିକ ତଦନ୍ତ ▶▶ପୃଷ୍ଠା ୭

## ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୨ ପାଳିତ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ଆଜି ସମଗ୍ର ବିଶ୍ୱରେ ସମସ୍ତ ନେତୃମଣ୍ଡଳୀ, ବିଶେଷଜ୍ଞ ଏବଂ ପ୍ରତ୍ୟେକଙ୍କ ମତରେ ଆଜି ସମୟ ଆସିଛି ପୃଥିବୀର ସୁରକ୍ଷା ପାଇଁ ଏବଂ ସେଥିପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡ଼ିବ । ପ୍ରକୃତିର ସୁରକ୍ଷା ପାଇଁ କମ୍ୟୁନିଟି ସ୍ତରରେ ଉଦ୍ୟମ ପ୍ରଶଂସନୀୟ । ଏ ଦିଗରେ ଉଭୟ ବ୍ୟକ୍ତିଗତ ଏବଂ ମିଳିତ ଉଦ୍ୟମର ଆବଶ୍ୟକତା ରହିଛି ବୋଲି ବିଶ୍ୱ ପରିବେଶ ଦିବସ-୨୦୨୨ ପାଳନ ଅବସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ଚଳିତ ବିଶ୍ୱ ପରିବେଶ ଦିବସ ପାଳନର ପ୍ରସଙ୍ଗ ରହିଛି 'ପୃଥିବୀ କେବଳ ଏକ ମାତ୍ର ଜୀବନ ଉପଯୋଗୀ ଗ୍ରହ' । ଆଜି ପୂର୍ବାହ୍ନରେ ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ-୨୦୨୨ ପାଳିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ▶▶ପୃଷ୍ଠା ୭

# ବାଲ୍ୟବିବାହକୁ ରୋକିବା ପାଇଁ ମାଲକାନଗିରିରେ ଚାରି ଲକ୍ଷ ଲୋକଙ୍କୁ ନେଇ ଏକ ବିଶାଳ ଶପଥ ପାଠ

ମାଲକାନଗିରି,୦୫/୦୬ (ନି.ପ୍ର): ଜିଲ୍ଲାରେ ବାଲ୍ୟବିବାହକୁ ରୋକିବା ପାଇଁ ମାଲକାନଗିରି ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ଏକ ୫୦ ଦିନିଆ କାର୍ଯ୍ୟକ୍ରମ ଗତ ୨୯/୩ ତାରିଖ ଠାରୁ ଆରମ୍ଭ ହୋଇଯାଇଅଛି । ଏହି ୫୦ ଦିନିଆ କାର୍ଯ୍ୟକ୍ରମର ଆଜି ୪୬ ତମ ଦିବସ ଅବସରରେ ଜିଲ୍ଲାପାଳ ମାଲକାନଗିରିଙ୍କ ଆଦେଶ କ୍ରମେ ଏକ ସାମୁହିକ ଶପଥପାଠ କାର୍ଯ୍ୟକ୍ରମର ଆୟୋଜନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ଗ୍ରାମ୍ୟସ୍ତର ଠାରୁ ଆରମ୍ଭ କରି ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ସରକାରୀ ଓ ବେସରକାକରୀ କାର୍ଯ୍ୟଳୟ, ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ସମସ୍ତ ଗ୍ରାମମାନଙ୍କରେ ଏହି ଶପଥପାଠ କରାଯାଇଥିଲା । ଜିଲ୍ଲାର ସମସ୍ତ ୧ ୩୨୦ ଅଙ୍ଗନବାଡି କେନ୍ଦ୍ର,୧୧୧ ଟି ଗ୍ରାମପଚାଂୟତ, ୭ ଟି ପଚାଂୟତ ସମିତି, ୭ ଟି ତହସିଲ, ୧୧ ଟି ଥାନା ଏବଂ ସମସ୍ତ ସରକାରୀ ବେସରକାରୀ ବିଦ୍ୟାଳୟ, ଉଚ୍ଚ ବିଦ୍ୟାଳୟ ଠାରେ ଏହି ଶପଥପାଠ କରାଯାଇଥିଲା । ଜିଲ୍ଲାପାଳ ବିଶାଳ ସିଂ, ଜିଲ୍ଲାପାଳଙ୍କ କାର୍ଯ୍ୟଳୟଠାରେ ଉପସ୍ଥିତ ରହି ସମସ୍ତ ଅଧିକାରୀ ଓ ଜନସାଧାରଣ ମାନଙ୍କୁ ଶପଥପାଠ କରାଇଥିଲେ । ଜିଲ୍ଲାରେ ବାଲ୍ୟ ବିବାହକୁ ସମ୍ପୂର୍ଣ ବିଲୋପ କରିବା ପାଇଁ ଏବଂ ଜିଲ୍ଲାର ସମସ୍ତ କିଶୋର ଓ କିଶୋରୀ ମାନଙ୍କୁ ଉଚ୍ଚଶିକ୍ଷା ଲାଭ କରିବାର ସୁଯୋଗ ଦେବା ପାଇଁ ଏକ ସଚେତନତା ସୃଷ୍ଟି କରିବାର ଆହ୍ୱାନ ଆଜିର ଏହି ଶପଥପାଠ ମାଧ୍ୟମରେ କରାଯାଇଥିଲା । ମୋଟ ଜିଲ୍ଲାର ଚାରି ଲକ୍ଷ ଲୋକ ଏହି ବିଶାଳ ଶପଥପାଠ ଉତ୍ସବରେ ଅଂଶଗ୍ରହଣ କରି ଜିଲ୍ଲାର ଇତିହାସରେ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲେ ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ,୦୫/୦୬ (ନି.ପ୍ର): ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଅନ୍ତର୍ଗତ ଅରୁଆଗୋବିନ୍ଦପୁର ସ୍କୁଲ ନିକଟସ୍ଥ ପୋଖରୀରୁ ଆଜି ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି । ଗ୍ରାମର କେତେକ ଲୋକ ଆଜି ସକାଳେ ପୋଖରୀରେ ଗାଧୋଉଥିବା ବେଳେ ଶବଟି ଗୋଡରେ ବାଜିଥିଲା । ପରେ ସେମାନେ ଏନେଇ ବ୍ରହ୍ମଗିରି ଥାନାକୁ ଖବର ଦେଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଂଚି ସମ୍ପୃକ୍ତ ଯୁବକଙ୍କ ମୃତଦେହ ଉଦ୍ଧାର କରିଛି । ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ମୃତ ଯୁବକ ଜଣକ କୋଣାର୍କ ଅଂଚଳର ବୋଲି ଜଣାପଡିଛି । ତେବେ ତାଙ୍କ ମୃତ୍ୟୁର କାରଣ ଅଦ୍ୟାବଧି ଅସ୍ପଷ୍ଟ ରହିଛି ।

# ମାଲକାନଗିରି ଜିଲ୍ଲାର ବିଭିନ୍ନ ସମସ୍ୟା ନେଇ ରାଜ୍ୟପାଳଙ୍କୁ ଭେଟିଲେ ବିଧାୟକ

ମାଲକାନଗିରି,୦୫/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ରହିଥିବା ବିଭିନ୍ନ ସମସ୍ୟା ଉପରେ ବିଧାୟକ ଆଦିତ୍ୟ ମାଢ଼ି ରାଜ୍ୟପାଳଙ୍କୁ ଭେଟି ଦାବି ଉପସ୍ଥାପନା କରିଛନ୍ତି । ଜିଲ୍ଲାରେ ବିଶେଷ କରି ଯେତିକି ଭୌଗଳିକ ସ୍ଥିତି ରହିଛି, ସେଥିରୁ ୭୫ ପ୍ରତିଶତ ଚାଷ ଜମି ରହିଛି । ଏହି ଅଂଚଳର ଲୋକେ ଅତି ଗରିବ ଶ୍ରେଣୀର ହୋଇଥିବାରୁ ଚାଷ କରିବା ପାଇଁ ସେମାନଙ୍କ ପାଖରେ ସେତିକି ସମ୍ବଳ ନାହିଁ । ଜୀବନଜୀବିକା ଦୁର୍ବିସହ ହୋଇପଡିଛି । ଜିଲ୍ଲାରେ ବାସ କରୁଥିବା ୬ ଲକ୍ଷ ଲୋକଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଆଦିବାସୀ ଶ୍ରେଣୀର । ଓଡିଶାର ସବୁଠାରୁ ଅନୁନ୍ନତ ଜିଲ୍ଲା ମଧ୍ୟରେ ମାଲକାନଗିରି ଅନ୍ୟତମ । ଜିଲ୍ଲାରେ ଆଜି ବି ଗାଁକୁ ଗାଁ ମଧ୍ୟରେ ରାସ୍ତା ନାହିଁ । ଲୋକେ ଏବେ ବି ପାଦରେ ଚାଲି ଚାଲି ମାଇଲ ମାଇଲ ବାଟ ଯାଉଛନ୍ତି । ଜିଲ୍ଲାକୁ ରେଳପଥ ଆଜି ପର୍ଯ୍ୟନ୍ତ ଛୁଇଁ ପାରିନାହିଁ । ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଥିବା ବେଳେ ଲୋକେ ଆନ୍ଧ୍ରପ୍ରଦେଶ ଉପରେ ନିର୍ଭର କରୁଛନ୍ତି । ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ନକହିବା ଭଲ । ଏଠାରେ ଦକ୍ଷତା ବୃଦ୍ଧି ନେଇ ସେଭଳି କୌଣସି ଅନୁଷ୍ଠାନ ନାହିଁ । ବହୁ ବେକାର ଯୁବକଯୁବତୀ ଏଠାରେ ଦାଦନ ଖଟିବାକୁ ବାଧ ହେଉଛନ୍ତି । ଜିଲ୍ଲା ମାଓବାଦୀ ଅଂଚଳ ହୋଇଥିବାରୁ ଏଠାରେ ଥିବା ମୂଲ୍ୟବାନ ଧାତୁ ଏବଂ ଖଣିକୁ ଉତ୍ପାଦନ କରିବା ପାଇଁ କୌଣସି କମ୍ପାନୀ ଫ୍ୟାକ୍ଟ୍ରୀ କରି ଲୋକଙ୍କୁ କାମଧନ୍ଦା ଯୋଗାଇବା ପାଇଁ ମନ ବଳାଉ ନାହାନ୍ତି । ଶିଳ୍ପ ଖୋଲିବା ପାଇଁ ବାରମ୍ବାର ଟେଣ୍ଡର ଆହ୍ୱାନ କରାଯାଉଥିଲେ ମଧ୍ୟ କେହି ଆସିବାକୁ ନାରାଜ ହେଉଛନ୍ତି । ଜିଲ୍ଲାରେ ଅଶିକ୍ଷିତଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ଶିଶୁ ମୃତ୍ୟୁହାର ବଢ଼ିବାରେ ଲାଗିଛି । ଯୋଗାଯୋଗର ସୁବ୍ୟବସ୍ଥା ନଥିବାରୁ ବହୁ ରୋଗୀ ଅକାଳରେ ଜୀବନ ହାରୁଛନ୍ତି । ଆର୍ଥିକ ସମ୍ବଳ ନଥିବାରୁ ଲୋକେ ବାହାରକୁ ନେଇ ରୋଗୀଙ୍କୁ ଚିକିତ୍ସା କରାଇ ପାରୁନାହାନ୍ତି । ଜିଲ୍ଲାରେ ଏକ ମେଡିକାଲ ହେଲା ସତ, କିନ୍ତୁ ସେଠାରେ ଡାକ୍ତରଙ୍କର ଘୋର ଅଭାବ ରହିଛି । ଜିଲ୍ଲାର ବହୁ ନୀରିହ ଆଦିବାସୀ ପୁଲିସର ଶିକାର ହେବା ସହ ଗୁଣି ଗାରେଡି ଉପରେ ବିଶ୍ୱାସ କରୁଛନ୍ତି । ବିଦ୍ୟୁତ ସେବା ସବୁଠାରୁ କଦର୍ଯ୍ୟ ହୋଇଯାଇଥିବା ବେଳେ ଏହାକୁ ଉନ୍ନତମାନର କରିବା ଦରକାର ପଡିଛି । ମୁଁ ଜଣେ ବିରୋଧୀ ଦଳର ବିଧାୟକ ହୋଇଥିବାରୁ ଶାସକ ଦଳ ମୋ ଦାବିକୁ ମାନୁନଥିବା ସେ ରାଜ୍ୟପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲ୍ଲାରେ ଶିଳ୍ପ, ରେଳପଥ, ରାସ୍ତା, ବିଦ୍ୟୁତ ସହ ପାନୀୟ ଜଳ ଇତ୍ୟାଦି ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି । ଏହି ଆଲୋଚନା କାଳରେ ବିଧାୟକଙ୍କ ସହ ମାଲକାନଗିରି ବିଧାୟକ ପ୍ରତିନିଧି ନବଘନ ଲୋକେଇ ଉପସ୍ଥିତ ରହିଥିଲେ ।

# ବଲାଙ୍ଗିରରେ ଶୀତଳ ଷଷ୍ଠୀ : ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ବାବା- ମାତା ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ

ବଲାଙ୍ଗିର,୦୫/୦୬ (ନି.ପ୍ର): ଶ୍ରୀ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଉପଲକ୍ଷେ ଉତ୍ସବ ମୁଖର ହୋଇଉଠିଛି ବଲାଙ୍ଗୀର । ଗତକାଲି ଜୈଷ୍ଠ ଶୁକ୍ଳ ପକ୍ଷ ପଚଂମୀ ତିଥିରେ ମାତା ପାର୍ବତୀଙ୍କ ସହିତ ବାବା ଚନ୍ଦ୍ରଶେଖରଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇଯାଇଛି । ସଂଧ୍ୟା ୭ ଟା ମଧ୍ୟରେ ବରାନୁଗମନ ଓ ରାତ୍ରି ୧୨ଟା ୪୬ ମିନିଟ୍ ରେ ମାତା ପାର୍ବତୀ ଏବଂ ଚନ୍ଦ୍ର ଶେଖର ବାବାଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା । ବରପକ୍ଷ ଭାବରେ କଂସାରୀ ପଡା ପୂଜା କମିଟିର ସୁବାସ ଚନ୍ଦ୍ର ସାହୁ ତଥା ସବିତା ସାହୁ ରହିଥିବା ବେଳେ କନିଆଁ ପକ୍ଷ ରାଧାରାଣୀ ପଡା ଅମିତ୍ ଗର୍ଗ ତଥା ରିତୁ ଗର୍ଗ ରହିଥିଲେ । ଏହି ବିବାହ ଉତ୍ସବର ବଶମ୍ବଦ ଭାବରେ ସ୍ୱର୍ଗତ ବିରବଲ ପ୍ରସାଦ ଅଗ୍ରୱାଲ୍ ଓ ପଦ୍ମାଦେବୀ ଅଗ୍ରୱାଲ୍ ରହିଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ବରାନୁଗମନ ସମୟରେ । ଆସନ୍ତା ୬ ତାରିଖ ପ୍ରାତଃ ୫ଟା ୧୫ ମିନିଟ୍ ରେ ଶୀତଳ ଷଷ୍ଠୀ ଯାତ୍ରା ସହ ମାତା ପାର୍ବତୀ ଓ ବାବା ଶ୍ରୀ ଶ୍ରୀ ଚନ୍ଦ୍ରଶେଖର ବାବାଙ୍କ ବିଦାୟ ସମାରୋହ କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ଏହି ସମସ୍ତ କାର୍ଯ୍ୟକ୍ରମ ପ୍ରକାଶ ଚନ୍ଦ୍ର କେଜରିୱାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ବାବାଙ୍କ ଦର୍ଶନ ଓ ଆଶୀର୍ବାଦ ପାଇଁ ହଜାର ହଜାର ସଂଖ୍ୟାରେ ଭକ୍ତ ଭିଡରେ ଦେବ ଦେବ ମହାଦେବ ଚନ୍ଦ୍ରଶେଖର ବାବାଙ୍କ ଯାତ୍ରା ଉତ୍ସବକୁ ଲୋକେ ଉପଭୋଗ କରୁଥିଲେ ।

# ଆଇଟିଡିଏ ପକ୍ଷରୁ ଆଦିବାସୀଙ୍କୁ ମାଗଣା ଅଦା ବିହନ ପ୍ରଦାନ

କନ୍ଧମାଳ,୦୫/୦୬ (ନି.ପ୍ର): ଫୁଲବାଣୀ ଆଇଟିଡିଏ ପକ୍ଷରୁ କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, ଫୁଲବାଣୀ ଓ ଖଜୁରୀପଡ଼ା ବ୍ଲକ ଅଞ୍ଚଳର ଆଦିବାସୀ ଚାଷୀମାନଙ୍କୁ ସ୍ୱାବଲମ୍ବୀ କରିବାପାଇଁ ଶନିବାର ଫିରିଙ୍ଗିଆରେ ମାଗଣା ଅଦା ବିହନ ପ୍ରଦାନ କରାଯାଇଛି । ଏ ସବୁ ଅଞ୍ଚଳର ୨୮୭ ଜଣ ଚାଷୀଙ୍କୁ ୨୪ ଟନ ଉତ୍କୃଷ୍ଟ ଅଦା ବିହନ ପ୍ରଦାନ କରାଯାଇଛି । ଅଦା ଏକ ଲାଭଜନକ ଫସଲହୋଇଥିବା ଦୃଷ୍ଟିରୁ ଓ ଏହି ଚାଷ ପାଇଁ ଏ ସବୁ ବ୍ଲକ ଅଞ୍ଚଳର ଜଳବାୟୁ ବେଶ ଅନୁକୂଳ ହୋଇଥିବାରୁ ବିଭାଗ ପକ୍ଷରୁ ଚଳିତ ୨୦୨୨/୨୩ରେ ଅଦାବିହନ ପ୍ରଦାନ କରାଯାଇଥିଲା ବୋଲି ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ର କୁମାର ଦାସ କହିଛନ୍ତି । ଚାଷୀମାନେ ମଧ୍ୟ ଖୁସିରେ ଅଦା ବିହନ ନେଇ ଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମିଶନ ଜୀବିକା ପ୍ରୋଜେକ୍ଟ ମେନେଜର ପି. ମୁରଲି ମୋହନ, ବିଷୟ ବିଶାରଦ ଶୁଭଶ୍ରୀ ମହାନ୍ତି ଓ ଜୀବିକା ବିଶେଷଜ୍ଞ ବୈଦ୍ୟନାଥଖଟୁଆ ପ୍ରମୁଖ ଯୋଗ ଦେଇ ଚାଷ ଓ ବିକ୍ରିବଟା ସମ୍ପର୍କରେ ଚାଷୀମାନଙ୍କୁ ଉଚିତ ମାର୍ଗ ଦର୍ଶନ ଦେଇଥିଲେ । ପ୍ରକଳ୍ପ ପ୍ରଶାସକ ବିରେନ୍ଦ୍ରଦାସଙ୍କର ଆନ୍ତରିକ ଉଦ୍ୟମ, ଆଗ୍ରହ ଯୋଗୁ ଏହି ୩ଟି ବ୍ଲକ ଅଞ୍ଚଳର ଶତାଧିକ ମହିଳା ଏସଏଚଜି ମାନଙ୍କୁ ଆତ୍ମନିର୍ଭରଶୀଳ କରିବାପାଇଁ ମାଛ ଚାଷ, କୁକୁଡ଼ା ପାଳନ, ଛତୁ ଚାଷ, ଆଦି କରିବାପାଇଁ ଆର୍ଥିକ ଅନୁଦାନ ଯୋଗାଇ ଦେଇଥିବାରୁ ଅଞ୍ଚଳବାସୀ ବେଶ ଖୁସି ଥିବା କହିଛନ୍ତି ।

# କନ୍ଦରାଭଟାରେ ଶୀତଳ ଷଷ୍ଠୀ ପାଳିତ

ବଲାଙ୍ଗୀର,୦୫/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଂଚାୟତ କନ୍ଦରାଭଟ୍ଟା ମନ୍ଦିର ପ୍ରାଙ୍ଗଣରେ ପାଳିତ ହେଲା ଶୀତଳ ଷଷ୍ଠୀ ଯାତ୍ରା ଓ ଶିବ ବିବାହ ଉତ୍ସବ । ଦୀର୍ଘ ଦୁଇ ବର୍ଷ ଧରି କରୋନା ମହାମାରୀ ହେତୁ ମନ୍ଦିର ବନ୍ଦ ଥିବା ବେଳେ ସମସ୍ତ ପୂଜାପାଠ ବନ୍ଦ ରହିଥିଲା । ଏ ବର୍ଷ କରୋନା କଟକଣା ନଥିବା ଯୋଗୁଁ ଧୁମଧାମରେ ପାଳିତ ହେଉଛି ଶୀତଳଷଷ୍ଠୀ ତଥା ଶିବ ବିବାହ । ବାବା ତ୍ରିଲିଙ୍ଗେଶ୍ୱର ମନ୍ଦିର କମିଟିର ପୂଜକ ଉଦ୍ଧବ ଚାନ୍ଦ ପୂଜା ଅର୍ଚ୍ଚନା କରୁଥିବା ବେଳେ ପ୍ରାଙ୍ଗଣରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିବା ଦେଖାଯାଇଛି ।ଅନେକ ପର୍ଯ୍ୟଟକ ପ୍ରକୃତିକ ଝରଣାର ସ୍ନାନ ମଜା ନେଉଥିବା ବେଳେ ଶିବ ଏବଂ ପାର୍ବତୀ ଙ୍କ ବିବାହ ଶେଷ ପର୍ଯ୍ୟାୟରେ ଉପନୀତ ସାଂସ୍କୃତିକ ମନରଞ୍ଜନ ନାଚ ଗୀତ ବାଦ୍ୟ ତାଳେ ତାଳେ, ଘୋଡା ନାଚ ଶହ ଘୁମୁରା ମାନ୍ଦଲ ମହୁରୀ ବାଦ୍ୟ ସମସ୍ତଙ୍କ ମନ କିଣି ନେଇଛି । ଦୂରଦୂରାନ୍ତରୁ ଆସିଥିବା ଶ୍ରଦ୍ଧାଳୁଙ୍କ ପାଇଁ ଆନନ୍ଦ ବଜାର ରେ ଭୋଜି ଭାତ ମଧ୍ୟ ହୋଇଥିଲା ଏବଂ ଖୁବ ସୁରୁଖୁରୁରେ ପାଳିତ ହୋଇଥିଲା । ସଂକ୍ରାନ୍ତି କମିଟିର ସଭାପତି ଶଶୀଭୁଷଣ ପୂଝରୀଙ୍କ ନେରୁତ୍ୱରେ ପାଳନ ହୋଇଥିବା ଏହି ପବିତ୍ର ଶିବ ବିବାହ ଉତ୍ସବରେ ବେଳେ ସାଧୁ ଚରଣ ମେହେର, ରୋହିତ ମେହେର, ପହ୍ଲାଦ ଚାନ୍ଦ, ମହେନ୍ଦ୍ର ଭୋଇ,ଲୋଚନ ମେହେର,ବିପ୍ର ବିଶି ଉଦ୍ଧବ ସାହୁ,ସୁରୁବାବୁ ମାଝୀ, ଜେନା ବାବୁ ପ୍ରମୁଖ ସଂକ୍ରାନ୍ତି କମିଟିର ସଦସ୍ୟ ଅଂଶ ଗ୍ରହଣ କରିଥିଲେ ।

# ଭୁବନେଶ୍ୱରରେ ୯ ତାରିଖର ଶିକ୍ଷକ ରାଲିକୁ ବ୍ୟାପକ କରିବାକୁ ପ୍ରସ୍ତୁତି ବୈଠକ

କେନ୍ଦୁଝର,୦୫/୦୬ (ନି.ପ୍ର): ଶିକ୍ଷକ ଓ କର୍ମଚାରୀଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ କରାଯାଇଥିବା ବିଖଣ୍ଡିତ, ଅଗ୍ରହଣୀୟ, ଅସ୍ୱୀକାର୍ଯ୍ୟ ସପ୍ତମ ବେତନ ପ୍ରଦାନକୁ ପ୍ରତିବାଦ ଜଣାଇ ଆଗାମୀ ୯ ତାରିଖରେ ଭୁବନେଶ୍ୱର ମାଷ୍ଟର କ୍ୟାଂଟିନ ଛକରେ ହେଉଥିବା ବିଶାଳ ଶିକ୍ଷକ କର୍ମଚାରୀ ସମାବେଶରେ କେନ୍ଦୁଝର ଜିଲ୍ଲାର ବହୁଳ ଶକ୍ତି ପ୍ରଦର୍ଶନ କରିବା ସକାଶେ ଏକ ପ୍ରସ୍ତୁତି ବୈଠକ ଓଷ୍ଟା କେନ୍ଦୁଝର ସଭାପତି ରଘୁନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଜିଲ୍ଲା ଓଷ୍ଟା, ଅଲୋଷ୍ଟା, ମାଦ୍ରାସା, ସଂସ୍କୃତ ଟୋଲ, ମହାବିଦ୍ୟାଳୟ କର୍ମଚାରୀ ସଂଘର ଶତାଧିକ ସାଥି ଅଂଶଗ୍ରହଣ କରି ଶିକ୍ଷକ ଓ କର୍ମଚାରୀ ମାନଙ୍କ ପ୍ରତି ସରକାରୀ ଉଦାସୀନତା ତଥା ବୈମାତୃକ ମନୋଭାବ ଓ ଶୋଷଣଶାହୀ କାର୍ଯ୍ୟକ୍ରମ ବିରୋଧରେ କ୍ଷୋଭ ପ୍ରକାଶ କରିବା ସହିତ ୯ ତାରିଖର ଭୁବନେଶ୍ୱର ସମାବେଶକୁ ଅଧିକ ସଫଳ କରିବାକୁ ନିଜ ନିଜର ଯୋଜନା ବିଷୟରେ ଆଲୋକପାତ କରିଥିଲେ । ରାଜ୍ୟ ଓଷ୍ଟାର କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସାହୁ, ସଂପାଦକ କାହ୍ନୁଚରଣ ସାମଲ, ଜିଲ୍ଲା ଓଷ୍ଟାର ସଂପାଦକ ପ୍ରଶାନ୍ତ କୁମାର ମିଶ୍ର, ଉପଦେଷ୍ଟା କ୍ଷୀରୋଦ କୁମାର ରାଉତ, କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ମହାନ୍ତ, ଉପସଭାପତି ମନ୍ମଥ ମହାନ୍ତ ଓ ପୁଷ୍ପାଞ୍ଜଳୀ ମିଶ୍ର, ଯୁଗ୍ମ ସଂପାଦକ ଜ୍ଞାନେନ୍ଦ୍ର କୁମାର , ଅଲୋଷ୍ଟାର ଜିଲ୍ଲା କାର୍ଯ୍ୟକାରୀ ସଭାପତି ଲକ୍ଷ୍ମୀଧର ସାହୁ, ୬୬୨ ବର୍ଗ ମହାବିଦ୍ୟାଳୟର ଜିଲ୍ଲା କର୍ମଚାରୀ ସଂଘର ଜିଲ୍ଲା ସଂପାଦକ ରଞ୍ଜନ କୁମାର ପରିଡା, ମାଦ୍ରାସା ଶିକ୍ଷକ ସଂଘର ମହମ୍ମଦ ମୋଦାସିର ନାଜର ପ୍ରମୁଖ ସରକାରଙ୍କ ଶିକ୍ଷକ ମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂପାଦକ ସୁଶାନ୍ତ କୁମାର ବେହେରା, ଲକ୍ଷ୍ମୀଧର ମହାନ୍ତ, ବସନ୍ତ କୁମାର କର, ମନୋଜ କୁମାର ପଣ୍ଡା, ଜଗବନ୍ଧୁ ମହାନ୍ତ, ବିଷ୍ଣୁଚରଣ ସାମଲ, ଅଜ୍ଞାନ କୁମାର ଚାନ୍ଦ, ଡମ୍ବରୁଧର ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ ।

# ଭେଜାଙ୍ଗିବାଡା ଅଂଚଳରୁ ଟିଫିନ ବମ ଓ ଚାରି ବ୍ୟାଗ ଜିଲୋଟିନ ଉଦ୍ଧାର

ମାଲକାନଗିରି,୪ ଜୁନ (ହି. ସ.)-ମାଲକାନଗିରି ଜିଲ୍ଲା କାଲିମେଳା ଥାନା ଅନ୍ତର୍ଗତ ବେଜାଙ୍ଗିୱାଡା ପଂଚାୟତ ଏମ ପିଭି ୨୧ ଠାରେ ମାଓବାଦୀ ଦମନ ପାଇଁ ମୁତୟନ ହୋଇଥିବା ୭୬ ବାଟାଲିୟନର । ସୀମାନ୍ତ ସୁରକ୍ଷା ବାହିନୀ ଏବଂ ଜିଲ୍ଲା ପୋଲିସ୍ ଅପରେସନ୍ ପାର୍ଟି ମିଳିତ ଭାବେ ବେଜାଙ୍ଗିୱାଡା ଜଙ୍ଗଲ ପାଦଦେଶରେ ସର୍ଚ୍ଚ ଅପେରସନ କରୁଥିବା ବେଳେ ଟେକଗୁଡା ଓ ଦୁଲାଗୁଣ୍ଡି ନିକଟ ଏକ ପଥର ଖଣ୍ଡରୁ ଗୋଟିଏ ଅସ୍ତ୍ରହୀନ ଟିଫିନ୍ ବମ ଏବଂ ୦୪ ବ୍ୟାଗ ଜେଲାଟିନ୍ ବାଡି ଉଦ୍ଧାର କରିଛନ୍ତି । ଏହି ଅଞ୍ଚଳର ସୁରକ୍ଷା ବାହିନୀ ସର୍ବଦା ସଜାଗ ରହି ସ୍ଥାନୀୟ ବାସିନ୍ଦାଙ୍କ ସେବାରେ ଅଛନ୍ତି । ଏହି ପ୍ରୟାସ ନିର୍ଶ୍ଚିତ ଭାବରେ ମାଓବାଦୀ ସହୃଦୟ ବ୍ୟକ୍ତିଙ୍କୁ ବିମୁଦ୍ରୀକରଣ କରିବ ଏବଂ ସୁରକ୍ଷା ବାହିନୀ ପାଇଁ ଜନସାଧାରଣଙ୍କ ସମର୍ଥନ ମିଳିଛି । କାଲିମେଳା ଅଞ୍ଚଳ ଏକଦା ମାଓବାଦୀ ଆଡ୍ଡା ସ୍ଥଳି ଥିଲା ଏବଂ ବେଜାଙ୍ଗିୱାଡା ଜଙ୍ଗଲ ମାଓବାଦୀ ଏବଂ ସେମାନଙ୍କ ସହୃଦୟ ବ୍ୟକ୍ତିଙ୍କ ଲୁଚି ରହୁଥିଲେ । ମାଓବାଦୀମାନେ ଏହି ଅଞ୍ଚଳରେ ବମ , ବିସ୍ଫୋରକ ସାମଗ୍ରୀ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସାମଗ୍ରୀ ଲୁଚାଇ ରଖୁଥିଲେ, ଯାହାକି ସେମାନେ ସାଧାରଣତ ଏହି ଅଞ୍ଚଳରେ କାର୍ଯ୍ୟ କରୁଥିବା ସୁରକ୍ଷା ବାହିନୀ ବିରୁଦ୍ଧରେ ବ୍ୟବହାର କରୁଥିଲେ !

# ଜାତୀୟ ପେନସନ୍ ସ୍କିମ୍ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କ ଫ୍ୟାମିଲି ପେନସନ୍ ବିଷୟରେ ତାଲିମ୍

ଛତ୍ରପୁର, ୪ ଜୁନ୍ (ହି.ସ.)- ଆଜି ପୂର୍ବାହ୍ନରେ ଜିଲ୍ଲା ଟ୍ରେଜେରୀ ଗଞ୍ଜାମଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜାତୀୟ ପେନସନ୍ ସ୍କିମ୍ ଅଧିନରେ କାର୍ଯ୍ୟରତ କର୍ମଚାରୀଙ୍କ ଫ୍ୟାମିଲି ପେନସନ୍ ବିଷୟରେ ଟ୍ରେଜେରୀ ଅଧିକାରୀ ଭାଗ୍ୟଧର ମଲ୍ଲିକ ସମସ୍ତ ବିଭାଗର କର୍ମଚାରୀ ମାନଙ୍କୁ ତାଲିମ୍ ପ୍ରଦାନ କରିବା ସହ ଏନ୍.ପି.ଏସ୍. ଅଧିନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏହା ସରକାରଙ୍କର ଏକ ଜନହିତୈଷୀ ଓ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଇଂ. ଅଶୋକ କୁମାର ସେନାପତି ଏବଂ ଟି. ସୌଜନ୍ୟା ରାଓ ତାଲିମ୍ ପ୍ରଦାନରେ ତାଙ୍କୁ ସହାୟତା କରିବା ସହ ଜାତୀୟ ପେନସନ୍ ସ୍କିମ୍ ଅଧିନରେ କାର୍ଯ୍ୟରତ କର୍ମଚାରୀ ମାନେ କିପରି ଓ.ସି.ଏସ୍. ପେନସନ୍ ରୁଲ୍ ୧୯୯୨ ର ସୁବିଧା ପାଇପାରିବେ ସେ ବିଷୟରେ ସମସ୍ତ କର୍ମଚାରୀ ମାନଙ୍କୁ ପ୍ରାଞ୍ଜଳଭାବେ ବୁଝାଇଥିଲେ । ଯଦି କୈାଣସି କର୍ମଚାରୀ କୌଣସି ବିଷୟରେ ବୁଝି ନପାରିଲେ ତେବେ ସିଧାସଳଖ ଦେଖାକରି ତାଙ୍କୁ ପଚାରି ବୁଝିବାକୁ ଶ୍ରୀ ମଲ୍ଲିକ ପରାମର୍ଶ ଦେଇଥିଲେ । ବାଳକୃଷ୍ଣ ପଣ୍ଡା, ଆକାଉଟାଂଟ ଓ ଦିଲ୍ଲୀପ କୁମାର ପଟ୍ଟନାୟକ ଆକାଉଟାଂଟ ଏହି ତାଲିମ୍ କାର୍ଯ୍ୟକ୍ରମ ପରିଚାଳନା କରିବା ସହ ସମସ୍ତ ପ୍ରକାର ସହଯୋଗ କରିଥିଲେ ।

# ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ରୁପା, ପିତଳ ସାମଗ୍ରୀ ଚୋରି

ମୁଖୀଗୁଡା,୦୫/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ମୁଖୀଗୁଡା ଜଗନ୍ନାଥ ମନ୍ଦିରରୁ ଲକ୍ଷାଧିକ ଟଙ୍କାର ରୁପା ଅଳଙ୍କାର, ପିତଳ ସାମଗ୍ରୀ, ହୁଣ୍ଡିରେ ଥିବା ଟଙ୍କା ଗତ ରାତିରେ ଚୋରି ହୋଇଥିବା ଜଣାପଡିଛି । ଆଜି ଭୋର ପ୍ରାୟ ୫ଟା ୩୦ ମିନିଟ ସମୟରେ ମନ୍ଦିର ପୂଜକ ମନ୍ଦିରରେ ପହଂଚିବା ପରେ ଦେଖିବାକୁ ପାଇଲେ ଯେ, ମନ୍ଦିର ଦକ୍ଷିଣ ଦ୍ୱାର ତାଲା ଭଙ୍ଗା ଯାଇଛି । ପରେ ସେ ଦେଖିବାକୁ ପାଇଲେ ଯେ ହୁଣ୍ଡିର ତାଲା ଭଙ୍ଗା ଯାଇଛି । ଭଗବାନଙ୍କ ତିନୋଟି ରୁପା ମୁକୁଟ ସହ ଅଂଟା ପାଟିଆ, ପୂଜା ପାଇଁ ବ୍ୟବହାର କରାଯାଉଥିବା ପିତଳ ସାମଗ୍ରୀ ଚୋରି ହୋଇଯାଇଛି । ଏନେଇ ସେ ମନ୍ଦିର ପରିଚାଳନା କମିଟିକୁ ଜଣାଇବା ପରେ ମୁଖୀଗୁଡା ଫାଣ୍ଡି ଅଧିକାରୀଙ୍କୁ ସୂଚନା ଦିଆଯାଇଛି । ହୁଣ୍ଡି ରେ ପ୍ରାୟ ୩୦ରୁ ୪୦ ହଜାର ଟଙ୍କା ଥିବା ଅନୁମାନ କରାଯାଉଛି । ସେହିପରି ଚୋରି ସାମଗ୍ରୀର ମୂଲ୍ୟ ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ ହେବ ବୋଲି ଆକଳନ କରାଯାଇଛି ।

## କଳାହାଣ୍ଡି ସାଂସଦ ବସନ୍ତ ପଣ୍ଡାଙ୍କ ସାମ୍ବାଦିକ ସମ୍ମିଳନୀ

ନୂଆପଡ଼ା,୦୫/୦୬ (ନି.ପ୍ର): ନୂଆପଡା ଜିଲ୍ଲା ସଦର ମହକୁମା ସ୍ଥିତ ଭାରତୀୟ ଜନତା ପାର୍ଟି କାର୍ଯ୍ୟାଳୟ ଠାରେ କଳାହାଣ୍ଡି ସାଂସଦ ବସନ୍ତ କୁମାର ପଣ୍ଡା କେନ୍ଦ୍ର ବସରକାରଙ୍କ ଆଠ ବର୍ଷ ପୂର୍ତ୍ତି ଅବସରରେ ସରକାରଙ୍କ ଉପଲବ୍ଧି କହିଥିଲେ । ସରକାର ଗଠନ । ମେ ୨୬ ତାରିଖ ୨୦୧୪ ବର୍ଷ ପରେ ନରେନ୍ଦ୍ର ମୋଦି ସରକାର ଗଠନ ହୋଇ ଆଠ ବର୍ଷ ପୂର୍ତ୍ତି ହୋଇଛି । ଏହି ଆଠ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ବିକାଶ ମୂଳକ ପଦକ୍ଷେପ ଏବଂ ବିକାଶମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଛନ୍ତି । ଏହି ବୈଠକ ରେ ଜିଲ୍ଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ପ୍ରଶଂନ୍ନ ପାଢ଼ୀ ଯୋଗ ଦେଇଥିଲେ ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ବୈଠକ

ଜୟପୁର,୦୫/୦୬ (ନି.ପ୍ର): ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ କଲ୍ୟାଣ ସମିତି ବେଠକ ଅନୁଷ୍ଠିତ ହୋଇଛି । ଚିକିତ୍ସାଳୟର କନଫେରନସ ହଲରେ ଅନୁଷ୍ଠିତ ହୋଇଛି । ଏହି ବୈଠକରେ କୋରାପୁଟ ଏମପି ସପ୍ତଗିରି ଶଙ୍କର ଉଲ୍ଲକା ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର, ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବିହନ ନିଗମ ଅଧ୍ୟକ୍ଷ ଇଶ୍ୱର ଚନ୍ଦ୍ର ପାଣିଗ୍ରାହୀ, କୋରାପୁଟ ବିଧାୟକ ରଘୁ ରାମ ପାଡାଲ ପ୍ରମୁଖ ଉପସ୍ଥିତ ଥିଲେ । ଚିକିତ୍ସାଳୟ ସମ୍ମୁଖରେ ସାଇନ ବୋର୍ଡ ଲଗାଇବା, ନୁଆ ରକ୍ତ ଭଣ୍ଡାର ନିର୍ମାଣ କରିବା, ଦୁଇ ଚକିଆ ଓ ଚାରି ଚକିଆ ପାର୍କି ସେଡ, ମହାପ୍ରୟାଣ ଗାଡିରେ ରଙ୍ଗ କରିବା, ନୁଆ ବିଏଲଏସ ଆମ୍ବୁଲାନ୍ସ ଯୋଗାଇବା, ସୋଲାର ଲାଇଟ ଷ୍ଟିମର ବ୍ୟବସ୍ଥା କରିବା, ହାଇ ଭଲଟେଜର ଟ୍ରାନସଫମର ଲଗାଇବା, ସହରାଂଚଳରୁ ଜିଲା ଚିକିତ୍ସାଳୟକୁ ୧୧ କେଭି ବିଦ୍ୟୁତ କରଣର ବ୍ୟବସ୍ଥା, ଚିକିତ୍ସାଳୟରେ ପାଇପ ଯୋଗେ ପାନିୟ ଜଳର ବ୍ୟବସ୍ଥା, ଶବ ଭ୍ୟବଛେଦ ଗୃହ ନିର୍ମାଣ, ଚିକିତ୍ସାଳୟରେ ପରିସରରେ ପୋଲିସ ଫାଣ୍ଡି ସ୍ଥାପନ ନୂତନ ପ୍ରଶାସନିକ ଭବନ କାଯ୍ୟକ୍ଷମ କରିବା ସହ ଆୟ ବ୍ୟୟ ହିସାବ ଆଲୋଚନା କରାଯାଇଥିଲା । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ଙ୍କ ଉପସ୍ଥିତିରେ ହସପିଟାଲ ଇନଫରମେସନ ମେନେଜମେଣ୍ଟ ସିଷ୍ଟମକୁ ଉଦଘାଟନ କରିଥିଲେ । ସିଟି ସ୍କାନ, ଏଣ୍ଡୋରସ୍କପି ଫେସିଲିଟି, ଏନଆରସି, ନୁତନ ଅଲଟ୍ରାସାଉଣ୍ଡ ମେସିନ ସହ ସୋନୋଲୋଜିଷ୍ଟ, ଆଇସିୟୁ ଫେସିଲିଟି ରକ୍ତ ଭଣ୍ଡାର ଆଦି ଜନସାଧାରଣଙ୍କ ଦାବୀ ରହିଥିବା ବୈଠକରେ ଅଲୋଚନା କରିଥିଲେ । ବୈଠକରେ ରବିନ୍ଦ୍ର ନାଥ ମିଶ୍ର, ରାମ ଚନ୍ଦ୍ର୍ ମାହନ୍ତି, ରୁପସି ନାୟକ ସହ ନବରଙ୍ଗପୁର ଏମପି ପ୍ରତିନିଥି, ପଟାଙ୍ଗି , କୋଟପାଡ, ଲକ୍ଷ୍ମୀପୁର ବିଧାୟକଙ୍କ ପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ମାମଲା, ଜଣେ ଗିରଫ

ଜୟପୁର,୦୫/୦୬ (ନି.ପ୍ର): ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ ଅଭିଯୋଗରେ ଜଣକୁ ଗିରଫ କରିଛି ଜୟପୁର ମହିଳା ପୋଲିସ । ଗିରଫ ଅଭିଯୁକ୍ତ ଜଣକ ହେଲା ଜୟପୁର ସଦର ଥାନା ଅନ୍ତର୍ଗତ ଗରଡୁଗୁଡାର ବୁଡୁ ହରିଜନ । ପୋଲିସର ସୂଚନା ଅନୁଯାୟୀ ଜଣେ ନାବାଳିକାକୁ ଗତ ୨୫ ତାରିଖରେ ଅପହରଣ ହୋଇଥିବା ନେଇ ଜୟପୁର ମହିଳା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ପାଇ ମହିଳା ପୋଲିସ ୬୬/୨୨ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତରେ ଜାଣି ବୈପାରିଗୁଡା ଅଂଚଳରୁ ନାବାଳିକାକୁ ଉଦ୍ଧାର କରିବା ସହ ଯୁବକକୁ ଗିରଫ କରିଛି । ନାବାଳିକା ଓ ଅଭିଯୁକ୍ତର ଡାକ୍ତରି ମାଇନା କରାଯାଇ ନାବାଳିକାକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ବେଳେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ମହିଳା ଥାନା ଅଧିକାରି ମମତା ପାଣିଗ୍ରାହୀ ସୂଚନା ଦେଇଛନ୍ତି ।

# ୩୫ ଲିଟର ଦେଶୀ ମଦ, ୭ କ୍ୱିଂଟାଲ ମହୁଲ ଫୁଲ ଜବତ : ୨ ଗିରଫ

ବଲାଙ୍ଗିର,୦୫/୦୬ (ନି.ପ୍ର): ପାଟଣାଗଡ଼ ଅବକାରୀ ବିଭାଗ ପୃଥକ୍ ପୃଥକ୍ ସ୍ଥାନରେ ଚଢଉ କରି ରନ୍ଧା ମହୁଲି ମଦ ସହ ମହୁଲ ଫୁଲ ଜବତ କରିବା ସହ ଘଟଣାରେ ଦୁଇ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଲରମ୍ଭା ଥାନା ଗଡିଆଜୋର ଗାଁ ମେଘ ମେହେର (୪୦) ଓ ଅଏଁଲାତୁଙ୍ଗା ଗ୍ରାମର କୃଷ୍ଣ ବରିହା (୪୩) । ମେଘ ଓ କୃଷ୍ଣ ମହୁଲି ମଦ ରାନ୍ଧି ବିକ୍ରି କରି ଆସୁଥିଲେ । ଏନେଇ ଅବକାରୀ ବିଭାଗ ଅଧିକାରୀ କୌଣସି ସୂତ୍ରରୁ ଖବର ପାଇ ଅବକାରୀ ଉପନୀରିକ୍ଷକ ବିଶ୍ୱନାଥ ପରିଡ଼ାଙ୍କ ନେତୃତ୍ୱରେ ଏକ ଦଳ ସନ୍ଧ୍ୟାରେ ଦୁଇ ଜଣଙ୍କ ଘରେ ଚଢ଼ଉ କରିଥିବା ବେଳେ ମେଘଙ୍କ ଘରୁ ୭ କ୍ୱିଂଟାଲ ମହୁଲ ଫୁଲ ସହ ୧୫ ଲିଟର ରନ୍ଧା ମଦ ଓ କୃଷ୍ଣଙ୍କ ଘରୁ ୨୦ ଲିଟର ରନ୍ଧା ମଦ ଜବତ କରି ଦୁଇ ଜଣଙ୍କୁ ଗିରଫ କରି ଅବକାରୀ ଉପନିରୀକ୍ଷଙ୍କୁ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଏନେଇ ଏକ ମାମଲା ରୁଜୁ କରି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପନୀରିକ୍ଷକ ବିଶ୍ୱନାଥ ପରିଡ଼ାଙ୍କ ଠାରୁ ସୂଚନା ମିଳିଛି ।

# ପିତଳ ଛକରେ ପୋଲିସ ଆଉଟ ପୋଷ୍ଟ ଖୋଲାଯିବା ନେଇ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ

ଗଞ୍ଜାମ,୦୫/୦୬ (ନି.ପ୍ର):ସରକାରଙ୍କ ଗୃହ ବିଭାଗ ପତ୍ର ସଂଖ୍ୟା ୧୮୪୪୧ ତା ୦୩.୦୬.୨୨ ରେ ହିଞ୍ଜିଳି ନିର୍ବାଚନ ମଣ୍ଡଳିର ଶେରଗଡ଼ ବ୍ଲକ ଅଧିନସ୍ଥ ଓ ହିଞ୍ଜିଳି ପୋଲିସ ଥାନା ଅନ୍ତର୍ଗତ ପିତଳ ଛକରେ ଏକ ପୋଲିସ ଆଉଟ ପୋଷ୍ଟ ଖୋଲାଯିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିଛନ୍ତି । ପିତଳ ଛକ ଆସିକା ଓ ବ୍ରହ୍ମପୁର ରାସ୍ତା ମଧ୍ୟରେ ଏକ ଜନଗହଳି ତଥା ଗୁରୁତ୍ୱପୂର୍ଣ୍ଣ ଛକ ଅଟେ । ଦୈନିକ ଏହି ଛକରେ ବହୁ ଜନସମାଗମ ହୋଇଥାଏ । ଏବଂ ଶେରଗଡ଼ ବ୍ଲକର ଏହା ପ୍ରମୁଖ ଛକ । ଏହି ପୋଲିସ ଆଉଟ ପୋଷ୍ଟରେ ଜଣେ ସବଇନ୍ସପେକ୍ଟର ର୍ୟାଙ୍କ୍ ର ପୋଲିସ ଅଧିକାରୀଙ୍କ ସହ ଜଣେ ହାବିଲଦାର ଓ ୬ ଜଣ କନଷ୍ଟେବଳ କାର୍ଯ୍ୟ କରିବେ । ଏଠାରେ ଏକ ଆଉଟ ପୋଷ୍ଟ ଖୋଲାଯିବା ପାଇଁ ଅଂଚଳବାସୀଙ୍କ ବହୁ ଦିନର ଦାବି ରହିଥିଲା । ଆଜି ମୁଖ୍ୟମନ୍ତ୍ରୀ ନବୀନ ଏହି ଦାବି ପୂରଣ କରିଛନ୍ତି । ଯାହାଦ୍ୱାରା ଆଗାମୀ ଦିନରେ ଏହି ଅଂଚଳରେ ଆଇନଶୃଙ୍ଖଳା ପରିସ୍ଥିତିରେ ସୁଧାର ଆସିବ ଏବଂ ସାଧାରଣ ଜନତା ଉପକୃତ ହେବେ ବୋଲି ଆଶା କରାଯାଉଛି ।

# ବଲାଙ୍ଗିରରେ ଶିଶୁ ଶ୍ରମିକ ସଚେତନତା ରାଲି

ବଲାଙ୍ଗିର,୦୫/୦୬ (ନି.ପ୍ର): ରାଜ୍ୟ ଶ୍ରମ ବିଭାଗ ପକ୍ଷରୁ ବଲାଙ୍ଗିର ଠାରେ ଏକ ଶିଶୁ ଶ୍ରମିକ ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳେ ବଲାଙ୍ଗିରର ଅତିରିକ୍ତ ଜିଲ୍ଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀଙ୍କ ଦ୍ୱାରା ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରୁ ସବୁଜ ପତାକା ଦେଖାଇ ସଚେତନତା ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିଥିଲା । ଗତ ଏକ ତାରିଖ ଦିନ ଜିଲ୍ଲାପାଳ ଚଂଚଲ୍ ରାଣା ଶିଶୁ ଶ୍ରମିକ ନିରାକରଣ ରଥର ଶୁଭାରମ୍ଭ କରିଥିଲେ । ରାଜ୍ୟ ସରକାରଙ୍କ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ପରିଚାଳିତ ଏହି ରଥ ଜିଲ୍ଲାର ବିଭିନ୍ନ ଅଂଚଳକୁ ଯାଇ ସଚେତନତା ସୃଷ୍ଟି ନିମନ୍ତେ ଗତ ଏକ ତାରିଖ ଠାରୁ ବୁଲିବା ଆରମ୍ଭ କରିଛି । ଏତଦ୍ ବ୍ୟତୀତ ବିଭିନ୍ନ ସ୍ଥାନରେ ସଚେତନତା ରାଲି ମାଧ୍ୟମରେ ଶିଶୁ ଶ୍ରମିକ ନିରାକରଣର ବାର୍ତ୍ତା ଜନସାଧାରଣରେ ପ୍ରଚାର ମାଧ୍ୟମରେ ସେମାନଙ୍କୁ ସଚେତନ କରାଯାଉଛି । ଶିଶୁ ଶ୍ରମିକ ଆଇନରେ ଥିବା ବ୍ୟବସ୍ଥା କଟକଣା ଇତ୍ୟାଦି ବାବାଦରେ ପ୍ଲାକାର୍ଡ, ବ୍ୟାନର ସ୍ଲୋଗାନ ଦେଇ ପ୍ରଚାର କରି ସଚେତନତା ଚାଲିଛି । ଏହି ସଚେତନତା ଶୋଭାଯାତ୍ରା ଆରମ୍ଭରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ, ସୂଚନା ଲୋକସଂପର୍କ ବିଭାଗ ଅଧିକାରୀ ଜୟଦେବ ପାଣିଗ୍ରାହୀ, ସାମାଜିକ ସୁରକ୍ଷା ଅଧିକାରୀ ନବକୃଷ୍ଣ ସାହୁ, ସହକାରୀ ଶ୍ରମ ଅଧିକାରୀ ଦାନମଣି ସୋରେନ, ଜିଲ୍ଲା ଶିଶୁ ସୁରକ୍ଷା ସମିତି ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତି, ଜିଲ୍ଲା ଶ୍ରମ ନିରୀକ୍ଷକ ଅଶୋକ କୁମାର ଡୁଙ୍ଗଡୁଙ୍ଗ, ନିରଞ୍ଜନ ଭୂୟାଁ, ପ୍ରଶାନ୍ତ କୁମାର ସୁନା, ଶିକ୍ଷା ଓ ସମାଜ ମଙ୍ଗଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ।

# କୁଲୁ ମନାଲି





**ଭାରତର ଅତ୍ୟନ୍ତ ମନୋରମ, ମନୋହର ଓ ଚମତ୍କାରୀ ପରିଦୃଶ୍ୟ ଯଦି କେଉଁଠାରେ ଦେଖିବାକୁ ମିଳେ, ତେବେ ସେ ସ୍ଥାନ ହିମାଚଳ ପ୍ରଦେଶ ବ୍ୟତୀତ ଆଉ କେଉଁଠି ହୋଇ ନପାରେ । ପର୍ଯ୍ୟଟକମାନଙ୍କର ସ୍ୱର୍ଗ କୁହାଯାଉଥିବା କୁଲାମନାଲିରେ ସମସ୍ତ ସୁବିଧା ରହିଛି ଯାହା ଅନ୍ୟ ପର୍ଯ୍ୟଟନ ସ୍ଥଳରେ ଅଛି ।**





## କୁଲ୍ଲୁ

ଏଠାର ବରଫାବୃତ ପର୍ବତ ଶିଖର ଆକାଶକୁ ଛୁଇଁବା ପରି ମନେହୁଏ ଓ ହ୍ରଦକୁ ଦେଖିଲେ ଆପଣ ନିଜର କ୍ଳାନ୍ତି ଭୁଲିଯିବେ । କୁଲ୍ଲୁ ଘାଟିକୁ ଦେବତାମାନଙ୍କ ଘାଟି ବୋଲି କୁହାଯାଏ । ବସନ୍ତ ଋତୁରେ ଏହି ସ୍ଥାନର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଯାଏ । ଏଠରେ ଗୋଲାପି ଓ ଧଳାଫୁଲ ଚାରିଆଡ଼େ ଫୁଟିଥିବାର ଦେଖାଯାଏ । ଶରତ ଋତୁରେ ନୀଳ ଆକାଶ ଏକଦମ୍ ନିର୍ମଳ ଦେଖାଯାଏ । ଥଣ୍ଡାଦିନ ଆସିଲେ ପାହାଡ଼ ଉପରେ ଧଳା ଚାଦର ପରି ବରଫ ବିଛେଇ ହୋଇଯାଏ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ପର୍ଶ୍ଚିମୀ ହିମାଳୟର ସବୁଠାରୁ ସୁନ୍ଦର ସ୍ଥାନ ଅଟେ । କୁଲ୍ଲୁ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର । ଏଠରେ ରୋରିଖ କଳାଦୀର୍ଘା । ଉରୁସବତୀ ହିମାଳୟ ଲୋକ କଳା ସଂଗ୍ରହାଳୟ ଓ ସାମ୍ଭଲା ବୌଦ୍ଧଥଂଗକା କଳା ସଂଗ୍ରହାଳୟ ଦେଖିବାପାଇଁ ସ୍ଥାନ ରହିଛି । ପୂଜାସ୍ଥଳରେ କାଳୀ ବାଡ଼ି ମନ୍ଦିର, ରଘୁନାଥ ମନ୍ଦିର, ବିଜଲୀ ମହାଦେବ ମନ୍ଦିର ଓ ବୈଷ୍ଣୋଦେବୀ ମନ୍ଦିର ନିଶ୍ଚିତ ଦେଖନ୍ତୁ ।

## ମନାଲି

ମାନବାଳୟ ଅର୍ଥାତ୍ ମନୁଙ୍କର ମନାଲି ନାମ ରଖାଯାଇଛି । ମନୁ ମାନବ ଜାତିର ପିତା ବୋଲି କୁହାଯାଏ । ସେ ତାଙ୍କର ଆବାସ ସ୍ଥାନ ବହୁତ ମନୋରମ ପରିବେଶକୁ ପସନ୍ଦ କରିଥିଲେ । ମନାଲି ଏବେ ମଧ୍ୟ ତାର ଆକର୍ଷଣ ଓ ସୁନ୍ଦରତା ସେହିପରି ଅପରିବର୍ତ୍ତିତ ରଖିଛି । ମନାଲି ଓ ତାର ପାର୍ଶ୍ୱବର୍ତ୍ତୀ କ୍ଷେତ୍ର ଲୋକଙ୍କୁ ଆକର୍ଷଣ କରିଥାଏ । ଏଠାରେ କୋଠି, ବନବିହାର, ତିବ୍ବତୀ ବଜାର ଓ ମାଲ୍, ରହାଲା ପ୍ରପାତ, ରୋହତାଙ୍ଗ ଦର୍ରା, ସୋଲାଙ୍ଗ ଘାଟି, ହିଡ଼ିମ୍ବା ଦେବୀ ମନ୍ଦିର, ଜଗତସୁଖ ମନ୍ଦିର ଇତ୍ୟାଦି ଦର୍ଶନୀୟ ସ୍ଥାନ ରହିଛି । ମନାଲି କୁଲ୍ଲୁ ଘାଟିରେ ଅବସ୍ଥିତ ଓ ଏଠାକୁ ସବୁଠାରୁ ଅଧିକ ପର୍ଯ୍ୟଟନମାନେ ଆସିଥାନ୍ତି । ଏହା ସମୁଦ୍ର ପତ୍ତନଠାରୁ ୨୦୫୦ ମିଟରର ଉଚ୍ଚତାରେ ଅବସ୍ଥିତ ଓ ବ୍ୟାସ ନଦୀ କୂଳରେ ରହିଛି । ମନାଲିରୁ ୬ କି.ମି. ଦୂରରେ ଶୀକାରା ଶୈଳୀରେ ପ୍ରସିଦ୍ଧ ଶିବ ମନ୍ଦିର ରହିଛି । ମନାଲି ଚମତ୍କାର ଗୁମ୍ଫା ଓ ବୌଦ୍ଧ ମଠ ପାଇଁ ପ୍ରସିଦ୍ଧ । ସୁନ୍ଦର ରାହାଲା ଝରଣା ୨୫୦୧ ମିଟର ଉଚ୍ଚରୁ ପ୍ରବାହିତ ହେଉଛି ।

### ମିରକରନ୍

ଏଠାରେ ପୁରୁଣା ହିନ୍ଦୁ ମନ୍ଦିର ଓ ଗୁରୁଦ୍ୱାରା ଅଛି । ମନାଲୀରୁ ୮୫ ଓ କୁଲ୍ଲୁଠାରୁ ୪୫ କି.ମି ଦୂର ପର୍ବତ ଘାଟିରେ ପବିତ୍ର ତୀର୍ଥସ୍ଥଳ ରହିଛି । ଏକ ପୌରାଣିକ କଥା ଅନୁସାରେ ଭଗବାନ ଶିବଙ୍କ ପତ୍ନୀ ମାତା ପାର୍ବତୀଙ୍କର କାନର ଝୁମୁକା ଏହିଠାରେ ମିଳିଥିଲା । ତେଣୁ ଏହି ସ୍ଥାନର ନାମ ମନିକରନ ରଖାଯାଇଛି । ଏଠାରେ ପାର୍ବତୀ ନଦୀରେ ବରଫ ପରି ଥଣ୍ଡା ପାଣି ଆସିବା ସହିତ ଗରମ ପାଣିର ମଧ୍ୟ ଏକ ଝରଣା ରହିଛି । ଯେଉଁଠାରେ ଗାଧେଇଲେ ଅନେକ ବେମାରୀ ଦୂର ହୋଇଯାଏ ବୋଲି ମାନ୍ୟତା ରହିଛି ।



### କିପରି ଯିବେ

ଏହାର ସବୁଠାରୁ ପାର୍ଶ୍ୱବର୍ତ୍ତୀ ରେଲୱେ ଷ୍ଟେସନ ଚଣ୍ଡିଗଡ଼, ସିମଲା, ଜୋଗିନ୍ଦର ନଗର ଅଟେ । ସେହିପରି ସଡ଼କ ମାର୍ଗରେ ଗଲେ ଟ୍ୟାକ୍ସି ଓ ଲଗ୍‌ଜରୀ ବସ୍ ଦିଲ୍ଲୀ, ଚଣ୍ଡିଗଡ଼, କୁଲ୍ଲୁରୁ ଚାଲୁଛି । ମନାଲିରୁ ଫେରିବା ପାଇଁ ମଧ୍ୟ ବସ୍ ସେବା ଉପଲବ୍ଧ ଅଛି । ଏହାର ପାର୍ଶ୍ୱବର୍ତ୍ତୀ ଏୟାର ପୋର୍ଟ ଭୁଁତରରେ ଅଛି । ଏହା କୁଲ୍ଲୁରୁ ୧୦ କିମି ଓ ମନାଲିରୁ ୫୦ କିମି ଦୂର ଅଟେ ।

### କେଉଁଠି ରହିବେ

ହୋଟେଲ ମନାଲ୍ୟୁସ, ହୋଟେଲ କୈସଳା ନଗର, ହୋଟେଲ କପଞ୍ଜମ ମନାଲି ତଥା ମନାଲି ହଟସ । ଅନ୍ୟ ହୋଟେଲ ପାଇଁ ମନାଲି ସ୍ଥିତ ପର୍ଯ୍ୟଟନ କେନ୍ଦ୍ର ସହିତ ସମ୍ପର୍କ କରନ୍ତୁ ।

# ପାଣି କଳରୁ ଗୋଲାପି ଜଳ



ଯୁକ୍ତରାଷ୍ଟ୍ର ଆମେରିକା ଅର୍ନ୍ତଗତ ଓହିଓର କୋଲ୍ ଗ୍ରୋଭର ବାସିନ୍ଦାମାନେ କିଛି ଦିନ ତଳେ ସକାଳୁ ନିଜ ନିଜ ଘରେ ଥିବା ପାଣି-କଳ ଖୋଲି, ଚକିତ ହୋଇଗଲେ । ସମସ୍ତଙ୍କ ଟାପ୍‌ରୁ ବାହାରୁଥିବା ଗୋଲାପୀ ରଂଗର ଜଳ । କେହି କିଛି ବୁଝିପାରିଲେ ନାହିଁ । ଜଳ ଯୋଗାଣ ସଂସ୍ଥାକୁ ଖବର ଗଲା । ଜଣାପଡ଼ିଲା ଯେ, ବିଶୋଧନ କାରଖାନାର ଗୋଟିଏ ଯନ୍ତ୍ର ଅଚଳ ହୋଇଯିବାରୁ ଅଧିକ ପରିମାଣର ସୋଡ଼ିଅମ୍ ପରମାଂଗାନେଟ୍ ମିଶି ପାଣିର ରଂଗ ଗୋଲାପୀ ପାଲଟିଯାଇଛି । କାରଖାନାରେ ପ୍ରତିଦିନ ତିନି କିଲୋଗ୍ରାମ ସୋଡ଼ିଅମ୍ ପରମାଂଗାନେଟ୍ ପାଣିରେ ମିଶାଯାଏ । ସେହି ଦିନ ଯନ୍ତ୍ର ଅଚଳ ହୋଇଥିବା ଜଣା ନ ପଡ଼ିବାରୁ ପ୍ରାୟ ପଚାଶ କିଲୋଗ୍ରାମ ଓଜନର ଏହି ରାସାୟନିକ ଦ୍ରବ୍ୟ ମିଶିଯାଇଥିଲା । ସୋଡ଼ିଅମ୍ ପରମାଂଗାନେଟ୍ ଏକ ବିଶୋଧକ । ଏହା ଦ୍ୱାରା ଜଳରୁ ଲୌହ ଓ ମାଂଗାନିଜ ବିଶୋଧନ କରାଯାଏ । ତେବେ ଅଧିକ ପରିମାଣର ସୋଡ଼ିଅମ୍ ପରମାଂଗାନେଟ୍‌ଯୁକ୍ତ ପାଣି ପିଇଲେ ବି ମଣିଷର କୌଣସି କ୍ଷତି ହେବନାହିଁ ବୋଲି ସେଠାକାର ଜଳ ଯୋଗାଣ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଇଥିବା ପ୍ରକାଶ ।

# ଔଷଧୀୟ ବୃକ୍ଷଲତା







ବାଡ଼ି ବଗିଚାରେ ତୁଳସୀ, ଥାଲକୁଡ଼ି, ଅମରପୋଇ, ବାସଙ୍ଗ, ବାଡ଼ିଅଁଳା, ଚିରେଇତା, ମଂଜୁଆତି, ପୁଦିନା, ଘିକୁଆଁରୀ, ଅରଖ, ବେଲ, ସଜନା, ଭୃର୍ସୁଙ୍ଗ, ବ୍ରାହ୍ମୀ ଆଦି ବୃକ୍ଷଲତା ଗୁଳ୍ମ ଦେଖିବାକୁ ମିଳେ । ଏଗୁଡ଼ିକୁ ସାଧାରଣତଃ ଅନାବନା ଭାବେ ଏଣେତେଣେ ଉଠିଥାନ୍ତି । ମାତ୍ର ଔଷଧୀୟ ଗୁଣରେ ଭରପୁର । ଚିହ୍ନଟ କରି ଏସବୁ ବୃକ୍ଷଲତାକୁ ଯତ୍ନର ସହିତ ବାଡ଼ିର ଗୋଟିଏ ନର୍ଦ୍ଦିଷ୍ଟ ସ୍ଥାନରେ ଲଗାନ୍ତୁ । ଅନେକ ଉପକାର ମିଳିବ । ଏସବୁ ବୃକ୍ଷ ବଜାରରୁ କିଣି ମଧ୍ୟ ନିଜ ବଗିଚାରେ କିଂବା କୁଣ୍ଡରେ ଲଗାଇ ଚାଷ କରିପାରିବେ । ଗଛ ଲଗାଇସାରିବା ପରେ ଆବଶ୍ୟକତା ଅନୁସାରେ ସାର ଓ ଖତକୁ ମାଟିରେ ମିଶାଇ ଉପଯୁକ୍ତ ସମୟ ବ୍ୟବଧାନରେ ପ୍ରୟୋଗ କରନ୍ତୁ । ଲତାଜାତୀୟ ଗଛଗୁଡ଼ିକୁ ବାଡ଼ି ମଝିରେ ନ ଲଗାଇ, ଚାରିପାଖ ବାଡ଼ କିଂବା ଖୁଂଟକୁ ଲଗାଇ ପୋତନ୍ତୁ । ଏହାଦ୍ୱାରା ସେଗୁଡ଼ିକ ସହଜରେ ବଢ଼ିପାରିବେ । ସଜନା, ପସାରୁଣି, ପୋଦିନା, ବ୍ରାହ୍ମୀ ଆଦିର ଡାଳ ପୋତିଦିଅନ୍ତୁ, ଅଙ୍କୁରିତ ହେବ । ସେହିପରି ତୁଳସୀ, ନିମ୍ବ, ଡାଳିମ୍ବ, ଅଁଳା ଆଦିର ଉତ୍ତମ କିସମ ମଂଜି କିଂବା ଚାରା ଲଗାନ୍ତୁ ।



# ଗୋଟିଏ ଗଛରେ ୪୦ ପ୍ରକାର ଫଳ



ଆମେ ସମସ୍ତେ ଜାଣିଛନ୍ତି ଯେ ଗୋଟିଏ ଗଛରେ ଗୋଟିଏ ପ୍ରକାରର ଫଳ ଫଳିଥାଏ । କିନ୍ତୁ ଦୁନିଆରେ ଏମିତି ଏକ ସ୍ଥାନ ରହିଛି ଯେଉଁଠି ଗୋଟିଏ ଗଛରେ ୪୦ ପ୍ରକାରର ଫଳ ହୁଏ । ଆପଣ ଏହି କଥାକୁ ବିଶ୍ୱାସ କରିପାରୁନଥିବେ କିନ୍ତୁ ଏହା ସତ୍ୟ । ଆଶ୍ଚର୍ଯ୍ୟ ଲାଗୁଥିବା ଏହି ଗଛ ଆମେରିକାର ଏକ ଭିଜୁଆଲ ଆର୍ଟସର ପ୍ରଫେସର ତିଆରି କରିଛନ୍ତି । ଏହି ଅଦ୍ଭୁତ ଗଛ 'ଟି ଅଫ୍ ୪୦' ନାମରେ ପ୍ରସିଦ୍ଧ । ଏହି ଅନୋଖା ଗଛର ମୂଲ୍ୟ ଶୁଣିଲେ ଆପଣ ଆଶ୍ଚର୍ଯ୍ୟ ହୋଇଯିବେ । ଏହାର ଦାମ୍ ୧୯ ଲକ୍ଷ ଟଙ୍କା । ଆମେରିକାର ସେରାକ୍ୟୁଜ୍ ୟୁନିଭର୍ସିଟିର ଭିଜୁଆଲ ଆର୍ଟସର ପ୍ରଫେସର ସୈମଓ୍ୱର୍ଣ୍ଣ ଏକେନ୍ ଏଡି ଅଦ୍ଭୁତ ଗଛର ଜନକ ଅଟନ୍ତି । ଏହି ଗଛକୁ ବିକଶିତ କରିବା ପାଇଁ ସେ ବିଜ୍ଞାନର ସାହାଯ୍ୟ ନେଇଛନ୍ତି । ସେ ନ୍ୟୁୟର୍କ ରାଜ୍ୟର କୃଷି ପ୍ରୟୋଗରେ ଏକ ବୃକ୍ଷ ଦେଖିଥିଲେ ଯେଉଁଥିରେ ଦୁଇଶହ ପ୍ରକାରର କୋଳି ଓ ଖୁଦାନୀ(ଆଡୁ)ର ଗଛ ଥିଲା, ସେ ବଗିଚାଟି ଆର୍ଥିକ ଅଭାବରୁ ବନ୍ଦ ହେବାକୁ ଯାଉଥିଲା । ସେଥିରେ ଅନେକ ପ୍ରାଚୀନ ଓ ଦୁର୍ଗମ ପ୍ରଜାତିର ବୃକ୍ଷ ଥିଲେ । ସେ ଏହି କାର୍ଯ୍ୟ ୨୦୦୮ ମସିହାରୁ ଆରମ୍ଭ କରିଛନ୍ତି ।

# ଆମ୍ବ ଖାଇବା ପରେ ଏଇ ସବୁ ଖାଦ୍ୟକୁ ବାରଣ କରନ୍ତୁ

**ଆମ୍ବ ପ୍ରାୟତଃ ଅନେକ ଲୋକଙ୍କର ପ୍ରିୟ ଖାଦ୍ୟ ହୋଇଥାଏ । ଗରମ ଦିନରେ ଆମ୍ବ ଖାଇବାକୁ ସମସ୍ତେ ପସନ୍ଦ କରିଥାନ୍ତି । ଆମ୍ବ ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ । ଆମ୍ବରେ ଆଣ୍ଟି, ଅକ୍ସିଡେଣ୍ଟ, ପ୍ରୋଟିନ୍, ଭିଟାମିନ୍ ଏ, ବି, ସି ପ୍ରଚୁର ପରିମାଣରେ ଥାଏ । ଯାହା ଆମର ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ ମଧ୍ୟ କରିଥାଏ । କିନ୍ତୁ ଆମ୍ବ ଖାଇବା ସହିତ କେତୋଟି ଜିନିଷ ଉପରେ ଧ୍ୟାନ ଦେବା ଉଚିତ୍ ନହେଲେ ଏହା ଶରୀରକୁ ହାନି ପହଞ୍ଚେଇଥାଏ । ଆମ୍ବ ଖାଇବା ପରେ କେତୋଟି ଜିନିଷକୁ ବାରଣ କରାଯାଇଛି ଆସନ୍ତୁ ଜାଣିବା ସେ ସମ୍ପର୍କରେ ।**

**କଲରା :** ଆମ୍ବ ଖାଇବାର ୩ରୁ ୪ ଘଂଟା ମଧ୍ୟରେ କଲରା ଖାଆନ୍ତୁ ନାହିଁ । ଆମ୍ବ ମିଠା ଓ କଲରା ପିତା ହୋଇଥିବାରୁ ଦୁଇଟି ଜିନିଷର ମିଶ୍ରଣରୁ ରିଆକ୍ସନ ହୋଇପାରେ । ଆମ୍ବ ଖାଇବା ପରେ କଲରା ଖାଇବା ଦ୍ୱାରା ଏକ ପ୍ରକାର ବିଷାକ୍ତ ପଦାର୍ଥ ଶରୀରରେ ବ୍ୟାପିଥାଏ । ଏହି ବିଷାକ୍ତ ପଦାର୍ଥ ଯୋଗୁଁ ବାନ୍ତି ହୋଇଥାଏ ।

**କଂଚା ଲଙ୍କା :** ଯଦି ଆପଣ ଆମ୍ବ ଖାଇବାର ଅଳ୍ପ ସମୟ ମଧ୍ୟରେ ଲଙ୍କା ଖାଉଛନ୍ତି ତେବେ ଏହା ଆପଣଙ୍କ ପାଇଁ ହାନିକାରକ ହେବ । ଏହା ଦ୍ୱାରା ପେଟର ଜ୍ୱଳନ ଓ ଆହାର ଅନେକ ସମସ୍ୟା ଦେଖାଦେବାର ସମ୍ଭାବନା ରହିଛି ।

**ଦହି :** ଆମ୍ବ ଖାଇବାର ୨ରୁ ୩ ଘଂଟା ମଧ୍ୟରେ ଦହି କିମ୍ବା ଦହିରେ ତିଆରି କୌଣସି ଜିନିଷ ଖାଆନ୍ତୁ ନାହିଁ । ଏହାଦ୍ୱାରା ରିଆକ୍ସନ ହୋଇଥାଏ ।



# ସମୁଦ୍ରରେ ବୁଡ଼ି ଯାଉଥିବା ମନ୍ଦିର



ଆମ ଦେଶ ବିଭିନ୍ନ ଧାର୍ମିକ ଆସ୍ଥାର ଦେଶ ଅଟେ । ଏଠାରେ ବିଭିନ୍ନ ଜାତିର ଲୋକମାନେ ରହନ୍ତି ଓ ସେମାନଙ୍କର ମାନ୍ୟତା ମଧ୍ୟ ଅଲଗା । ସେଥିପାଇଁ ବିଭିନ୍ନ ମାନ୍ୟତା ଅନୁସାରେ ମନ୍ଦିର ଓ ତାର କାହାଣୀ ମଧ୍ୟ ଅଲଗା ଅଲଗା ଥାଏ । ଏପରି ଅନେକ ମନ୍ଦିର ରହିଛି ଯାହା ଆଜି ବି ରହସ୍ୟମୟ । ଏପରି ଏକ ମନ୍ଦିର ଅଛି ଯେଉଁ ମନ୍ଦିର ଦିନରେ ଦୁଇଥର ଦୃଶ୍ୟ ହୋଇଯାଏ । ଶୁଣିଲେ ଆଶ୍ଚର୍ଯ୍ୟ ଲାଗୁଥିବ, କିନ୍ତୁ ଏହା ସତ୍ୟ । ଏହି ମନ୍ଦିର ଗୁଜୁରାଟର ବରୋଦା ସହରରୁ ୬୦ କି.ମି ଦୂର କବି କମ୍ବୋଇ ଗାଁରେ ଅବସ୍ଥିତ ଓ ଏହା ସ୍ତମ୍ଭେଶ୍ୱର ମହାଦେବ ମନ୍ଦିର ନାମରେ ପ୍ରସିଦ୍ଧ । ଏଠାରେ ଶିବଙ୍କର ଲିଙ୍ଗ ପୂଜା ପାଆନ୍ତି ଯାହାକୁ ଦେଖିବାକୁ ଦେଶ ଓ ବିଦେଶରୁ ପର୍ଯ୍ୟଟକମାନେ ଆସନ୍ତି । ଏହା ପାଖାପାଖି ୧୫୦ ବର୍ଷର ମନ୍ଦିର । ଏହାର ଆରବ ସାଗର ଖମ୍ଭାତର କୂଳରେ ଅବସ୍ଥିତ ଓ ଏହି ମନ୍ଦିର ଦନରେ ଦୁଇଥର ଆଖି ସାମ୍ନାରେ ଅଦୃଶ୍ୟ ହୋଇଯାଏ । କାରଣ ସମୁଦ୍ରରେ ଆସୁଥିବା ଜୁଆର ସମୟରେ ମନ୍ଦିର ବୁଡ଼ିଯାଏ ଓ ଜୁଆର ଚାଲିଗଲେ ଏହି ମନ୍ଦିର ଦେଖାଯାଏ । ଯେତେବେଳେ ଏହା ଦୃଶ୍ୟମାନ ହୁଏ ସେତେବେଳେ ଲୋକମାନେ ଦର୍ଶନ ପାଇଁ ଯାଇଥାନ୍ତି । ଏହା ବ୍ୟତୀତ ଏଠାକୁ ଯିବା ପାଇଁ ଟିକେଟ ବ୍ୟବସ୍ଥା ମଧ୍ୟ ଅଛି ଓ ସମୟ ମଧ୍ୟ କୁହାଯାଏ । ଯେଉଁ ସମୟରେ ଜୁଆର ଆସେ ଦର୍ଶନ କରିବାକୁ ସମୁଦ୍ର ଭିତରକୁ ନଯିବା ପାଇଁ ମଧ୍ୟ ଉପଦେଶ ଦିଆଯାଇଥାଏ । ଅନେକ ଲୋକ ମନ୍ଦିର ବୁଡ଼ିଥିବା ଅବସ୍ଥାରେ ଯିବାକୁ ଚେଷ୍ଟା କରିଛନ୍ତି କିନ୍ତୁ ବିଫଳ ହୋଇଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୌଶଳ ଆବଶ୍ୟକ...

କାଶ୍ମୀରର କୁଲଗାଓଁ ଜିଲ୍ଲା ଅନ୍ତର୍ଗତ ଆରେହ ମୋହନପୁରାରେ ନିଜ କାର୍ଯ୍ୟାଳୟ ଭିତରେ ପଶି ଆତଙ୍କବାଦୀଙ୍କ ଗୁଳିର ଶିକାର ହୋଇଛନ୍ତି ରାଜସ୍ଥାନ ଅଧିବାସୀ ଜଣେ ୨୯ ବର୍ଷୀୟ ବ୍ୟାଙ୍କ ମ୍ୟାନେଜର ବିଜୟ କୁମାର, ଯାହା ଏହି ଉପତ୍ୟକାରେ ବାସ କରୁଥିବା ବହୁ ସଂଖ୍ୟକ ପଣ୍ଡିତଙ୍କୁ ଜାମ୍ମୁ ପଳାୟନ କରିବାକୁ ବାଧ କରିଛି । ମେ ମାସ ଆରମ୍ଭରୁ ଆତଙ୍କବାଦୀମାନଙ୍କ ଦ୍ୱାରା ପୁଣିଥରେ ଆରମ୍ଭ ହୋଇଥିବା ଲକ୍ଷ୍ୟଭୁକ୍ତ ହତ୍ୟା ପଦକ୍ଷେପ କ୍ରମରେ ବିଜୟ ହେଉଛନ୍ତି ଅଷ୍ଟମ ବ୍ୟକ୍ତି ଏବଂ ଏଯାବତ୍ ଶିକାର ହୋଇଥିବା ହିନ୍ଦୁମାନଙ୍କ ମଧ୍ୟରୁ ଚତୁର୍ଥ ହିନ୍ଦୁ ବିରୋଧୀ ଦଳମାନେ ଏହି ହତ୍ୟାକାଣ୍ଡ ପରେ ସରକାରଙ୍କ କାଶ୍ମୀର ନୀତି ଏବଂ ସେଠାକାର ଜନସାଧାରଣଙ୍କୁ ସୁରକ୍ଷା ଦେବାରେ ବିଫଳତାକୁ ନେଇ କଟୁ ସମାଲୋଚନା କରିଛନ୍ତି । ବିଗତ ୫ ମାସ ମଧ୍ୟରେ ୧୫ ଜଣ ଏବଂ ଗତ ୨୨ ଦିନ ମଧ୍ୟରେ ଯେଉଁ ୯ ଜଣ ଏହିଭଳି ହତ୍ୟାର ଶିକାର ହୋଇଛନ୍ତି, ସେମାନଙ୍କ ମଧ୍ୟରେ ରହିଛନ୍ତି ଜଣେ କାଶ୍ମୀର ପଣ୍ଡିତ କର୍ମଚାରୀ, ଜଣେ ହିନ୍ଦୁ ସ୍କୁଲ ଶିକ୍ଷକ ଏବଂ ଉପରୋକ୍ତ ବ୍ୟାଙ୍କ ମ୍ୟାନେଜର। ମଙ୍ଗଳବାର ଦିନ ଜାମ୍ମୁର ଜଣେ ଦଳିତ ଶିକ୍ଷକ ରଜନୀ ବାଲାଙ୍କୁ ଗୁଳି କରି ହତ୍ୟା କରାଯିବା ପରେ ମେ ୧୨ ତାରିଖରେ ଜଣେ ପଣ୍ଡିତ କର୍ମଚାରୀ ରାହୁଲ ଭଟ୍ଟଙ୍କୁ ବଡଗାଓଁ ଜିଲ୍ଲାରେ ତାଙ୍କ କାର୍ଯ୍ୟାଳୟ ଭିତରେ ହତ୍ୟା କରାଯିବା ପରଠାରୁ ରାଜ୍ୟରେ ନିଯୁକ୍ତି ପାଇଥିବା ଚାରି ହଜାରରୁ ଅଧିକ ପଣ୍ଡିତ କର୍ମଚାରୀ ଉପତ୍ୟକା ଛାଡ଼ି ପଳାଇ ଯିବାର ଉପକ୍ରମ କରୁଛନ୍ତି, ଠିକ୍ ଯେମିତି ସେମାନେ ନବେ ଦଶକରେ କରିଥିଲେ । ବର୍ତ୍ତମାନ ପଣ୍ଡିତମାନଙ୍କ ନେତାମାନେ ସରକାରଙ୍କ ନିକଟରେ ଦାବି କରୁଛନ୍ତି ସେମାନଙ୍କୁ କାଶ୍ମୀର ବାହାରେ ଅନ୍ୟତ୍ର ଥଇଥାନ କରିବାକୁ । ଅନ୍ୟଥା ଚାକିରି କରିଥିବା ବ୍ୟକ୍ତିମାନେ । ସାମୂହିକ ଇସ୍ତଫା ପ୍ରଦାନ କରିବା ସହିତ ସାମୂହିକ ପଳାୟନ କରିବେ । ଏମିତିକି କିଛି କାଶ୍ମୀର ପଣ୍ଡିତଙ୍କ ଟିଟର ହ୍ୟାଣ୍ଡେଲଗୁଡ଼ିକରେ ସେମାନେ ଏକକାଳୀନ ଅନେକ ସଂଖ୍ୟାରେ ଉପତ୍ୟକା ଛାଡ଼ି ପଳାୟନ କରିବା ନିମନ୍ତେ ଶ୍ରୀନଗର ବିମାନ ବନ୍ଦରରେ ଭିଡ଼ ଜମାଇ ଥିବାର ଫଟୋ ଛାଡ଼ିଥିବା ଦେଖିବାକୁ ମିଳିଥିଲା, ଯଦିଓ ପରବର୍ତ୍ତୀ ସମୟରେ ବିମାନ ବନ୍ଦର କର୍ତ୍ତୃପକ୍ଷ ଏହାକୁ ଏକ ଗୁଜବ କହିବା ସଙ୍ଗେ ସଙ୍ଗେ ସେମିତି କିଛି ଘଟି ନଥିବା ଉଲ୍ଲେଖ କରିଛନ୍ତି । ବିଗତ ଏକ ଦଶନ୍ଧି ବା ତା'ଠାରୁ ସାମାନ୍ୟ ଅଧିକ ସମୟ ମଧ୍ୟରେ ୧୯୯୦ ଦଶକରେ ଉପତ୍ୟକା ଛାଡ଼ି ପଳାଇ ଯିବାକୁ ଧମକ ପାଇବା ଏବଂ ହିଂସାକାଣ୍ଡ ଓ ଲକ୍ଷ୍ୟଭୁକ୍ତ ହତ୍ୟାର ଶିକାର ହେବାର ଭୟରେ ଯେଉଁ ପଣ୍ଡିତମାନେ ଉପତ୍ୟକା ଛାଡ଼ି ପଳାଇ ଥିଲେ, ସେମାନଙ୍କ ପ୍ରତ୍ୟାବର୍ତ୍ତନ ପାଇଁ ୨୦୦୮ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସରକାର ଏକ କୌଶଳ ଉପରେ କାର୍ଯ୍ୟ ଆରମ୍ଭ କରିଥିଲେ । ୨୦୧୯ରେ କେନ୍ଦ୍ର ସରକାର ଜାମ୍ମୁ-କାଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟର ମର୍ଯ୍ୟାଦା ପ୍ରଦାନ କରୁଥିବା ଧାରା ୩୭୦କୁ ଉଚ୍ଛେଦ କରିଦେଇ ଏହାକୁ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗରେ ପରିଣତ କରିଦେବା ପରେ ବିଚ୍ଛିନ୍ନତାବାଦୀ ଆତଙ୍କବାଦୀମାନେ ହିଂସ୍ର ହୋଇ ଉଠିଛନ୍ତି । ତେଣୁ ସାମ୍ପ୍ରତିକ ସମୟରେ ଏଠାରେ ଘଟୁଥିବା ଲକ୍ଷ୍ୟଭୁକ୍ତ ହତ୍ୟା ଯେ ସେମାନଙ୍କର ପ୍ରତିଶୋଧ ପରାୟଣତାର ପରିଣତି, ତାହା କୁହାଯାଇପାରେ । ଜାମ୍ମୁ-କାଶ୍ମୀରରୁ ଧାରା- ୩୭୦ ଉଚ୍ଛେଦ କରି ଏହାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଦେବା ପରେ କେନ୍ଦ୍ରର ମୋଦୀ ସରକାର ଏଠାକାର ବାସିନ୍ଦାମାନଙ୍କ ନିମନ୍ତେ ଅନେକ ଉନ୍ନୟନମୂଳକ କାର୍ଯ୍ୟ ଆରମ୍ଭ କରିଛନ୍ତି; ପୂର୍ବର ପରିସ୍ଥିତିରେ ଅନେକ ପରିବର୍ତ୍ତନ ଘଟିଛି। ଏଥି ସହିତ ତାଳଦେଇ ଆତଙ୍କବାଦୀମାନେ ମଧ ସେମାନଙ୍କର ଲକ୍ଷ୍ୟ ପୂରଣ କରିବା ପାଇଁ ସମଗ୍ର ଇଲାକାରେ ଏକ ଭୟର ବାତାବରଣ ଖେଳାଇବାକୁ ଉଦ୍ୟମ ଜାରି ରଖିଛନ୍ତି । ଆଉ ଏହି କ୍ରମରେ ସେମାନେ ୨୦୨୦ ଡିସେମ୍ବର ୩୧ ତାରିଖରେ ଜଣେ ହିନ୍ଦୁ ବଣିଆଙ୍କୁ ହତ୍ୟା କରିବା ସହିତ ତା' ପରେ ପରେ କାଶ୍ମୀର ପଣ୍ଡିତଙ୍କୁ ମିଶାଇ ସଂଖ୍ୟାଲଘୁମାନଙ୍କୁ ୨୦୨୧, ଅକ୍ଟୋବର ୬ ତାରିଖଠାରୁ ଲକ୍ଷ୍ୟଭୁକ୍ତ ହତ୍ୟା କରିବାକୁ ଆରମ୍ଭ କରି ଦେଇଛନ୍ତି । ସେମାନଙ୍କ ଲକ୍ଷ୍ୟ ମଧ୍ୟରେ ରାଜ୍ୟ ବାହାରୁ ବିଭିନ୍ନ ରାଜ୍ୟର ଉପତ୍ୟକାରେ ଆସି କାମ କରୁଥିବା ଶ୍ରମିକମାନେ ମଧ ଅନ୍ତର୍ଭୁକ୍ତ ହୋଇଛନ୍ତି । ଧାରା-୩୭୦ର ଉଚ୍ଛେଦ ଆତଙ୍କୀମାନଙ୍କୁ ଉତ୍ୟକ୍ତ କରିବାର କାରଣ, ଏହାପରେ ଏଠାକାର ଜମିଜମା ଏବଂ ଚାକିରି କ୍ଷେତ୍ରରେ ହୋଇଥିବା ପରିବର୍ତ୍ତନ, ଯାହା ଉପତ୍ୟକାବାସୀଙ୍କ ମନରେ ଅସୁରକ୍ଷିତ ଓ ସେମାନଙ୍କ ନିଜ ରାଜ୍ୟରେ ଉପେକ୍ଷିତ ହେବା ଭଳି ମନେ କରିବାର ଭାବନାଟିଏ ଜାଗ୍ରତ କରାଇଛି । ଏହାର ଫାଇଦା ଉଠାଉଛନ୍ତି ବିଚ୍ଛିନ୍ନତାବାଦୀ ଏବଂ ପାକିସ୍ତାନ-ସମର୍ଥିତ ଆତଙ୍କବାଦୀମାନେ । ସମୟ ଉପଗତ ହୋଇଛି, କେନ୍ଦ୍ର ସରକାର ଏଠାରେ ହିନ୍ଦୁ ଓ ପ୍ରବାସୀ ଶ୍ରମିକମାନଙ୍କ ସୁରକ୍ଷା ନିମନ୍ତେ ତୁରନ୍ତ କଠୋର ପଦକ୍ଷେପ ନେବା ଉଚିତ । ସଙ୍ଗେ ସଙ୍ଗେ ସରକାର ମଧ ନିଜର କାଶ୍ମୀର ନୀତିର ସମୀକ୍ଷା କରି ସ୍ଥାନୀୟ ନେତାମାନଙ୍କ ସହିତ ରାଜନୀତିକ ବାର୍ତ୍ତାଳାପ ନିମନ୍ତେ ସୁଯୋଗ ସୃଷ୍ଟି କରିବା ବିଧେୟ । ମନେହୁଏ, ରାଜ୍ୟକୁ ସ୍ୱତନ୍ତ୍ର ପାହ୍ୟ ପ୍ରଦାନ କରୁଥିବା ସମ୍ବିଧାନର ଉପରୋକ୍ତ ଧାରାକୁ ପ୍ରତ୍ୟାହାର କରିନେବା ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ସମସ୍ୟାକୁ ବଢ଼ାଇ ଦେଇଛି । ଏହି ସମସ୍ୟାକୁ ବଳ ପ୍ରୟୋଗ କରି ସମାଧାନ କରିବା ବଦଳରେ । କୌଶଳ ପ୍ରୟୋଗ କରି ସମାଧାନ କରିବା ହିଁ ବିଜ୍ଞତାର ପରିଚାୟକ ହେବ।

## ଶ୍ରୀଗୁରୁଜୀଙ୍କ ରାଷ୍ଟ୍ର ଚିନ୍ତନ

**ସର୍ବେଶ୍ୱର ବେହେରା**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘଚାଳକ ଶ୍ରୀ ମାଧବ ସଦାଶିବ ଗୋଲୱାଲକର (ଶ୍ରୀଗୁରୁଜୀ) ଦୀର୍ଘ ୩୩ ବର୍ଷ କାଳ ସଂଘର ମୁଖ୍ୟ ରୂପେ କାର୍ଯ୍ୟ କରି ୧୯୭୩ ମସିହା ଜୁନ ୬ତାରିଖରେ ଇହଲୀଳା ସମ୍ବରଣ କରିଥିଲେ । ତାଙ୍କର ଯେଉଁ ମହାନ ବ୍ୟକ୍ତିତ୍ୱ ଥିଲା, ତାଙ୍କ ମୃତ୍ୟୁ ପରେ ବିଶିଷ୍ଟ ବ୍ୟକ୍ତିମାନେ ଯେଉଁପରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି, ସେଥିରୁ ତାହା ପ୍ରତୀୟମାନ ହେଉଛି । ତାଙ୍କର ମୃତ୍ୟୁ ସମ୍ବାଦ ଶୁଣି ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ 'ଶ୍ରୀଗୁରୁଜୀଙ୍କଠାରେ ଲେଶମାତ୍ର ସଂକୀର୍ଣ୍ଣତା ନଥିଲା । ସେ ସର୍ବଦା ବିଶୁଦ୍ଧ ରାଷ୍ଟ୍ରୀୟ ଚିନ୍ତାଧାରାରେ କାର୍ଯ୍ୟ କରୁଥିଲେ । ସେ ଇସଲାମ ଓ ଖ୍ରୀଷ୍ଟିଆନ ଆଦି ଅନ୍ୟ ଧର୍ମକୁ ଅତ୍ୟନ୍ତ ଆଦର କରୁଥିଲେ । ସମସ୍ତେ ଭାରତୀୟ ଓ ଏ ଦେଶରୁ କେହି ଭିନ୍ନ ନୁହଁନ୍ତି ବୋଲି କହୁଥିଲେ ।' ପୁରୀର ତତ୍କାଳୀନ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ଶ୍ରୀ ନିରଞ୍ଜନତୀର୍ଥଦେବ କହିଥିଲେ- 'ଶ୍ରୀଗୁରୁଜୀ ଶୁଭ୍ର ବସ୍ତ୍ର ପରିଧାନ କରିଥିବା ଜଣେ ସନ୍ନ୍ୟାସୀ ଥିଲେ ।' ଜୈନ ମୁନି ସୁଶୀଲ କୁମାର କହିଥିଲେ- 'ଶ୍ରୀ ଗୁରୁଜୀ ଥିଲେ ସଂସ୍କୃତିର ମହାମାନବ ।' ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ କହିଥିଲେ- 'ସଂସଦର ସଦସ୍ୟ ନଥିବା ଜନୈକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଶ୍ରୀ ଗୋଲୱାଲକରଙ୍କ ବିୟୋଗରେ ମୁଁ ମର୍ମାହତ । ସେ ବିଦ୍ୱାନ ଓ ଶକ୍ତିଶାଳୀ ଆସ୍ଥା ରଖିଥିବା ବ୍ୟକ୍ତି ଥିଲେ । ନିଜର ପ୍ରଭାବୀ ବ୍ୟକ୍ତିତ୍ୱ ଓ ନିଜର ଚିନ୍ତାଧାରା ପ୍ରତି ପ୍ରଗାଢ଼ ନିଷ୍ଠା ଯୋଗୁଁ ରାଷ୍ଟ୍ର ଜୀବନରେ ତାଙ୍କର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ଥିଲା ।' ସମାଜବାଦୀ ନେତା ସମର ଗୁହ କହିଥିଲେ- 'ତାଙ୍କର ରାଷ୍ଟ୍ର କାର୍ଯ୍ୟରେ ଦେଶଭକ୍ତି, ସମର୍ପଣ ଓ ସେବା ଭାବନାରେ ପ୍ରେରିତ ହୋଇ ଆଜି ହଜାର ହଜାର ଯୁବକ କାର୍ଯ୍ୟରତ ଅଛନ୍ତି ।' ଅକାଳୀ ଦଳ ନେତା ଜଥେଜାର ସନ୍ତୋଷ ସିଂହ କହିଥିଲେ 'ଶ୍ରୀଗୁରୁଜୀ ଜଣେ ମହାପୁରୁଷ ଥିଲେ । ତାଙ୍କ ପରି ବ୍ୟକ୍ତି ଅମର ହୁଅନ୍ତି । ତାଙ୍କର ଦେହାବସାନରେ ଶିଖ ସମ୍ପ୍ରଦାୟର ପ୍ରଭୂତ କ୍ଷତି ହୋଇଛି ।' ଜୟପ୍ରକାଶ ନାରାୟଣ କହିଥିଲେ- 'ଶ୍ରୀଗୁରୁଜୀ ଜଣେ ଆଧାତ୍ମିକ ବିଭୁତି ଥିଲେ । ତାଙ୍କର ରାଷ୍ଟ୍ରୀୟତା ଜାଗରଣରେ ହଜାର ହଜାର ନବଯୁବକ ଆଜି ପ୍ରଭାବିତ ହୋଇଛନ୍ତି ।' ବିଶିଷ୍ଟ କଂଗ୍ରେସୀ ନେତା ହାଫିଜୁଦ୍ଦିନ୍ କୁରୈଶୀ କହିଥିଲେ- 'ସେ ବାସ୍ତବରେ ଜଣେ ମହାପୁରୁଷ ଥିଲେ । ସେ କଦାପି ମୁସଲମାନ ବିରୋଧୀ ନଥିଲେ । ସଂଘ କଦାପି ମୁସଲମାନ ବିରୋଧୀ ସଙ୍ଗଠନ ନୁହେଁ । ଏହା ଏକ ଭ୍ରମାତ୍ମକ ପ୍ରଚାର ।'

ରାଷ୍ଟ୍ର ଓ ରାଷ୍ଟ୍ରୀୟତା ଆଦି ଅବଧାରଣା ସମ୍ବନ୍ଧରେ ଶ୍ରୀଗୁରୁଜୀଙ୍କ ବିଚାର ମୌଳିକ ଓ କାଳୋଚିତ । ତାଙ୍କ ମତରେ ରାଷ୍ଟ୍ର ନିର୍ମାଣର ତିନୋଟି ସର୍ତ୍ତ ରହିଛି । ପ୍ରଥମରେ ନାଗରିକମାନେ ରାଷ୍ଟ୍ରର ଅଧିବାସୀ ଓ ସେ ରାଷ୍ଟ୍ର ଅର୍ଥାତ୍ ଭୂମି ପ୍ରତି ସମ୍ମାନ ଓ ଆଦର ଭାବନା ପୋଷଣ କରିବା ଆବଶ୍ୟକ । ଦ୍ୱିତୀୟରେ ଇତିହାସରେ ଘଟିଥିବା ଘଟଣା ପ୍ରତି ସେମାନଙ୍କ ମନରେ ସମାନ ଭାବନା ଥିବା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମାନ ଶତ୍ରୁ-ମିତ୍ର ଭାବନା ରହିବା ଆବଶ୍ୟକ । ଏ ଦେଶ ଉପରେ ଆକ୍ରମଣକାରୀ, ଏ ଦେଶର ଶତ୍ରୁ, ସେ ମୋର ମଧ ଶତ୍ରୁ । ଏ ଦେଶର ନିର୍ମାଣରେ ଯେଉଁମାନଙ୍କ ଯୋଗଦାନ ରହିଛି ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଭାବନା ପୋଷଣ କରିବା । ତୃତୀୟ ମହତ୍ତ୍ୱପୂର୍ଣ୍ଣ ସର୍ତ୍ତ ହେଲା- ରାଷ୍ଟ୍ରର ଏକ ସଂସ୍କୃତି ଅଛି, ତାହାକୁ ସମସ୍ତେ ସ୍ୱୀକାର କରିବା । ଶ୍ରୀଗୁରୁଜୀ ତାଙ୍କର ଅନେକ ଭାଷଣରେ ଏହି ତିନୋଟି ସର୍ତ୍ତ ଗୁଡ଼ିକର ଭିନ୍ନ ଭିନ୍ନ ସନ୍ଦର୍ଭରେ ବିବେଚନା କରି ରାଷ୍ଟ୍ର ଓ ରାଷ୍ଟ୍ରୀୟତାର ପ୍ରତିପାଦନ କରିଛନ୍ତି । ତାଙ୍କ ମତରେ 'ଏହି ଭାରତ ଏକ ଅଖଣ୍ଡ ବିରାଟ ରାଷ୍ଟ୍ରପୁରୁଷର ଶରୀର । ଆମେ ସମସ୍ତେ ଏହାର ଛୋଟ ଛୋଟ ଅବୟବ । ଅବୟବ ପରି ଆମେ ପରସ୍ପର ମଧ୍ୟରେ ଅଙ୍ଗାଙ୍ଗୀ ପ୍ରେମଭାବ ଧାରଣ କରି ରାଷ୍ଟ୍ର ଶରୀରକୁ ଅଖଣ୍ଡ ଓ ସୁଦୃଢ଼ ରଖିପାରିବୁ ।'

କେତେଜଣ ବୁଦ୍ଧିଜୀବୀ ବୌଦ୍ଧିକ ତର୍କ ଦ୍ୱାରା କହନ୍ତି, ଏହି ଦେଶ ଏକ ଅଚେତନ, ବିସ୍ତାରିତ ଜଡ଼ ଭୂଖଣ୍ଡ ମାତ୍ର । ତାଙ୍କୁ ଉତ୍ତର ଦେଇ ଶ୍ରୀଗୁରୁଜୀ କହୁଥିଲେ- 'ବୌଦ୍ଧିକ ତର୍କର ମଧ ସୀମା ଥାଏ । ଉଦାହରଣ ସ୍ୱରୂପ ମନୁଷ୍ୟ ଶରୀର ମଧ ଭୌତିକ । ଆମର ମାତାର ଶରୀର ମଧ ଭୌତିକ, ଅନ୍ୟ ନାରୀର ଶରୀର ମଧ ସେତିକି ଭୌତିକ । ତେବେ ବ୍ୟକ୍ତି କାହିଁକି ଅନ୍ୟ ନାରୀଠାରୁ ନିଜ ମା'କୁ ଭିନ୍ନ ବୋଲି ମାନ୍ୟତା ଦିଏ ? କାରଣ ମା' ପ୍ରତି ସମ୍ମାନ ଓ ଭକ୍ତିଭାବ ଜାଗ୍ରତ ହୋଇଥାଏ ।

ଠିକ୍ ସେହିପରି ଏହି ଭୂମିକୁ ଆମେ ମାତା ରୂପେ ଆଦର କରିଥାଉ । ଏଣୁ ଭାରତ ମାତାକୀ ଜୟ ଓ ବନ୍ଦେ ମାତରମ୍ କହିବାରେ ଆମେ ଗର୍ବ ଅନୁଭବ କରିଥାଉ । ଯେଉଁମାନେ ବନ୍ଦେ ମାତରମ୍‌କୁ ବିରୋଧ କରୁଛନ୍ତି, ସେମାନଙ୍କୁ ରାଷ୍ଟ୍ରୀୟ କାହିଁକି କୁହାଯିବ ? ଯେତେବେଳେ ଆମେ ଏହି ଭୂମିର ସନ୍ତାନ ବୋଲି କହିଥାଉ ସେତେବେଳେ ଏହି ଭୂମି ସମ୍ବନ୍ଧରେ ଆମର ଜ୍ଞାନ ରହିବା ଆବଶ୍ୟକ । ଆମେ ସମସ୍ତେ ଏହି ଭୂଖଣ୍ଡର ଅଧିବାସୀ । ଏହା ଆମର ମାତୃଭୂମି । ଆମେ ସମସ୍ତେ ଏହାର ପୁତ୍ର ବା କନ୍ୟା । ଆମେ ଶ୍ରଦ୍ଧାପୂର୍ବକ ବନ୍ଦେ ମାତରମ୍ ଗାନ ଗାଇଥାଉ । ଏହି ବିଶିଷ୍ଟ ରାଷ୍ଟ୍ରଗାନ ପ୍ରତି ଆମ ସମସ୍ତଙ୍କ ଅନ୍ତଃକରଣରେ ଆଦର ଓ ସମ୍ମାନ ଭାବ ରହିଛି । ଏହି ଗୀତ ଆମର ନେତୃବୃନ୍ଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସର୍ବସ୍ୱ ତ୍ୟାଗ କରିବାର ପ୍ରେରଣା ଦେଇଥିଲା । ଏହି ମନ୍ତ୍ର ଗାନ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଫାଶୀ ଖୁଣ୍ଟରେ ଝୁଲିଥିଲେ । ହାତରେ ଗୀତା ଓ କଣ୍ଠରେ ବନ୍ଦେ ମାତରମ୍ ଗାନ କରି ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ହୋଇଛି । ଏହି ବଳିଦାନ ପରିଣାମ ସ୍ୱରୂପ ଆମେ ସ୍ୱାଧୀନତା ପାଇଲୁ ଓ ଇଂରେଜମାନେ ବିତାଡ଼ିତ ହୋଇଥିଲେ । ଆମେ ସ୍ୱରାଜ୍ୟ ହାସଲ କଲୁ ଓ ଆଜି ଆମେ ସ୍ୱାଧୀନତା ଉପଭୋଗ କରୁଛୁ । କିନ୍ତୁ ଆମ ଦେଶର ଦୁର୍ଭାଗ୍ୟ ଯେ ଏପରି କେତେ ଜଣ ବ୍ୟକ୍ତି ଅଛନ୍ତି, ସେମାନେ ବନ୍ଦେ ମାତରମ୍ ଗାନ କରିବାକୁ କୁଣ୍ଠାବୋଧ କରୁଛନ୍ତି । କିନ୍ତୁ ଯେ ସହର୍ଷ ଏହି ରାଷ୍ଟ୍ରଗାନ କରିବ ସେ ଏହି ରାଷ୍ଟ୍ରର ପୁତ୍ର ରୂପ ସମାଜ । ସେ ହିନ୍ଦୁ କିମ୍ବା ମୁସଲମାନ କିମ୍ବା ଯେଉଁ ଧର୍ମର ହୋଇଥାଉ, ସମସ୍ତେ ବନ୍ଦେ ମାତରମ୍ ଗାନ କରିବା ଆବଶ୍ୟକ । ଏଣୁ ସମସ୍ତେ ଏ ଦେଶକୁ ମାତୃଭୂମି ରୂପେ ସ୍ୱୀକାର କରି ଏହାକୁ ଭକ୍ତି ଓ ସମ୍ମାନ କରନ୍ତୁ ଏବଂ ଏହାର ମହିମା ସହର୍ଷ ଗାନ କରନ୍ତୁ । ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଏହା ପ୍ରଥମ ସର୍ତ୍ତ ।

ଶ୍ରୀଗୁରୁଜୀ କହିଛନ୍ତି- ରାଷ୍ଟ୍ରୀୟତା ପାଇଁ ମାନସିକ ନିଷ୍ଠା ଏପରି ଏକ ତତ୍ତ୍ୱ, ଯାହାକୁ ସମ୍ପୂର୍ଣ୍ଣ ସଂସାର ସ୍ୱୀକାର କରେ । ରାଷ୍ଟ୍ର ଜୀବନରେ ଏକୀକରଣ, ଉତ୍ଥାନ ଓ ଗୌରବ ସମ୍ପାଦନ କରିବାରେ ସମର୍ଥ ଶାଶ୍ୱତ ସ୍ରୋତ ଗୁଡ଼ିକୁ ଶ୍ରୀଗୁରୁଜୀ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି । ପ୍ରଥମରେ ଅନାଦି ଅନନ୍ତ କାଳରୁ ଆମେ ଆମ ଦେଶକୁ ପବିତ୍ର ମାତୃଭୂମି ରୂପେ ସ୍ୱୀକାର କରୁଛୁ । ତା'ପ୍ରତି ଜ୍ୱଳନ୍ତ ଭକ୍ତି ଭାବନାର ଜାଗରଣ ହିଁ ସର୍ବ ପ୍ରଥମ ଆବଶ୍ୟକତା । ଦ୍ୱିତୀୟରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସହଯୋଗ ଓ ଭ୍ରାତୃତ୍ୱର ଭାବନା ଜାଗରଣ ହେବା ଆବଶ୍ୟକ । ଆମେ ଏକ ମହାନ ମାତାର ସନ୍ତାନ, ଏହି ଅନୁଭୂତି ଦ୍ୱାରା ଏପରି ଭାବନା ସୃଷ୍ଟି ହୋଇଥାଏ । ତୃତୀୟରେ ଜାତୀୟ ଜୀବନର ସମାନ ଧାରା ସମ୍ବନ୍ଧରେ ତୀବ୍ର ଚେତନାବୋଧ ରଖିବା । ଏ ଚେତନା ସମାନ ସଂସ୍କୃତି, ସମାନ ଇତିହାସ, ସମାନ ପରମ୍ପରା, ସମାନ ଆଦର୍ଶ, ସମାନ ଶ୍ରଦ୍ଧାକେନ୍ଦ୍ର ଓ ସମାନ ଆକାଙ୍କ୍ଷାରୁ ଉତ୍ପନ୍ନ ହୋଇଥାଏ । ଏହି ତ୍ରିଗୁଣାତ୍ମକ ମୂଲ୍ୟବୋଧ ଗୁଡ଼ିକୁ ପ୍ରତ୍ୟେକ ରାଷ୍ଟ୍ରର ଜନସାଧାରଣ ସ୍ୱୀକାର କରିବା ଆବଶ୍ୟକ । ଏହାଦ୍ୱାରା ରାଷ୍ଟ୍ରୀୟତାର ଜାଗରଣ ହେବ । ଏହି ରାଷ୍ଟ୍ରୀୟତା ଜାଗରଣ ହିଁ ଆମ ରାଷ୍ଟ୍ର ମନ୍ଦିରର ଭିତ୍ତିପ୍ରସ୍ତର ।


ଆଡ଼ଭୋକେଟ,
ଖଟବିନସାହି, କଟକ
ମୋ-୯୪୩୭୦୧୬୩୮୪


## ମହାରାଷ୍ଟ୍ର ସରକାରଙ୍କ ଠାରୁ ଶିଖିବା ଉଚିତ



**ଗୋପାଳ ମହାପାତ୍ର**

ମହାରାଷ୍ଟ୍ର ସରକାର ବିଧବାମାନଙ୍କ ପ୍ରସଙ୍ଗରେ ଚାଲି ଆସିଥିବା ପରମ୍ପରାକୁ ସମାପ୍ତ କରିବା ପାଇଁ ଏଇ କିଛିଦିନ ତଳେ ଏକ ପ୍ରଗତିଶୀଳ ପଦକ୍ଷେପ ନେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏକବିଂଶ ଶତାବ୍ଦୀରେ ଭାରତରେ ଯେତେବେଳେ ମୂଲ୍ୟବୋଧ ଏବଂ ନୈତିକତାର କଥା କୁହାଯାଉଛି ସେତେବେଳେ ସମାଜରେ ପ୍ରଚଳିତ ବିଧବା ପ୍ରଥା ରହିବାର ଆବଶ୍ୟକତା ବା କ'ଣ ? ସମ୍ବିଧାନରେ ମହିଳା ଏବଂ ପୁରୁଷଙ୍କୁ ସମାନ ଅଧିକାର ଦିଆଯାଇଛି କିନ୍ତୁ ସମାଜରେ ଧାର୍ମିକ-ସାମାଜିକ ପ୍ରଥା ନାମରେ ମହିଳାମାନଙ୍କ ଉପରେ କେତେକ ପ୍ରତିବନ୍ଧ ଲଗାଯାଇଛି। ଏଭଳି ସବୁ ପ୍ରତିବନ୍ଧକୁ ହଟାଇବା ଦିଗରେ ମହାରାଷ୍ଟ୍ର ସରକାରଙ୍କ ନିଷ୍ପତ୍ତି ଏକ ଉତ୍ତମ ପ୍ରୟାସ ବୋଲି କୁହାଯାଇପାରେ। ମହିଳା (ସ୍ତ୍ରୀ) ମୁକ୍ତି ଏବଂ ସେମାନଙ୍କ ଅଧିକାର ପାଇଁ ଊନବିଂଶ ଶତାବ୍ଦୀରେ ରାଜା ରାମମୋହନ ରାୟ ଲଢେଇ ଆରମ୍ଭ କରିଦେଇଥିଲେ। କିନ୍ତୁ ଏବେ ବି ମହିଳାମାନେ ଉପେକ୍ଷିତ କାହିଁକି ? ଏସବୁକଥାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତଦନୁସାରେ ବିଧବା ମହିଳାମାନେ ଚୁଡି (କାଚ) ଭାଙ୍ଗିବା, ମଥାରୁ ସିନ୍ଦୁର ପୋଛିବା ଏବଂ ମଙ୍ଗଳସୂତ୍ର କାଢ଼ିବା ଭଳି ପ୍ରଥା ମାନିବା ପାଇଁ ବାଧ ନୁହଁନ୍ତି। କୋହ୍ଲାପୁରର ହେବରବାଡ଼ା ଗ୍ରାମପଞ୍ଚାୟତରେ ବିଧବାମାନଙ୍କ ପାଇଁ ପ୍ରଚଳିତ ଏଭଳି ପ୍ରଥାକୁ ଅମାନବୀୟ କୁହାଯାଇ ଏସବୁ ପ୍ରଥାକୁ ସମାପ୍ତ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି।

ପରିବର୍ତ୍ତନ ପ୍ରକୃତିର ନିୟମ ଅଟେ। ଏଣୁ ମାନବ ସମାଜ ଯଦି ପରିବର୍ତ୍ତନକୁ ସ୍ୱୀକାର ନକରେ ତେବେ ମାନବ (ମଣିଷ)ର ଅସ୍ତିତ୍ୱ ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ପରିବର୍ତ୍ତନକୁ ସହଜରେ ମଧ ସ୍ୱୀକାର କରିନେବା ଉଚିତ। ଏକଥା ମଧ ଅସ୍ୱୀକାର କରାଯାଇପାରିବ ନାହିଁ। ସମାଜରେ ବିଧବାମାନଙ୍କ ପ୍ରତି ଦୃଷ୍ଟିକୋଣରେ ପରିବର୍ତ୍ତନ ହୋଇନାହିଁ। କିଛି ବଦଳିଛି। ଶ୍ୱଶୁରାଳୟରେ ବିଧବାମାନଙ୍କୁ ଅଧିକାର ମିଳିବା, ପୁନଃବିବାହ ପାଇଁ ସ୍ୱୀକୃତି ଦିଆଯିବା ଭଳି କିଛି କିଛି ଘଟଣା ଦେଖିବାକୁ ମିଳିଲାଣି। ଗୋଟିଏ କଥା ମାନିବାକୁ ହେବ ଯେ ଏସବୁର ପରିବର୍ତ୍ତନ କ୍ଷଣିକ ମାତ୍ରେ ହୋଇପାରିବ ନାହିଁ। ବିଧବାମାନଙ୍କୁ ନେଇ ସାମାଜିକ ଏବଂ ରାଜନୈତିକ କ୍ଷେତ୍ରରେ ଥିବା ପୁରୁଣା ମାନସିକତା ମଧ କିଛି ମାତ୍ରାରେ ବଦଳିଲାଣି। ଆଶା କରାଯିବା ଉଚିତ ଯେ ଆଗକୁ ମାନସିକତା ଆହୁରି ବଦଳିବ। ମାନସିକତାରେ ପରିବର୍ତ୍ତନ ହେଲେ ବିଧବାମାନଙ୍କୁ ନିଜ ଜୀବନ ଜିଇଁବାର ହକ୍ ମିଳିପାରିବ। ସମାଜରେ ସବୁବେଳେ କୁହାଯାଏ ଯେ ବୋହୂ ଓ ଝିଅ ସମସ୍ତେ ସମାନ। ଝିଅ ବିଭାହେବା ପରେ ପରଘରକୁ ଚାଲିଯାଏ କିନ୍ତୁ ବୋହୂ ଘରେ ହିଁ ରହିଥାଏ।

ସ୍ୱାମୀର ମୃତ୍ୟୁ ପରେ ବୋହୂ ବା ମହିଳାମାନଙ୍କୁ ବିଧବାର ଆଖ୍ୟା ଦିଆଯାଇଥାଏ। ସେମାନଙ୍କୁ ଶୃଙ୍ଗାର କରିବାରୁ ବଞ୍ଚିତ ହେବାକୁ ପଡିଥାଏ ଓ ବିଧବା ବେଶରେ ରହିବାକୁ ପଡିଥାଏ। ଜୀବନର ଏହା ଏକ ନିତାନ୍ତ ଦୁଃଖଦ ସତ୍ୟ। ତଥାପି ବଞ୍ଚିବାକୁ ତ ହେବ। ଯେତେବେଳେ ପରିବାର ଏବଂ ସମାଜ ଜୀବନର ଏହି ଦୁଃଖକୁ ବାଣ୍ଟି ନେଇଥାଏ ସେତେବେଳେ ବଞ୍ଚିବା ସହଜ ହୋଇଯାଏ। କିଛି ବର୍ଷ ପୂର୍ବେ ବିଧବାମାନଙ୍କ ସମ୍ପର୍କରେ ସମାଜ ଏତେ ଚିନ୍ତା କରୁନଥିଲା। ଏବେ କିନ୍ତୁ ସମାଜ ଏମାନଙ୍କ କଥା ଚିନ୍ତା କଲାଣି। ଅନେକ ଏଭଳି ଉଦାହରଣ ମଧ ଦେଖିବାକୁ ମିଳିଲାଣି ଯେ ପୁତ୍ରର ମୃତ୍ୟୁ ଯଦି ଅକାଳରେ ହୋଇଥାଏ ତେବେ ଶ୍ୱଶୁର ଘର ଲୋକେ ବୋହୂକୁ ପୁନଃବିବାହ ପାଇଁ ଅନୁମତି ଦେଉଛନ୍ତି। ଏସବୁରୁ ସ୍ପଷ୍ଟ ଯେ ବୋହୂ ପ୍ରତି ଶ୍ୱଶୁର ଘର ଲୋକଙ୍କର ମାନସିକତା ମଧ ଧିରେ ଧିରେ ବଦଳୁଛି। ସମାଜରେ ଏହି ବଦଳୁଥିବା ମାନସିକତାରୁ ସ୍ପଷ୍ଟ ଯେ ବିଧବା ହେବା ଏକ ଦୁର୍ଘଟଣା ଯାହାକୁ ଜୀବନ ସାରା ଭୋଗ କରାଯାଇପାରିବ ନାହିଁ।

ଏକ ତଥ୍ୟ ଅନୁସାରେ ଏବେ ଦେଶରେ ୭ କୋଟିରୁ ଅଧିକ ବିଧବା ଅଛନ୍ତି। ଏମାନେ ପୁରୀ, ମଥୁରା, ବୃନ୍ଦାବନ ଏବଂ କାଶୀ ଭଳି ଧାମରେ ଜୀବନର ଅନେକ ସମୟ କଟାଇଥାନ୍ତି। ଦେଶରେ ଏମିତି ଅନେକ ବିଧବା ଅଛନ୍ତି ଯେଉଁମାନଙ୍କର କିଛି ପରିଚୟ ମଧ ନାହିଁ। ଏମାନଙ୍କ ପାଇଁ କେବେ ଆନ୍ଦୋଳନ ହୋଇନାହିଁ କି ରାଜନୈତିକ ଦଳମାନେ ଏମାନଙ୍କୁ ଗୁରୁତ୍ୱ ମଧ ଦିଅନ୍ତି ନାହିଁ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## କ୍ଷୀରଚୋରା କେବେ ?



**ସୁବ୍ରତ କର**

ଦଳର ମୁଖିଆଙ୍କ ପ୍ରଥମେ ଅଭିନନ୍ଦନ ବ୍ରଜହାଜନଗର ପାଇଁ । କିନ୍ତୁ, ବାଲେଶ୍ୱରକୁ ଅଣଦେଖା କରୁଛନ୍ତି କାହିଁକି ? ବାଇ-ଇଲେକ୍ସନ୍ ପୂର୍ବରୁ ବାରମ୍ବାର କହିଥିଲେ ବାଲେଶ୍ୱର ମୋର ଏବଂ ଦେଖିବା ଉଭୟ ଦାୟିତ୍ୱ ମୋର କିନ୍ତୁ ବାଇ ଇଲେକ୍ସନ୍ ଦେଢ଼ବର୍ଷ ହେବ ଶେଷ ହେଲାଣି । ମାନିବାକୁ ପଡ଼ିବ । ଦଳର ମୁଖିଆଙ୍କୁ କାରଣ ସ୍କୁଲ ପରେ ମନ୍ଦିରର ଉନ୍ନତି ପାଇଁ ଲାଗିଛନ୍ତି । ସବୁ ମନ୍ଦିରକୁ ନିଜର ଭାବି ବେଶ୍ କିଛି ଉନ୍ନତିକରଣ କାର୍ଯ୍ୟରେ ଲିପ୍ତ ଅଛନ୍ତି । ପୁରୀ ମନ୍ଦିର, ଲିଙ୍ଗରାଜ ମନ୍ଦିର, ତାରାତାରିଣୀ ମନ୍ଦିର, ସମ୍ବଲେଶ୍ୱରୀ, ତାରିଣୀ ଏବଂ ଏବେ ଏବେ ଜଗତସିଂହପୁରର ଶାରଳା ମନ୍ଦିର । ଏହାର ଉନ୍ନତୀ କରଣରେ ଖର୍ଚ୍ଚ ହେବ ୪୨କୋଟି ଟଙ୍କା ଏବଂ ଏହା ସହିତ ସାରଳା ଦାସଙ୍କ ବ୍ରୋଞ୍ଜ ପ୍ରତିମୂର୍ତ୍ତି ମଧ ତିଆରି ହେବ । ଏହି ମନ୍ଦିରଟି ଅଷ୍ଟମ ଶତାବ୍ଦୀର । ଏହା ସହିତ ଭଦ୍ରକର ଆଖଣ୍ଡଳମଣି ମନ୍ଦିର ମଧ ଅନ୍ତର୍ଭୁକ୍ତ । ଏତେ ସବୁ ମନ୍ଦିରମାନଙ୍କ ମଧ୍ୟରେ ବାଲେଶ୍ୱରର କ୍ଷୀରଚୋରା ଗୋପିନାଥ ମନ୍ଦିର (ରେମୁଣା) ଉପରେ ସରକାରଙ୍କ ନଜର ଆସିବା ଦରକାର । ଯଦି ସରକାରଙ୍କ ଫର୍ଦ୍ଦରେ ନାହିଁ ତେବେ ଜିଲ୍ଲାରେ ଅଧିକାରୀମାନେ ଏବଂ ରାଜନୈତିକ ନେତାମାନେ ଦଳର ମୁଖିଆଙ୍କ ଦୃଷ୍ଟିକୁ ଆଣିବାକୁ ଚେଷ୍ଟା କରିବା ଦରକାର । ରେମୁଣାଠାରେ ଥିବା କ୍ଷୀରଚୋରା ମନ୍ଦିର ମଧ ଅତି ପୁରୁଣା । ଐତିହ୍ୟପୂର୍ଣ୍ଣ ଅଟେ । ଏହା ଏକେ ତୀର୍ଥସ୍ଥାନ ମଧ । ବାଲେଶ୍ୱରକୁ ଆସୁଥିବା ପର୍ଯ୍ୟଟକ ମାନେ ଚାନ୍ଦିପୁର ଠାରେ ଥିବା ସମୁଦ୍ର, ପଞ୍ଚଲିଙ୍ଗେଶ୍ୱର ଏବଂ କ୍ଷୀଚଚୋରା ମନ୍ଦିର ନିଶ୍ଚୟ ବୁଲି ଦେଖନ୍ତି । ଇତିହାସ କହେ ପ୍ରଭୁ ଶ୍ରୀ ଚୈତନ୍ୟ ଦେବ ନଦୀଆ ଜିଲ୍ଲାରୁ ପୁରୀ ଶ୍ରୀ ଜଗନ୍ନାଥଙ୍କ ସେବା ଉଦ୍ଦେଶ୍ୟରେ ପୁରୀ ଯିବା ବାଟରେ ଏହିଠାରେ ରାତ୍ରୀ ଯାପନ କରିଥିଲେ । ସେତେବେଳେ ଚାଲି ଚାଲି ଯିବାକୁ ପଡୁଥିଲା । କିମ୍ବା ଅତିବେଶି ହେଲେ ଶଗଡ଼ ଗାଡ଼ିରେ ଜଗନ୍ନାଥ ସଡ଼କ ଦେଇ ଯିବା ଆସିବା କରୁଥିଲେ । ପ୍ରଭୁ ଶ୍ରୀ ଚୈତନ୍ୟ ଦେବଙ୍କ ପାଦ ପଡ଼ିଥିବା ସ୍ଥାନକୁ ସରକାର ଉନ୍ନତି ପ୍ରକଳ୍ପ ହିସାବରେ ନେବା କଥା ଏବଂ ସବୁଠୁ ବଡ଼ କଥାହେଲା ସାଂସ୍କୃତିକ ମନ୍ତ୍ରୀ ହେଉଛନ୍ତି ଆମ ଜିଲ୍ଲାର । ତାଙ୍କୁ ମଧ ଅନୁରୋଧ ସେ ଟିକିଏ ଲାଗିଲେ ସରକାର ନିଶ୍ଚୟ ଭାବରେ ଉନ୍ନତୀକରଣରେ ଲାଗି ପଡ଼ନ୍ତେ । ଏହା ପରେ ବାଲେଶ୍ୱରର ନୀଳଗିରି ଠାରେ ଥିବା ପାହାଡ଼ ଉପରେ ପଞ୍ଚଲିଙ୍ଗେଶ୍ୱରଙ୍କ ପୀଠ ସ୍ଥାନ । ଏହାର ମଧ ଉନ୍ନତିକରଣର ଆବଶ୍ୟକତା ରହିଛି ବୋଲି ସବୁ ବାଲେଶ୍ୱରବାସୀ ମନେ କରନ୍ତି । ସବୁ ମୁଖୀଆଙ୍କ ଇଛା । ଦେଖିବା କେବେ ସେ ଇଚ୍ଛା କରିବେ ।

### କବିତା କୋଣାର୍କ

### ଜୀବନ ଦୋଛକିରେ...



**ବୈଷ୍ଣବ ମେହେର**

ଯେବେ ଆତ୍ମୀୟ ହୁଏ ପର,
ଲୁହ ଧାର ବହି ବହି ଯାଏ,
କୋହରେ ଦେହ ଥରି ଉଠେ,
ଆଉ...
ଭାବାବେଗ ମନ୍ଥର ହୋଇଯାଏ।

ଚାରିଆଡ଼େ କେବଳ ଶୂନ୍ୟ ପଦଧ୍ୱନି...
ମରୁବାଲିର ମାୟା ମରୀଚିକା,
ମିଛ ଆଉ କପଟ ପ୍ରତିଶ୍ରୁତିରେ
ନରମି ଯାଏ ଜିଇବାର ଆଶା।

ଶୂନ୍ୟକୁ ଚାହିଁରହିଛି ପ୍ରତିକ୍ଷଣେ,
କେବେ ଶୂନ୍ୟସ୍ଥାନ ପୂର୍ଣ୍ଣ ହେବ,
ଦରଦ ହୃଦୟର ଦୁଃଖରେ,
ସାନ୍ତ୍ୱନାର ମଲମ ଲେପନ କରିବ ।

ଏକା ଏକା ମୁଁ ଚାଲେ,
ମୁଁ ହାରିଯାଇନି...
ପୁଣି...
ମୁଁ ଦୌଡିବାକୁ ଆରମ୍ଭ କରେ,
ପଥକ୍ଳାନ୍ତ ହୋଇ ଥକିଯାଏ;
ତଥାପି...
ଜିଇଁବାର ଅଭିସ୍ପାରେ,
ଆଗେଇ ଯାଏଁ ଆଗକୁ ଆଗକୁ,
ଜୀବନର ଦୋଛକିରେ ରହି,
ଅଲିଭା ସ୍ମୃତି ସବୁ ଗଢୁଥାଏ ।


ଗଣ୍ଡାବାହାଲି, ନୂଆପଡ଼ା
ମୋ: ୬୨୬୪୩୦୫୦୦୩


### ନିଦାଘ ଆସିଛି



**ଝରଣା ମଲ୍ଲିକ**

ନିଦାଘ ଆସିଛି ଆମ ରାଇଜକୁ
ସୁରୁଜ ଡାକରା ପାଇ
ବୈଶାଖ ଓ ଜ୍ୟେଷ୍ଠ ଦୁଇଟି ମାସର
ରୌଦ୍ରର ଉତ୍ତାପ ନେଇ।
ସୂର୍ଯ୍ୟର ଉତ୍ତାପ କ୍ରମେ ବଢ଼ି ବଢ଼ି
ଟାଙ୍ଗରା ଦିଶଇ ଭୂଇଁ
ନଈ, ନାଳ ସବୁ ଶୁଖି ଶୁଖି ଯାଏ
ପଶୁ, ପକ୍ଷୀ ଗଲେ କାହିଁ।

ଚମ୍ପା, ହେନା, ଜୁଇ ମଲ୍ଲୀ ଯେ ବଉଳ
ବାସ ଚହଟାଇ ଦିଏ
କୃଷ୍ଣଚୂଡ଼ା ହସେ ଶିମିଳି ଓଠରେ
ପଳାଶ ଚହଟି ଯାଏ।
କାଠଚମ୍ପା ଆଉ ମହକି ଉଠୁନି
ଭାଙ୍ଗିଗଲା ଯେବେ ଡାଳ

କାଳ ବୈଶାଖିଟା କୁଆଡୁ ଆସିଲା
ହୋଇଲା ସଭିଙ୍କ କାଳ।
ଅକ୍ଷୟ ତୃତୀୟା ଚନ୍ଦନର ଯାତ୍ରା
ପଡ଼ିଥାଏ ଏ ମାସରେ
ତରଭୁଜ ସାଥେ ତାଳସଜ ମିଳେ
କାକୁଡ଼ି ଖରା ବେଳରେ।
ଅଂଶୁଘାତ ସାଥେ ଘର ପୋଡ଼ି ହୁଏ
ସଂଜରେ ଗାଁରେ ମୋର
କ୍ଷଣିକ ମଧ୍ୟରେ ଧ୍ୱଂସ କରିଦିଏ
ପିଢ଼ାର ଛାଳ ଛପର।


ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
ମୋ: ୯୨୩୮୫୬୮୮୧୧


### କବିତା ସବୁଠି



**ରଣଜିତ୍ କୁମାର ବେହେରା**

ସବୁଠି କବିତା
ଭାଷା ଭିନ୍ନ, ସ୍ୱର ଭିନ୍ନ
ଅର୍ଥ ଭିନ୍ନ, ସ୍ୱାଦ ଭିନ୍ନ
କେବଳ ମନଭରି
ହୃଦୟଙ୍ଗମ କରିପାରିଲେ ହେଲା।
ଛୁଆଙ୍କ ପାଇଁ ନାନା ବାୟାଗୀତ
କୋଇଲିର କୁହୁ କୁହୁ ସ୍ୱର
ଡାମରା କାଉର କା' କା'
ଆମ୍ବ ତୋଟାର ସୁ-ସୁ ଶବ୍ଦ
ଝରଣାର କୁଳୁ କୁଳୁ ନାଦ
ମେଘର ଭୟଙ୍କର ଘଡ଼ ଘଡ଼ି
ଝାଉଁ ବଣର ସାଇଁ ସାଇଁ ଶବ୍ଦ
ଝିଅ ବିଦା ବେଳର କ୍ରନ୍ଦନ
ଗାଁ ବିଦା ବେଳର କ୍ରନ୍ଦନ
ଗାଁ ହରି ସଭାର ହରିନାମ ଓ କିର୍ତ୍ତନ
ସ୍କୁଲରେ ପିଲାଙ୍କ ପ୍ରାର୍ଥନା
ଜଗାକୁ ରଥରେ
ଚଢ଼ାଇବା ବେଳର ଡାହୁକର ଗୀତ
ହୃଦୟରୁ ବାହାରୁଥିବା ହସରେ
ଜର୍ଜରିତ କ୍ରନ୍ଦନର କୋହରେ
କବିତାର ଛିଟା ଥାଏ।
ଚକବଳ ବୁଝିପାରିଲେ ହେଲା
କବିତା ସବୁଠି।


ମାଣିଖମ୍ବ, ମୋତିଗଂଜ, ବାଲେଶ୍ୱର
ମୋ: ୯୨୩୮୫୬୮୮୧୧


### ଜୀବନ

**ଅନନ୍ତ କୁମାର**

ଜୀବନଟା ମୋର କାଚର ଆଇନା
ଥରେ ଭାଙ୍ଗି ଗଲେ ହେଇ ଯାଏ ଚୁନା,

ଜୀବନଟା ମୋର ଚଢେଇର ନୀଡ଼
ଭାଙ୍ଗି ଦେଇଯାଏ ଅଦିନିଆ ଝଡ,

ଜୀବନଟା ଶୂନ୍ୟ ପୋଖରୀର କଇଁ,
ତୋଳିବାକୁ ମୋର ହାତ ପାଏ ନାହିଁ,

ଜୀବନଟା ଦୁଃଖର ଅଥଳ ନଇ
ଅଳ୍ପ ହସରେ ଯାଏ ଶୁଖିଲା ହେଇ,

ଜୀବନଟା ଏକ ଛୋଟ ବାଲି ଘର
ଢେଉ ଆସି ଭାଙ୍ଗି ଦିଏ ବାର ବାର,

ଜୀବନଟା ମୋର କାଗଜର ଗୁଡି
ଫୁର୍ କିନା କେତେବେଳେ ଯିବ ଉଡି,


ଭଦ୍ରକ, ତିହିଡି,
ମୋ:-୮୩୩୯୯୩୯୯୨୯


### ଶ୍ରୀକ୍ଷେତ୍ର



**ବିଜୟଲକ୍ଷ୍ମୀ ପାଣିଗ୍ରାହି**

ସୁଖ ଖୋଜୁ ଖୋଜୁ
କେଇ ମୁହୂର୍ତ୍ତର ମୃତ୍ୟୁ ଭାରିପଡିଲାଣି
ବର୍ଷ ବର୍ଷର ଜୀବନ ଉପରେ।
ଅମୃତର ଅନ୍ୱେଷଣରେ
ବିଷ ଭର୍ତ୍ତି ଜରାୟୁ।
ଛାତି ସାରା ଲୁଣି ପାଣି
ଯେଉଁଠି ଅପହଞ୍ଚ
ଅପରର ଆବେଗ।

ସେଥିପାଇଁ
ନୀରବରେ ଛୁଉଁଥିବା ନୀରବତା
ଆଉ ମୋତେ ଲୋଡା ନାହିଁ।
କାରଣ ଏବେ ମୁଁ
ନର୍କର ସୀମାନ୍ତ ଡେଇଁ
ଜୀବନର ଶେଷତମ
କରୁଣ ସଙ୍ଗୀତର ସାଧନାସ୍ଥଳରେ।
ପୁଣ୍ୟ ଶ୍ରୀକ୍ଷେତ୍ରରେ।

ଏଠି ପାକଳିଆ ଦୁଃଖ ସବୁକୁ
ବେଳାଭୂଇଁରେ
ତର୍ପଣ କରି ସାରିଲା ପରେ
ପାଣିଫୋଟକାଠୁଁ ପତଳା ମନରେ ବି
ସର ବସିଲାଣି।

ସଜଳ ଆଖି ତୁଠରେ
ଢେଉ ଖେଳୁଛି ସମ୍ଭାବନା।
ବାର ବାର ସ୍ପନ୍ଦିତ ହେଉଛି
ବିଦୁର ହୃଦୟ
ତରଙ୍ଗାୟିତ ହେଉଛି
ସାଲବେଗର ଆବେଗ
ଚେର ଧରୁଛି
ଦାସିଆ ବାଉରୀର ବିଶ୍ୱାସ।

ଜୀବନରେ ମଲାଟ ପଡିଲାଣି
ବାଲିରଥ ଉପରେ ଦିଶୁଛି
ସମୁଦ୍ରର ନୀଳ ଅନ୍ଧକାର ।
ପାପୁଲିରେ ଖେଳୁଥିବା
ଜଳପରୀର ଚିତ୍ର
ପ୍ରଚ୍ଛଦପଟରେ।


ଶିକ୍ଷୟିତ୍ରୀ
ଜୟପୁର, କୋରାପୁଟ
ମୋ ୮୨୪୯୪୫୦୦୫୦

# ଅନାଇବାକୁ ମନା

କାଳିନ୍ଦୀ ଚରଣ ଭଂଜ
୭୮୯-ଲକ୍ଷ୍ମୀସାଗର, ଭୁବନେଶ୍ୱର-୬,
ମୋ: ୯୮୬୧୨୫୭୩୩୩



ଗୁରୁଜନଙ୍କ ହିତୋପଦେଶ ଶିକ୍ଷାବାକ୍ୟ, କର୍ତ୍ତବ୍ୟ ସମ୍ବନ୍ଧୀ ଉକ୍ତିକୁ ସର୍ବଦା ପାଳନ କରିଚାଲିଥିଲା ନିଶିକାନ୍ତ । ଏଣୁ ସେ ସମାଜରେ ଜଣେ ମାନ୍ୟଗଣ୍ୟ ପ୍ରତିଷ୍ଠିତ ନାଗରିକ ହୋଇ ବହୁ ସମ୍ମାନର ଅଧିକାରୀ ହୋଇପାରିଥିଲା । କଥା ଛଳରେ ଲୋକେ ନିଶିକାନ୍ତର ଉଦାହରଣ ଉପସ୍ଥାପିତ କରିଥାନ୍ତି । ତା'ଭଳି ହେବାକୁ ଉପଦେଶ ବି ଦିଅନ୍ତି ।

ଏହି ନିଶିକାନ୍ତର ଜୀବନ ଥିଲା ଦୁଃଖମୟ ଓ ରହସ୍ୟମୟ । ବହୁ ଉତ୍‌ଥାନ ପତନ ମଧ୍ୟରେ ଗତିକରି ଜଣେ ନିଃସ୍ୱାର୍ଥପର, ଜନସେବୀ ଓ ପରୋପକାରୀ ହୋଇ ପାରିଥିଲା । ସେ ବାପାର ମୁହଁ ଦେଖି ନଥିଲା । ପିତାଙ୍କର ସ୍ନେହ, ବାତ୍ସଲ୍ୟ ମମତାରୁ ବଂଚିତ ଥିଲା । ପିତା ନାରାୟଣଙ୍କ ଅକାଳ ବିୟୋଗରେ ଘଟିଥିଲା ମା' ଯଶୋଦା ଯେତେବେଳେ ଅନ୍ତଃସତ୍ତ୍ୱା ଥିଲେ । ଏଣୁ ମା'ଙ୍କୁ ପେଟରାଣ୍ଡୀ ଓ ପୁଅ ନିଶିକାନ୍ତକୁ ଅଣବାପୁଆ କହି ଉଘାନ୍ତି, ବିଦ୍ରୂପ, ଅଟ୍ଟହାସ୍ୟ କରନ୍ତି ହିଂସୁକ, କଟପୀ ପଡ଼ୋଶୀ ।

ନିଶିକାନ୍ତର ଦୁଃଖ ସେଇଠି ଶେଷ ହୋଇ ଯାଇନଥିଲା । ତାକୁ ଯେତେବେଳେ ବୟସ ଦୁଇବର୍ଷ, ଛମାସ ସାତଦିନ ହୋଇଥିଲା ମା' ତାର ଏକ ଅଜଣା ରୋଗରେ ଦେହାନ୍ତ ହୋଇଯାଇଥିଲା । ମୃତ୍ୟୁର କିଛି ଘଂଟା ଆଗରୁ ଯଶୋଦା ଶାଶୁ ବିମଳାଙ୍କ ଗୋଡ଼ହାତ ଧରି ବିକଳ ହୋଇ ତାର ଆଚାର, ବ୍ୟବହାର, ସେବା ଶୁଶ୍ରୁଷାରେ ତ୍ରୁଟି ଅବହେଳା ଘଟିଥିଲେ କ୍ଷମା କରିବାକୁ ଅନୁରୋଧ କରିଥିଲେ । ସେତିକି ନୁହେଁ ଆଖିରୁ ଅଶ୍ରୁ ବିସର୍ଜନ ପୂର୍ବକ ପୁଅ ନିଶିକାନ୍ତ ତାଙ୍କର ହୋଇ ରହିଲା କହି ଶେଷ ନିଃଶ୍ୱାସ ଛାଡ଼ିଥିଲେ ।

ବୃଦ୍ଧା ବିମଳା କିଛିଦିନ ଅଶ୍ରୁ ବିସର୍ଜନ କରି ମନସ୍ତାପ, ଦୁଃଖରେ ବୁଡ଼ି ରହିଲେ । ଦେଖିଲେ ତାଙ୍କର ଅନେକ ଆତ୍ମୀୟ ଅଛନ୍ତି କିନ୍ତୁ ନିଜର ବୋଲି କେହି ନାହାନ୍ତି, ଆହା, ଆହା କରି ଆଖିରୁ ଲୁହ ଗଡ଼ାଇବା ପାଇଁ ବହୁତ; କିନ୍ତୁ ସାହା ହେବାପାଇଁ କାହାର ଦେଖା ନାହିଁ ।

ବୃଦ୍ଧା ନଇଁ ପଡ଼ିଥିଲେ । ବଳ କମି ଯାଇଥିଲା । କିନ୍ତୁ ମନର ଦୃଢ଼ତା, ସାହସ, ଦମ୍ଭ ହଟି ନଥିଲା । ଯାହା କମିଥିଲା ତାହା ଏହି ଦୁଃଖାର୍ତ୍ତ ଦୁର୍ଦ୍ଦିନ ବେଳାରେ ସଜୀବ ହେଲା । ଭାବିଲେ ଯାହା ଚାଲିଯାଇଛି ତାକୁ ପସ୍ତେଇବେ ନାହିଁ । ସଂକଟ ସମ୍ମୋହନ ମଧ୍ୟରେ ଗତି କରୁଥିବା ପରିବାର ଭବିଷ୍ୟତକୁ ନୂଆ ସ୍ୱପ୍ନ, ନୂଆ ଆବେଗିକ ଉତ୍ତରଣ ପଥରେ ନେଇ ଯିବାର ସଂକଳ୍ପ ନେଇ ଯାତ୍ରା ଆରମ୍ଭ କଲେ । ସେ ଭାବିଲେ ଏହି ପୁତ୍ରଟି ଭବିଷ୍ୟତରେ ହେବ ଜୀବନ ପଥରେ ପାଥେୟ, ମରୁଭୂମିରେ ଓଏସିସ୍, ଅନ୍ଧାରରେ ପ୍ରଦୀପ, କୂଳର ଚନ୍ଦ୍ରମା । ଭଙ୍ଗାଟୁଟା ଘର ମରାମତି କଲେ । ଗୋଟିଏ ଗାଇ ପାଳି ଯତ୍ନ ନେଲେ । କ୍ଷୀର, ଦହିର ଅଭାବ ହେଲା ନାହିଁ । ବଳକା କ୍ଷୀର ବିକ୍ରୟ କରି ଖର୍ଚ୍ଚ ଉଠାଇଲେ । ଜମି କେତେମାଣ ଭାଗ ବଖରା ଦେଇ ଧାନ, ଚାଉଳର ଅଭାବ ପୂରଣ କଲେ । ଉଦ୍‌ଯୋଗୀ ବ୍ୟକ୍ତି ଲକ୍ଷ୍ମୀଙ୍କୁ ଲାଭ କରନ୍ତି କଥା ସତ୍ୟ ପ୍ରମାଣିତ ହେଲା ।

ନିଶିକାନ୍ତ ଆଇବୁଢ଼ୀର ସେବାଯତ୍ନ ପାଇ, ସୁଷମ ଖାଦ୍ୟ ଖାଇ ଚନ୍ଦ୍ରକଳା ଭଳି ବଢ଼ିଲା । ବୁଢ଼ୀ ଧୋ ବାଇଆ, ଆ ଜହ୍ନମାମୁଁ ସରଦ ଶଶୀ ଗୀତ ବୋଲି ଅଝଟ, ଅବୁଝା ପିଲାଟାକୁ ବୁଝାଇ ଖୁଆଏ, ଶୋଇ ପକାଏ । ଏବେ ନିଶିକାନ୍ତ ସ୍କୁଲକୁ ଯିବ । କିନ୍ତୁ ସେ ସ୍କୁଲକୁ ଯିବାକୁ ଅରାଜି । ବୁଢ଼ୀ ନାତିକୁ ଖଜା, ଲଡ଼ୁ, ଗଜା ଲୋଭ ଦେଖାଇ ସାହିର ରତନା ଗୁଡ଼ିଆର ପୁଅ ଶଙ୍କରାକୁ ସାଥିରେ ନେଇ ଛାଡ଼େ ଓ ଆଣେ । ଏବେ ନିଶିକାନ୍ତ ଲାଇନରେ ପଡ଼ିଗଲା, ସ୍କୁଲକୁ ଗଲା, ଭଲ ପଢ଼ି ବଡ଼ ଚାଟ ହେଲା । ଖେଳକୁଦ, ଡିଆଁ ଡେଇଁରେ ସମସ୍ତଙ୍କୁ ପଛରେ ପକାଇ ପ୍ରାଇଜ୍ ସବୁ ମାରିଆଣିଲା । ହିଂସା, କ୍ରୋଧରେ ଜର୍ଜରିତ ସାଙ୍ଗ ତାଙ୍କର ବାପା ମା' ମାନେ କହନ୍ତି ଶଳା ରାଣ୍ଡୀପୁଅ ଅନନ୍ତା ସବୁ ମାରିନେଲା । ତାକୁ ପାନେ ଦେବା ।

ସଂଜ ହେଲେ ବୁଢ଼ୀ ବୃନ୍ଦାବତୀଙ୍କ ପାଖରେ ଦୀପ ଜାଳନ୍ତି । ରୋଷାଇ ଆରମ୍ଭ କରନ୍ତି । ଚୁଲି ଭିତରକୁ କାଠି ପେଲିଦେଇ ଭାତ, ତରକାରୀ କରନ୍ତି । ନିଶିକାନ୍ତକୁ ପାଖରେ ବସାଇ ରାମାୟଣ, ମହାଭାରତ ଗପ ଶୁଣାନ୍ତି । ଜଗନ୍ନାଥ ଦାସଙ୍କ ଭାଗବତ ତ ମୁହଁରେ । ସୁଭାଷ, ମହାତ୍ମାଗାନ୍ଧୀ, ଶିବାଜୀଙ୍କ ଜୀବନୀ ଶୁଣାଇ ସତ୍ୟ, ନ୍ୟାୟ, ଶ୍ରଦ୍ଧା ଭକ୍ତି ସାହସୀ ହେବାପାଇଁ ଉପଦେଶ ଦିଅନ୍ତି ।

ନିଶିକାନ୍ତର ସ୍କୁଲପଢ଼ା ସରିଲା । କଲେଜ ଯାଇ ପଢ଼ିବା ପାଇଁ ଆଇ ପାଖେ ଅଳି କଲା । କହିଲା ରଙ୍କ ସାହୁ ପୁଅ ଗୋବରା ଧରାଧରି କରି, କପି କରି ଟାଣିଟୁଣି କରି ପାଇଲା ତୃତୀୟ ଶ୍ରେଣୀ, ଗାନ୍ଧୀ ଡିଭିଜନ । ମୋର ବିଜ୍ଞାନରେ କିଛିଟା ମାର୍କ କମିଯିବାରୁ ଓଡ଼ିଶାର ସମସ୍ତ ପରୀକ୍ଷାର୍ଥୀ ମଧ୍ୟରୁ ଜଣେ ହୋଇପାରିନାହିଁ ସତ କିନ୍ତୁ ପ୍ରଥମ ଶ୍ରେଣୀ ପାଇଛି । ପୁନଶ୍ଚ ସରକାରୀ ବୃତ୍ତି ମିଳିବ । ଗୋବରା କଲେଜରେ ପଢ଼ିବ କିନ୍ତୁ ମୁଁ ଘାସ କାଟିବି, ଗାଇ ପାଳିବି ? ଅଲବତ୍ ପଢ଼ିବି । ଆଇ ପ୍ଲିଜ୍ ପଢ଼ିବାକୁ ଦିଅ, ଟଙ୍କା ଯୋଗାଡ଼ କଲେ ଆସନ୍ତା ସପ୍ତାହରେ ନାଁ ଲେଖାଇ ପଢ଼ା ଆରମ୍ଭ କରିବି ।

ବୁଢ଼ୀ ଚିନ୍ତାଗ୍ରସ୍ତ ଓ ଭାବନା ଭାରରେ ପ୍ରପୀଡ଼ିତ । ଟଙ୍କା କଉଡ଼ି କାହୁଁ ଆଣି ନାତିକୁ କଲେଜ ପଢ଼ାକୁ ଦେବ ? ନପଢ଼ାଇଲେ, ନଦେଲେ ଏ ସାହି ପଡ଼ୋଶୀ ଖୁଂଟା, ଉଲୁଗୁଣା ଦେଇ କହିବେ ଏ ବୁଢ଼ୀ କାହାପାଇଁ ସଂଚିଛି । ଆଗକୁ ନାହିଁ ପଛକୁ ନାହିଁ ନାତି ବୋଲି ଖଣ୍ଡେ ପଢ଼ାଇଲା ନାହିଁ । ବାପା ମାଆ ଥିଲେ କଣ ଏଇଆ କରିଥା'ନ୍ତେ ?

ବୁଢ଼ୀ କଣ ଗୋଟେ ଭାବିଲା ଗମ୍ଭୀର ଭିତରେ ଥାଇ କାଠ ସିନ୍ଦୁକଟାକୁ ଅଣ୍ଡାଳି ପକାଇଲେ । ତା ଭିତରେ ବାକ୍ସ, ବାକ୍ସ ଭିତରେ ଫରୁଆଟିଏ ଧରି ଆଲୁଅକୁ ଚାଲି ଆସିଲେ । ଡାକିଲା ଆରେ ନିଶୁ ଶୁଣ ଶୁଣ । ତୋ ମା'ର କେତେଖଣ୍ଡ ସୁନାର କାନଫୁଲ, ଚୁଡ଼ି, ତୋ ଜେଜେ ବାହାଘର ବେଳେ ମୋତେ ଉପହାର ଦେଇଥିବା ମାଳି କେଇଖଣ୍ଡ ସାଇତି ରଖିଥିଲି । ରଖିଥିଲି ବଡ଼ ଆଶାରେ ତୋ ବାହାଘର ବେଳେ ନାତୁଣୀବୋହୂକୁ ଉପହାର ଦେବାପାଇଁ । ନେ ଏ ସମ୍ପତ୍ତି ତୋର । ବିକି କରି ଦେ ବା ବନ୍ଧା ପକାଇ କଉଡ଼ି ଆଣି ଯେତେ ପଢ଼ିବୁ ପଢ଼ ।

ନିଶିକାନ୍ତ ଦ୍ୱନ୍ଦ୍ୱରେ ପଡ଼ିଲା । ରହି ଦୋଛକିରେ ଭାବୁଛି କଣ କରାଯାଇପାରେ । ଏକ ପକ୍ଷରେ ପାଠପଢ଼ା ଅନ୍ୟ ଦିଗରେ ମାତୃବତ ପାଳିତା ଆଇ ମା'ଙ୍କ ଭାବ ପ୍ରବଣ, ଆବେଗପୂର୍ଣ୍ଣ ଅଭିମତ ।

ନିଶିକାନ୍ତ ବୁଦ୍ଧିଏ ପାଂଚିଲା । କହିଲା ଆଇ, ଜିନିଷ ବିକ୍ରି ହେବନି କି ଦେଢ଼ୀ ସୁଧରେ ରଙ୍କ ସାହୁ ପାଖରେ ବନ୍ଧା ପଡ଼ିବନି । ମୋ ସାଙ୍ଗର ବାପା ବ୍ୟାଙ୍କ ମ୍ୟାନେଜର । ଅଳ୍ପ ସୁଧରେ ଗହଣାତକ ଅଳ୍ପକାଳ ପାଇଁ ବନ୍ଧକ ରଖି କିଛି ଟଙ୍କା ଆଣି କାମ ଚଳାଇ ନେବା । କାଳିଗାଇ ଟିକିଲିର କ୍ଷୀର ବିକ୍ରି କରି ଅଥବା ମୋର ସରକାରୀ ବୃତ୍ତି ପାଇଲେ ବା ଚାକିରି କଲେ ମୁକୁଳାଇ ଆଣିବି ମୁଁ । ତୁ କେବେ ମନଦୁଃଖ କରିବୁ ନାହିଁ । ଚାକିରିର ପ୍ରଥମ ମାସ ଦରମାରେ ମୁଁ ତୋ ପାଇଁ ଗୋଟାଏ ଦାମୀ, ଚକ୍‌ମକିଆ ସୁନାର ହାର କିଣିଦେବି । ସେଟା ବେକରୁ ତୋ ଅନ୍ତଲପେଟ ପର୍ଯ୍ୟନ୍ତ ଝୁଲାଇ ସାହିରୁ ଗାଁ ପର୍ଯ୍ୟନ୍ତ ବୁଲି ବୁଲି ଦେଖାଇବୁ । ସମସ୍ତେ ଚମକି ପଡ଼ିବେ, ଆଦର, ସମ୍ମାନ ଦେବେ । ବୁଢ଼ୀ ତା ପାକୁଆ ପାଟିରେ ହସିଦେଇ କହିଲା ତୋ ଜେଜ ତ ଯବାନ କାଳେ ହସେଇନି, ରସେଇନି, ହାର ବହୁଦୂର । ସେ ହାର କଣ ହେବ ଏ ପାକଳା ବାଳେ । ଏ ଦେହ ଖୋଜିଲାଣି ମାଟି । ସେ ସବୁ ତୋର, ଦେବୁ ତୁ ତୋର ପ୍ରାଣପ୍ରିୟା, ଅର୍ଦ୍ଧାଙ୍ଗିନୀକୁ ।

ନିଶିକାନ୍ତର ପଢ଼ା ଚାଲିଲା । କଲେଜରେ ଖେଳ, ଡ୍ରାମା, ଡିବେଟରେ ଭାଗନେଇ ନାଁ କମାଇଲା । ପଢ଼ାରେ ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଡିଗ୍ରୀ ହାସଲ କଲା । କଲେଜର ଗୌରବ, ସବୁ ଗୁଣରେ ଦକ୍ଷତା ଥିବା ଛାତ୍ର ମିଳିବା ଦୁର୍ଲଭ କହି ପ୍ରଶଂସା ଢ଼ାଳିଲେ ।

ନିଶିକାନ୍ତ ଏବେ ଘରେ । ଆଇକୁ କାମରେ ସାହାଯ୍ୟ କରେ । କାଳିଗାଇ ଝିଅ ଚାନ୍ଦି ସହ ଖେଳେ । ଦିନ ବେଳ ଉଣ୍ଡି ଆଇକୁ କହିଲା ଆଇ ଏଠି ବସି ରହିଲେ ପାଠ ପଢ଼ାରେ ମୂଲ୍ୟ କଣ ? ପେଟ ପାଟଣା ପାଇଁ କିଛି ରୋଜଗାର କରିବାକୁ ହେବ । ସହରକୁ ଯାଇ ଚାକିରି ପାଇଁ ଉଦ୍ୟମ କରି ଭାଗ୍ୟ ସହ ଲଢ଼େଇ କରିବାକୁ ହେବ ।

ବୁଢ଼ୀ ଜିଭ କାମୁଡ଼ି କହିଲା ଆରେ ମୋତେ ଏ ପାକଳା ବୟସରେ ଛାଡ଼ି ଗଲେ କେତେବେଳେ ଯଦି କ'ଣ ହୋଇଯାଏ ? ଆମର ପଖାଳ, ଶାଗଖରଡ଼ା, ବଡ଼ିଚୁରା ସହ କାଳିର ବହଳ କ୍ଷୀର କାହାକୁ ଦେବି । ମୋ ଆଖି ଆଗରୁ ଗଲେ କିପରି ବଂଚିବି । ବୁଢ଼ୀ ଆଖି ଛଳ ଛଳ କରିବାକୁ ନିଶିକାନ୍ତ କହିଲା ଆଇ ପ୍ରତି ସପ୍ତାହ ଛୁଟି ଦିନରେ ଆସି ଖବର ବୁଝି ଯାଉଥିବି । ଠିକଣା ଦେଇଯିବି ସୁବିଧା ଅସୁବିଧାରେ ଜଣାଇଲେ ମୁଁ ତୁରନ୍ତ ପହଂଚିବି ।

ବୁଢ଼ୀ ଅତି ଦ୍ୱିଧା, ଦୋଦୋପାଂଚରେ ନିଶିକାନ୍ତକୁ କହିଲେ ଆରେ ପୁଅ ମୁଁ ତୋ ଜୀବନ ଜୀବିକାରେ ଅନ୍ତରାୟ ସୃଷ୍ଟି କରିବି ନାହିଁ । ତୁ କର୍ମ ପଥରେ ଆଗେଇ ଯାଆ, ଉନ୍ନତି କର ଏହା ମୋର ଠାକୁରଙ୍କ ପାଖରେ ମାଗୁଣି, ପ୍ରାର୍ଥନା ଭିକ୍ଷା । କିନ୍ତୁ ସହରୀ ଜୀବନ ସହଜ, ସରଳ ନୁହେଁ । ଲୋକଗୁଡ଼ା ଗାଁ ଗଣ୍ଡାରୁ ଜମିବାଡ଼ି ବିକ୍ରି କରି ସହରରେ ବଡ଼ ବଡ଼ କୋଠା କରିଛନ୍ତି, ବଡ଼ ସ୍ୱାର୍ଥପର, କପଟୀ । ବାପା, ମାଆ, ଭାଇ, ଭଉଣୀକୁ ପଚାରନ୍ତି ନାହିଁ । ଗାଁର ତଟକା ପରିବା, ଫଳ, ମାଛ ମାଂସ ପ୍ରତି ତାଙ୍କର ଭାରି ଲୋଭ । ଭାବନ୍ତି ମୋଫତ, ମାଗଣାରେ ଦିଅନ୍ତେ କି ? ଗାଁର ସୁନ୍ଦର ଝିଅବୋହୂଙ୍କ ଉପରେ ତାଙ୍କର ଖରାପ ଦୃଷ୍ଟି । ଗୃହ ଚାକରାଣୀ, ଦାସୀ କରି ଖଟାନ୍ତି, ଯୌନ ପିପାସା ମେଣ୍ଟାନ୍ତି । ହୋଟେଲ, ବାର, ରେଷ୍ଟୁରାଣ୍ଟରେ ନାଚବାଲୀ କରାଇ ମଜା ଉଠାଇ ମନୋରଂଜନ କରାନ୍ତି ।

ଆରେ ସେ ସହରୀ ପାଠୋଇ ଝିଅଙ୍କ କଥା କହିବି କ'ଣ ? 'ଖଜୁରୀ ଗଛ ମୂଳରୁ ପାହାଚ ପାହାଚ' ସେ ପେରମ ବିକନ୍ତି । ସମସ୍ତଙ୍କୁ ପ୍ରୀତି କରି ପ୍ରଜାପତି ଭଳି ଘୂରନ୍ତି, ଧରା ନଦେଇ ମାଲ ଖସାଇ ଚାଲିଯାଆନ୍ତି । ମଫସଲର ପଢ଼ୁଆ, ଶିକ୍ଷିତ, ସୁନ୍ଦର, ରୋଜଗାରକ୍ଷମ ଯୁବକ ଦେଖିଲେ ବେକରେ ଝୁଲନ୍ତି । କଳେବଳେ କଉଶଳେ ବରଣମାଳା ଦେଇ ଜୀବନସାରା ପୁରୁଷଟିକୁ ଜାଳିପୋଡ଼ି ମାରନ୍ତି ।

ଦେଖ ପୁଅ ମୋ କଥା ଗୁରୁଜ୍ଞାନ ମନେ କରି ସହରରେ ଚଳିବୁ । ଝିଅମାନଙ୍କ କଥାରେ ରସିବୁନି, ଫସିବୁନି । ନିଜ କାମ ସାରି ଘରକୁ ଫେରିବୁ । ନିଶିକାନ୍ତ ସବୁକଥା ଆଇର ଉପଦେଶ ମନକର୍ଣ୍ଣ ଦେଇ ଶୁଣିଲା । ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବାର ପ୍ରତିଶ୍ରୁତି ଦେଲା ।

## ।। ଦୁଇ ।।

ନିଶିକାନ୍ତ ଭୁବନେଶ୍ୱର ସହରକୁ ଆସି ପ୍ରଥମେ ଜଣେ ସାଙ୍ଗ ଘରେ ରହି ଘର ଖୋଜିଲା । ଅବିବାହିତ, ବ୍ୟାଚେଲର କଥା ଶୁଣିଲେ ଘର ମାଲିକ ନାକ ଟେକିଲେ । ଘର ଖାଲି ଥିଲେ ବି ନାହିଁ କଲେ ।

ନିଜର ଜଣେ ପୂର୍ବତନ ଶିକ୍ଷକଙ୍କ ଜରିଆରେ ଭୁବନେଶ୍ୱର ଭି.ଆଇ.ପି ଏରିଆରେ ପ୍ରଫେସର ଦାଶରଥି ପ୍ରଧାନଙ୍କର ଏକ ସିଙ୍ଗଲ ରୁମ୍ ଯୋଗାଡ଼ କଲା । ଉପର ମହଲାରେ ନିଜ ପରିବାର ସହ ରହନ୍ତି ମିଃ ପ୍ରଧାନ । ତଳେ ଗ୍ୟାରେଜ ସରଭ୍ୟାଣ୍ଟ କ୍ୱାର୍ଟର ସହ ପାଖକୁ ଲାଗି ରହିଥିଲା ଏହି ରୁମଟି । ମିଃ ପ୍ରଧାନଙ୍କ ମା' ଯେତେବେଳେ ଶୁଣିଲେ ପୁଅ ଜଣେ ବ୍ୟାଚେଲରକୁ ସିଙ୍ଗିଲ ରୁମରେ ରହିବା ପାଇଁ କଥା ଦେଇଛି ବୁଢ଼ୀ ରାଗିପାଚି ନିଆଁ । ପୁଅକୁ ଡାକି କହିଲେ ତୁ କଣ ଜାଣୁନା ଆଜିର ଏ ବେଳାକାଳ । ତୋ କଲେଜ ପଢ଼ୁଆ ସୁନ୍ଦରୀ ଝିଅ ଏବେ ପରା ଘିଅ । ସେ ପୁଣି ରହିବ ନିଆଁ ପାଖରେ । କେତେବେଳେ କି ଅଘଟନ ହେବ କିଏ ଜଗି ବସିବ । ମନା କରିଦେ ସେ ବ୍ୟାଚେଲର ଟୋକାକୁ ।

ମିଃ ପ୍ରଧାନ ମା'ଙ୍କୁ ଆଶ୍ୱାସନା ଦେଇ କହିଲେ ପିଲାଟି ଖୁବ୍ ଭଦ୍ର, ଅମାୟିକ ଜଣେ ଗ୍ରାମୀଣ ଯୁବକ । ଏଠାରେ ରହିବାର ବ୍ୟବସ୍ଥା କରାଇଛନ୍ତି ମୋର ଜଣେ ସହକର୍ମୀ । ସେ ଯାହାହେଉ ମୁଁ ସେ ଟୋକା ସହ କଥା ହୋଇ ସାରିବା ପରେ ରହିବାପାଇଁ କହିବୁ । ବୁଢ଼ୀ କଥାରେ ମିଃ ପ୍ରଧାନ ରାଜି ହୋଇ ନିଶିକାନ୍ତକୁ ମା'ଙ୍କୁ ଦେଖା କରିବାକୁ ଅନୁରୋଧ କଲେ ।

ଏକ ଅପରାହ୍ନରେ ନିଶିକାନ୍ତ ବୁଢ଼ୀକୁ ଦେଖା କରିବାକୁ ପହଂଚିଲା ଉପର ତାଲାରେ । ପରିଚୟ ହେଲା । ବୁଢ଼ୀ ନିଶିକାନ୍ତର ସମସ୍ତ ବୃତ୍ତାନ୍ତ ଶୁଣି କହିଲେ ଦେଖ ଟୋକା ରହିଲୁ ଭଲ କଲୁ କିନ୍ତୁ ସର୍ତ୍ତ ରହିଲା ତୋ ବାଟରେ ତୁ ଯିବୁ ଉପର ମହଲାକୁ କେବେ ଅନାଇବୁ ନାହିଁ । ବାଲକୋନୀରେ କିଏ ବସେ, କିଏ ହସେ କାନକୁ ନେବୁନି । ଠିକ୍ ତ ? ନିଶିକାନ୍ତ ରାଜିହୋଇ ଫେରିଲା । କିନ୍ତୁ ବୁଢ଼ୀ ତ ମନେ ମନେ ଫସିଲା ଦେଖି ଟୋକାର ସୁନ୍ଦର, ସୁଠାମ ବଙ୍କିମ ଦେହ, ସୁନ୍ଦର ଉଜ୍ଜ୍ୱଳ ମୁହଁ, ଭାବାପୂର୍ଣ୍ଣ ଚେହେରା, ଭାବିଲା ବୟସ ଥିଲେ ଏବେ ଏ ଟୋକାଟାକୁ ଗୋଟାଏ ଦେଇ ତା ପ୍ରେମରେ ଫସି ପେରମ କରି ସଂସାର ବାନ୍ଧିଥାନ୍ତି । ଛି ଗେରସ୍ତଟା ଥିଲା ଶୁଖା, ବେରସିକିଆ, ରସହୀନ ଭାବି ଆଖିରେ ଲୁହ ଜକାଇ ଆସିଲା ।

ମିଃ ପ୍ରଧାନଙ୍କ ଝିଅ ମାଧବୀ ଥିଲା ଅପୂର୍ବ, ରୂପବତୀ, ଟଂଚଳୀ, ଛଟକୀ । ପଢ଼େ କଲେଜର ଦ୍ୱିତୀୟ ବର୍ଷରେ । ଯାତାୟାତ କରେ କାରରେ । ସାଙ୍ଗ ତାର ପୋଲିସ ଅଫିସରଙ୍କ ଝିଅ ଶ୍ୟାମଳୀ । ସେ ଥିଲା ଆଧୁନିକା, ଫେସନବାଲୀ ।

ମାଧବୀ ଶୁଣିଥିଲା ତାଙ୍କ ଘର ତଳଘର ସିଙ୍ଗିଲ ରୁମ୍‌ରେ ଜଣେ ଯୁବକ ଯାହାକୁ ଜେଜ ମା' ଡାକି ଉପର ତାଲାକୁ ନ ଅନାଇବାକୁ ଶୁଣାଇଛନ୍ତି । ମନରେ ବଢ଼ିଲା ଟୋକାଟାକୁ ଦେଖିବାର ଆଗ୍ରହ, କୌତୂହଳ । ଏଣୁ ସେ ନିଶିକାନ୍ତର ଯାତାୟାତ ବେଳେ ଲୁଚି ଛପି ଦେଖେ । ଦିନେ ନିଶିକାନ୍ତ ରୁମକୁ ଫେରୁଥିଲା । ମାଧବୀ ବାଲକୋନୀର ଏକ କଣରେ ଲୁଚି ତାକୁ ସମ୍ପୂର୍ଣ୍ଣ ଭାବେ ଦେଖିଦେଲା । ଏବେ ବୁଝିଲା ଜେଜେ ମା କାହିଁକି ଉପରକୁ ନ ଅନାଇବାକୁ କହିଥିଲା । ପ୍ରଥମ ଦେଖାରେ ମାଧବୀ ଦେହରେ ଅହେତୁକ ଶିହରଣ ରୋମାଂଚ ଖେଳିଯାଇଥିଲା । ଭାବିଲା ଏପରି ରୂପବନ୍ତ ଯୁବକ ସହରରେ ଦୁର୍ଲଭ ।

ଏହି ବିଷୟକୁ ନେଇ ମାଧବୀ ବାନ୍ଧବୀ ଶ୍ୟାମଳୀ ସହ କଥା ହୋଇଥିଲା । ଟୋକାଟା ପ୍ରକୃତରେ ଜେଜେମା'ର ଆଦେଶ ପାଳନ କରୁଛି କି ନା ଜାଣିବାପାଇଁ ଶ୍ୟାମଳୀକୁ ଗୃହକୁ ଡକାଇଲା ।

କିଛି ଫୁଲ ଗୋଟାଇଲେ, ଛୋଟ ଛୋଟ ବାଲିରଗଡ଼ା ଆଣି ବାଲକୋନୀରେ ବସି ଖୁସିଗପ କଲେ । ନିଶିକାନ୍ତର ଫେରିବା ବାଟକୁ ଅପେକ୍ଷା କଲେ । ସଂଜ ହେଲା । ଷ୍ଟ୍ରିଟ୍ ଲାଇଟ୍ ଜଳିଲା । ମନ୍ଦିରରେ ଆରତି ଆରମ୍ଭ ହେଲା । ଜେଜେ ମା' ଠାକୁର ଘରକୁ ଯାଇ ଭାଗବତ ପଢ଼ା ଆରମ୍ଭ କଲେ । ମା' ସଂଧ୍ୟା ଦୀପ ବୃନ୍ଦାବତୀଙ୍କ ପାଖରେ ଦେବାକୁ ବାହାରି ଗଲେ ।

ପରିବେଶ ଥିଲା ଶୀତଳ, କୋମଳ ଗାମ୍ଭୀର୍ଯ୍ୟପୂର୍ଣ୍ଣ । ଗେଟ୍ ଖୋଲି କେହି ଜଣେ ଆସୁଥିବାର ଶବ୍ଦ ହେଲା । ବାନ୍ଧବୀ ଦ୍ୱୟ ମଧ୍ୟରେ ଛନକା ପଶିଲା । ନିଶିକାନ୍ତ ରୁମ୍ ଆଡ଼କୁ ଆଗେଇ ଆସୁଥିବା ସମୟରେ ମୁଣ୍ଡ ଉପର କେତେଟା ଗୋଲାପ କଢ଼ ପଡ଼ିଲା, ତଥାପି ଚାଲିଲା । ଏବେ ହାତରେ ପିଠିରେ ଦୁଇ ଚାରୋଟି ଗୋଡ଼ି ବାଜିଲା । ନିଶିକାନ୍ତ ଏବେ ବୁଝିପାରିଲା ଏହା ତାର ପରୀକ୍ଷାର ବେଳ । ଜାଣୁଛି ବାଲକୋନୀରୁ ଏ ସବୁ ଆସୁଛି, ଖିଲି ଖିଲି ହସ ଶୁଭୁଛି । ତେଣୁ ଲମ୍ୱା ପାହୁଣ୍ଡ ପକାଇ ରୁମ୍ ଭିତରକୁ ଚାଲିଗଲା । ଆଇ ବୁଢ଼ୀର ଉପଦେଶ ମନେ ପକାଇ ନିଜ କାମରେ ଲାଗିଗଲା ।

ବାନ୍ଧବୀଦ୍ୱୟ କଲେଜ, ବଜାର ସର୍ବଦା କାରରେ ଯାତାୟାତ କରନ୍ତି । ଏଣୁ ସହର ଭିତରର ଅନୁଭୂତି ଉପଲବ୍ଧି କମ୍ ଥିଲା । କଲେଜକୁ ବହୁ ସାଙ୍ଗ ସାଥୀ କାନ୍ଧର ପଛରେ ବ୍ୟାଗ୍ ଝୁଲାଇ ସାଇକେଲରେ ଆସନ୍ତି । ସେ ଅନୁଭୂତିଟା କିପରି ଲାଗୁଛି ପରୀକ୍ଷା କରିବାପାଇଁ ମନସ୍ଥ କଲେ । ଖୁବ୍ ସଜେଇ ହେଲେ, କଲେଜ ବାହାରି ଗଲେ ।

ଏ.ଜି ଅଫିସ୍ ଚାରିଛକ ସେଠୁ ପୂର୍ବକୁ ଲମ୍ୱି ଯାଇଛି କଳ୍ପନାକୁ ସିଧା ସଡ଼କ । ବାନ୍ଧବୀ ଦ୍ୱୟ ଏକ ଗଳି ରାସ୍ତାରୁ ମୁଖ୍ୟ ରାସ୍ତାକୁ ବାହାରିବା ପୂର୍ବରୁ ରହିଛି ବୃହତ ବରଗଛ । ବରଗଛ ଚତୁଃପାର୍ଶ୍ୱ ସିମେଂଟ ପିଣ୍ଡି । ସେଟା ହୁଣ୍ଡା, ମୁଣ୍ଡା, ଗୁଣ୍ଡା, ମଦୁଆ, ଗଂଜେଡ଼ଙ୍କ ଆଡାସ୍ଥଳୀ । ବିଶ୍ରାମ ନିଅନ୍ତି ମଧ୍ୟ କିଛି ପଥଚାରୀ, କିନ୍ତୁ ସ୍ଥାୟୀ ଆଡା, ଆଖଡ଼ାଶାଳା ହେଉଛି ଧୂମା, କାଳିଆ, ନୀଳା ସାଙ୍ଗଙ୍କର । ମୋବାଇଲରୁ ସିନେମାର ରସି ରସିଆ ସଙ୍ଗୀତକୁ, ତାସ ମାସ, ଶୋଷ ମେଣ୍ଟାଇବାକୁ ନାଳି ପାଣିରୁ ଢ଼ୋକେ ଲେଖା ପିଇ ଆଡା ଜମାଇ ଥାଆନ୍ତି । ଝିଅ ବୋହୂ ଦେଖି ଛଟା ମେଲାନ୍ତି କମେଣ୍ଟ ମାରନ୍ତି । ହଙ୍ଗାମା କରିବାପାଇଁ ନେତାଙ୍କଠାରୁ ଆଦେଶ ପାଇ ଛୁଟନ୍ତି ।

କେଉଁ ଏକ କୁବେଳାରେ ଦୁଇ ବାନ୍ଧବୀ ମାଧୁରୀ ଓ ଶ୍ୟାମଳୀ ପଡ଼ିଗଲେ ସେ ଉଦ୍ଧତ, ବର୍ବର, ଅସଭ୍ୟ ଧୂମା, କାଳି ନୀଳା ହାବୁଡ଼ରେ । ଧୂମା ଗଂଜେଇଟା ଦିଢ଼ୋକ ଟାଣି ଉପରକୁ ଧୂଆଁଟା ଛାଡୁଥିବା ବେଳେ ଆଖିରେ ପଡ଼ିଗଲେ ଯୁବତୀଦ୍ୱୟ । ଆଖିଠାର ଦେଇ ଆଙ୍ଗୁଳି ଦେଖାଇ ପିଣ୍ଡି ତଳକୁ ଚାଲିଯିବାର ଦେଖି ଅନ୍ୟମାନେ ମିଶି ସେମାନଙ୍କୁ ଅଟକାଇ ଦେଲେ । ଜଣେ କହିଲା ନୂଆକରି ମର୍ତ୍ତ୍ୟକୁ ଓହ୍ଲାଇ ଆମକୁ ଭେଟି ବହିନା ଦେଇ ଯିବେ ପରା । କାଳିଆ କହିଲା କେଡ଼େ ଛନଛନିଆ ତଟକା ସଦ୍ୟ ଫୁଟା ଗୋଲାପ ଫୁଲ ଦୁଇଟି ଖାଲି ଗୋଟିଏ ଗୋଟିଏ ଚୁମା ଦେଲେ ଛାଡ଼ିଦେବୁ । ଧୂମା ଟିକିଏ ଆଗେଇ ଯାଇ କହିଲା ଡୋ ନୋଟ୍ ଫିଅର ଡାର୍ଲିଙ୍ଗ, ୟୁ ଆର ଆଓ୍ୱାର ନିଉ ଫ୍ରେଣ୍ଡସ ଦେଇଯାଆ ଠିକଣା ମୋବାଇଲ ନମ୍ବର । ଆମେ ପରା ଏ ସହରରେ ହିରୋ । ଖାଲି ଟିକିଏ ଇସରାରେ ଆମେ ପହଂଚିଯିବୁ ତୁମ ଇଲାକାରେ, ତୁମ ବେଡ ରୁମରେ । ହା ହା କହି ହସିଦେଲେ ତିନିବନ୍ଧୁ ।

ପ୍ରଥମ କରି ଏପରି ଏକ ଅସ୍ୱାଭାବିକ ପରିସ୍ଥିତିରେ ପଡ଼ି ଦେହରୁ ଗମ୍ ଗମ୍ ଝାଳ ବହିଗଲା, ମୁଁ ଲାଲ ପଡ଼ିଗଲା । କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଖସିଯିବାକୁ ଉଦ୍ୟମ କଲେ । କିନ୍ତୁ ପାରିଲେ ନାହିଁ । ପେଲା ପେଲି, ଟଣା ଟଣି ଚାଲିଥିବା ମଧ୍ୟରେ ଜଣେ ବଳିଷ୍ଠ ସାହସୀ ଯୁବକ ପହଂଚି କହିଲେ 'ହଇହେ ଏଠି କି ତାମସା ଚାଲିଛି । ନିରୀହା ବିଚାରୀ କଲେଜ ଯାଉଥିବା ଯୁବତୀଙ୍କୁ ବାଟରେ ଅଟକାଇ ଅପମାନିତ କରୁଛ ।' ଯୁବକର ହାତର ଚାପୁଡ଼ା ଗୋଇଠା ମାଡ଼ରେ ନିଶାଗ୍ରସ୍ତ ଯୁବକ ତ୍ରୟ ପିଣ୍ଡି ତଳେ ପଡ଼ି ଚିତ୍କାର କରି କହୁଥିବାର ଶୁଣାଗଲା 'ଏ ଶଳା ରାକ୍ଷସ, ହାତିଆଟା ଅକାଳେ କେଉଁଠୁ ଆସି ଜୁଟିଲା ଆମ ଦାନା ପାଣିରେ ବାଧା ଦେଲା ।' ଝାଡ଼ି ଝୁଡ଼ି ହୋଇ ଉଠିପଡ଼ି ଶୁଣାଇଲେ ସାଲେକୋ ଦେଖ ଲେଙ୍ଗେ' । ଭୁଜାଲି ଧରି ବାହାରି ଆସିଥିବା ସମୟକୁ ସେ ଯୁବକ, ମାଧୁରୀ ଓ ଶ୍ୟାମଳୀ ଅନେକ ବାଟ ଆଗେଇ ଯାଇଥିଲେ ।

ସେ ଯୁବକ ଥିଲା ନିଶିକାନ୍ତ । ଏ.ଜି ଅଫିସରେ ଏକ ପରୀକ୍ଷା ଦେବାପାଇଁ ସେ ରାସ୍ତା ଦେଇ ଯାଉଥିଲା ସେହି ସମୟରେ । ମାଧୁରୀ ଓ ଶ୍ୟାମଳୀ ନିଶିକାନ୍ତର ସାହାଯ୍ୟ ପାଇଁ ଅନେକ ଧନ୍ୟବାଦ ଜଣାଇଲେ । ରାସ୍ତାରେ ଘଟିଥିବା ସମସ୍ତ ବୃତ୍ତାନ୍ତ ସେ ଦିନ ମାଧୁରୀ ତା ଜେଜେ ମା'ଙ୍କୁ ଜଣାଇ ଥିଲା । ଶ୍ୟାମଳୀ ମଧ୍ୟ ନିଶିକାନ୍ତ ସାହାଯ୍ୟରେ କିପରି ଦଳେ ଅସାମାଜିକ ଯୁବକଙ୍କ କବଳରୁ ରକ୍ଷା ପାଇଲା ଶୁଣାଇଲା ତା ପୋଲିସ ଅଫିସର ପିତାଙ୍କୁ ।

ଆସନ୍ନ ଅନ୍ଧକାର ଭିତରେ ଆଲୋକର ଶେଷ ଛଟାକୁ ଚାହିଁ ବସିଛି ପେଟ ପୋଷିବା ପାଇଁ ଖଣ୍ଡେ ଚାକିରି । ଏବେ ଭାବୁଛି ଆଇକୁ ଦେଇଥିବା ପ୍ରତିଶ୍ରୁତି ପାଳନ କରିପାରି ନାହିଁ ନିଶିକାନ୍ତ । ତଥାପି ଚାଲିଛି, ଥକି ପଡ଼ିନାହିଁ ।

ସମୟ ଚାଲିଥିଲା ରୁଣୁଝୁଣୁ ତାନରେ ଠିକ୍ ଛନ୍ଦରେ । ଏତିକି ବେଳେ ଘଟିଗଲା ଏକ ଛନ୍ଦ ପତନ ଗୃହ ମାଲିକ ମିଃ ପ୍ରଧାନଙ୍କ ଉପର ମହଲାରେ ।

ଦଶହରା ସମୟ । ପଡ଼ାର ଟୋକାଙ୍କର ଧାଁ ଧପଡ଼, ମଜା, ମସ୍ତି କରିବାର ଠିକ୍ ବେଳେ । ରସିଦ ବହି ଧରି ଦଳଦଳ ଟୋକା ବୁଲୁଛନ୍ତି ।

କେତେଟା ଟୋକା ମିଃ ପ୍ରଧାନଙ୍କ ଘରର ବେଲ୍ ଚିପିଲେ । ସେ ସମୟରେ ମିଃ ପ୍ରଧାନ କଲେଜରୁ ଫେରି ଚା କପେ ଧରି ବାଲ୍‌କୋନୀରେ ଖବର କାଗଜର ପୃଷ୍ଠା ଓଲଟାଉଥିଲେ । ଟୋକାମାନେ ଦାସିଆ ହାତରେ ଦୁଇ ହଜାର ଏକ ଟଙ୍କା ଚାନ୍ଦାର ଏକ ରସିଦ୍ ବାବୁଙ୍କ ହାତକୁ ବଢ଼ାଇ ଦେଲା । ମିଃ ପ୍ରଧାନ ଆଶ୍ଚର୍ଯ୍ୟ ହେଲେ ଓ ପିଲାଙ୍କ ପାଖକୁ ଯାଇ କହିଲେ ଏ କି ପ୍ରକାର କଥା, କାଲି ନେଇ ପୁଣି ଆଜି ଆସିଛ । ଏ କ'ଣ ସବୁ ଚାଲିଥିବ କହି ଗତକାଲିର ରସିଦ୍ ଦେଖାଇଲେ । ପିଲାମାନେ ବୁଝିଗଲେ । ଏହା ଅନ୍ୟ ଓ୍ୱାର୍ଡର ଟୋକାଙ୍କ ଚାଲ । ଆଗରୁ ମାରି ନେଲେ ।

ଟୋକାଗୁଡ଼ା ଥିଲେ ନଛୋଡ଼ବନ୍ଧା, ଜିଦ୍‌ରେ ଅଟଳ । ଆପଣଙ୍କୁ ଭୁଲେଇ ଭାଲେଇ, ମିଛ ସତ କହି ଆମର ବିରୋଧ ପାର୍ଟି ଅନ୍ୟ ଓ୍ୱାର୍ଡ଼ର ପିଲାମାନେ ଆପଣଙ୍କୁ ଠକି ନେଇଛନ୍ତି । ଆପଣ ଠକାମିରେ ପଡ଼ିଲେ । ସେଥିରୁ ଆମକୁ ମିଳିବ କଣ ? ଆପଣ ଆମ ପଡ଼ାର, ଓ୍ୱାର୍ଡ଼ର ଲୋକ । ଆପଣଙ୍କ ପାଖ ମଣ୍ଡପରେ ହେବ ମା'ଙ୍କ ଦଶପୂଜା । ଏଣୁ ଭେଦାଟାକୁ ଦେବାକୁ ହେବ ।

ଟୋକାଗୁଡ଼ାଙ୍କର ବେଢ଼ଙ୍ଗ, ଅଯୁକ୍ତି, ଅବାନ୍ତର, ବାଜେ କଥା ଗୁଡ଼ା ସହି ପାରିଲେ ନାହିଁ ମିଃ ପ୍ରଧାନ । ଦୃଢ଼ କଣ୍ଠରେ ଆଉ ଚାନ୍ଦା ଦେଇପାରିବି ନାହିଁ ଘରୁ ଚାଲିଯାଅ ବୋଲି କହିଲେ ।

ଆମେ ଚୋରନୁହେଁ, ଟକସର ନୁହେଁ, ଗୁଣ୍ଡା ନୁହେଁ ଆମେ ପଡ଼ାର ପିଲା । କାହିଁକି ବାହାରି ଯିବାକୁ କହିଲେ ? ଆମେ ନେବୁ ଯିବୁ । ଏହିପରି ନାନା କଥା କହି ହୋ ହାଲ୍ଲା କଲେ, ଜିନିଷପତ୍ର ଛିନଛତ୍ର କରି ପକାଇଲେ । ଧସ୍ତାଧସ୍ତି ପର୍ଯ୍ୟନ୍ତ କଥାଗଲା ।

ଜେଜମା ଏ ଅଭାବନୀୟ ପରିସ୍ଥିତି ଅଧିକ ଯିବାକୁ ନଦେଇ ପଡ଼ୋଶୀଙ୍କ ସାହାଯ୍ୟ ଖୋଜିଲେ । ଏତିକିବେଳେ ନିଶିକାନ୍ତ ତା ରୁମକୁ ଫେରୁଥିଲା । ବୁଢ଼ି ବଡ଼ ପାଟିରେ ଡାକ ଛାଡ଼ିଲେ ପୁଅରେ ଜଲଦି ଆ । ସାହାଯ୍ୟ କର । ମାରି ଦେବେ ମାରିଦେବେ ଏମାନେ ।

ମୁହଁ ତଳକୁ କରି ନିଶିକାନ୍ତ କହିଲା ପ୍ରତିଜ୍ଞା କରାଇଥିଲେ ଉପରକୁ ନ ଅନାଇବାକୁ ଯିବାକୁ । ଏବେ କାହିଁକି ? ଆରେ ପୁଅ କେତେବେଳେ କେଉଁ କଥା କହିଥିଲି ଧରି ବସିଛୁ । ଭୁଲିଯା ସେ କଥା । ଶୀଘ୍ର ଉପରକୁ ଆସି ସାହାଯ୍ୟ କର ।

ଏଠି ବିବେକ ଓ ବିଚାରର ପ୍ରଶ୍ନ । ବିପଦବେଳେ ସାହାଯ୍ୟ କରିବା ନିଶିକାନ୍ତର ଜନ୍ମଗତ ଗୁଣ, ଚରିତ୍ରର ପ୍ରବଣତା, ଧର୍ମ, ପ୍ରକୃତି । ବିଳମ୍ବ ନକରି ପହଂଚିଗଲା । ଦେଖିଲା ଭାଡୁଆ, ନିର୍ଲଜ୍ଜ ଟୋକା ଗୁଡ଼ାଙ୍କର କେଳେଙ୍କାରୀ । ଦେଖିଲା ମଧ୍ୟ ମିଃ ପ୍ରଧାନଙ୍କ ନାକରୁ ବହୁଥିବା ରକ୍ତଧାର । ବୁଝିଗଲା ଟୋକାଙ୍କର ମୁଥ ମାଡ଼ରେ ଘଟିଛି ଅଘଟନ । ସମସ୍ତ ଶକ୍ତି ପ୍ରୟୋଗ କରି ଦୁଇ ତିନିଟାଙ୍କୁ ତଣ୍ଟିଆ ମାରି ତଳେ ପକାଇ ଦେଲା । ଆଉ ଦୁଇଟାଙ୍କୁ ଘର ଭିତରୁ ବାହାର କରିଦେଲା । ତଳେ ପଡ଼ିଯାଇଥିବା ଟୋକା ପୋଲିସ ଆସିଥିବା ଭାବି ଦୌଡ଼ିବାକୁ ଚେଷ୍ଟାକରି ପାହାଚ ଝୁଣ୍ଟି ଗଡ଼ିଗଡ଼ି ତଳେ ପଡ଼ିଲେ ।

ଘରେ ଏ ପ୍ରକାର ଗଣ୍ଡଗୋଳ, ଝଗଡ଼ା, ବିଶୃଙ୍ଖଳା ଓ ବାପାଙ୍କୁ ଆକ୍ରମଣ ଘଟଣା ମାଧୁରୀ ପୋଲିସକୁ ଅଙ୍କଲକୁ ଜଣାଇ ଶୀଘ୍ର ହସ୍ତକ୍ଷେପ କରିବାକୁ ଅନୁରୋଧ କଲା । ବନ୍ଧୁ ମିଃ ପ୍ରଧାନଙ୍କୁ ଏକ ସଙ୍କଟ, ଦୁର୍ଦ୍ଦିନରେ ସାହାଯ୍ୟ କରିବାପାଇଁ ପୋଲିସ ସାହେବ ନିଜେ କେତେକ କନେଷ୍ଟବଳଙ୍କୁ ଧରି ପହଂଚି ଯାଇଥିଲେ ମାଧୁରୀର ଦ୍ୱାର ଦେଶରେ । କାହାକୁ ବାହାରକୁ ନଛାଡ଼ିବାକୁ ନିର୍ଦ୍ଦେଶ ଦେଇ ପହଂଚିଗଲେ ଘଟଣାସ୍ଥଳରେ । ପରିସ୍ଥିତି ଥିଲା ସାଂଘାତିକ, ହୃଦୟ ବିଦାରକ, ଅତି କରୁଣ ଶୋଚନୀୟ । ମହିଳାମାନଙ୍କୁ ଏକ ଘରେ ପୂରାଇ ବାହାର ବନ୍ଦ କରିଥିଲେ, ମିଃ ପ୍ରଧାନ ଥିଲେ ସଂଜ୍ଞାହୀନ । ନିଶିକାନ୍ତ ମିଃ ପ୍ରଧାନଙ୍କୁ ଡାକ୍ତରଖାନାକୁ ସ୍ଥାନାନ୍ତର କରାଇଲେ । ସାଥିରେ ଶ୍ରୀମତୀ ପ୍ରଧାନ ସହାୟକ ଭାବେ ଚାଲିଲେ । ବାହାରେ ଜଗି ରହିଥିବା ଫୋର୍ସ ଟୋକା ପାଂଚଟାକୁ ହାଜତରେ ଠୁଙ୍କି ଦେଲେ ।

ଜେଜ ମା' ପୋଲିସ ସାହେବଙ୍କୁ ଧନ୍ୟବାଦ ଜଣାଇଲେ । ନିଶିକାନ୍ତ ଯୋଗୁ ରକ୍ଷା ପାଇଗଲେ ବୋଲି କହିବାକୁ ମଧ୍ୟ ଭୁଲି ନଥିଲେ ।

ଆଚ୍ଛା ଏହି ସେହି ନିଶିକାନ୍ତ ଯେ ସେଦିନ ମଧ୍ୟ ଝିଅ ଦୁହିଁଙ୍କୁ ଅସୁବିଧାରୁ ମୁକୁଳାଇ ଥିଲା । ହଁ, ହଁ ଏହି ସେହି ନିଶିକାନ୍ତ କହିଲେ ଜେଜେ ମା' ।

## ।। ତିନି ।।

ଜୀବନ କେବଳ ଖରାଦିନ ହୋଇପାରେନା । ନିଦାଘର ଝଂଜିରେ ଶୁଷ୍କ, ନିରସ ପାଲଟିଥିବା ପୃଥିବୀର ବକ୍ଷ ବି ଦିନେ ସବୁଜିମା ମଣ୍ଡିତ ହୁଏ, ବର୍ଷାର ସ୍ପର୍ଶରେ ।

ପୋଲିସ ଇନ୍‌ସପେକ୍ଟର ପଦବୀ ପୂରଣ ପାଇଁ ବାହାରିଥିଲା ବିଜ୍ଞାପନ । ନିଶିକାନ୍ତ ତା'ର କଲେଜରୁ ପାଇଥିବା ସ୍ପୋର୍ଟସ୍ ସାର୍ଟିଫିକେଟ ସହ ଡିଗ୍ରୀ ସାର୍ଟିଫିକେଟକୁ ଦରଖାସ୍ତ ସହ ଯୋଡ଼ିଥିଲା । ସମସ୍ତ ପ୍ରକାର ଟେଷ୍ଟରେ ସେ କୃତକାର୍ଯ୍ୟ ହେଲା । ଆବଶ୍ୟକ ସ୍ଥଳେ ଶ୍ୟାମଳୀର ପିତା ମଧ୍ୟ ନିଶିକାନ୍ତକୁ ଗାଇଡ୍ କରିଥିଲେ । ଚାକିରି ହୋଇଗଲା ।

ପୂରା ଇଉନିଫର୍ମରେ ପୋଲିସ୍ ଜିପ୍ ନେଇ ନିଶିକାନ୍ତ ଦିନେ ପହଂଚିଲା ଗାଁରେ । ସୁପ୍ତ ପରିବେଶ, ଅଣଓସାରିଆ ରାସ୍ତାରେ ପୋଲିସ୍ ଗାଡ଼ି ଦେଖି ଗାଁ ଲୋକେ ଆଶ୍ଚର୍ଯ୍ୟ ହେଲେ । ଚୋରି, ଡକାୟତି, ନରହତ୍ୟା, ଗୃହଦାହ, ଅପହରଣ, ବଳାତ୍କାର ବା ଅପମୃତ୍ୟୁ ତ ଏ ଗାଁରେ ଘଟିନାହିଁ ତେବେ ପୋଲିସ କାହିଁକି ଗାଁରେ । କଥାଟାକୁ ଲୋକେ ସହଜରେ ଗ୍ରହଣ କଲେ ନାହିଁ । ଛୋଟ ପିଲା, ବୁଲା କୁକୁରଗୁଡ଼ା ଜିପ୍ ପଛରେ ଗୋଡ଼ାଉ ଥିଲେ । କିନ୍ତୁ ଜିପ୍‌ଟା ଲାଗିଲା ଯାଇ ନିଶିକାନ୍ତର ଆଇ ବୁଢ଼ୀ ଘରେ । କିଛି ଲୋକ କହିଲେ ହଁ ସେ ବୁଢ଼ୀ ବ୍ୟାଙ୍କ ଋଣ ସୁଝି ନଥିବାରୁ ଘର କୋରକି, ସଂପତ୍ତି ଅଟକ ରଖି ନିଲାମ ହେବ । ସେଠି ବସି ଦେଖୁଥିବା ନରି ସାହୁ କହିଲା ବୁଢ଼ୀର ନାତି ସହରରେ କିଛି ଅପକର୍ମ କରି ଲୁଚିଚି, ପୋଲିସ ଖୋଜିବାକୁ ଆସିଛି । ଏହିପରି ନାନାକଥା କହୁଥିଲେ ।

ଆଇବୁଢ଼ୀ ପାନ ଭାଙ୍ଗୁଥିଲା । ହଠାତ୍ ନିଶିକାନ୍ତ ଭିତରେ ପଶିଯିବାରୁ ବୁଢ଼ୀ ଚମକି ପଡ଼ିଲା । ପୋଲିସ ପୋଷାକରେ ସେ କାହୁଁ ବା ଚିହ୍ନନ୍ତା; କିନ୍ତୁ ନିଶିକାନ୍ତ ବୁଢ଼ୀର ପାଦ ସ୍ପର୍ଶକରି କୁଣ୍ଢେଇ ପକାଇଲା । କହିଲା ଆଇ କେମିତି ତୁ ଅଛୁ ? ବୁଢ଼ୀ ପ୍ରକୃତିସ୍ଥ ହୋଇ କହିଲା ମୋ ଧନରେ, ମୋ ପୁଅରେ ଆଜିଯାଏଁ ତୁ କେଉଁଠୁ ଥିଲୁ । ଆଖିରେ ପାଣି ଶୁଖିଲାଣି । ଦିଅଁ ଦେବତାଙ୍କୁ ଡାକି ଡାକି ଥକି ପଡ଼ିଲିଣି ।

ନିଶିକାନ୍ତ ସକଳ ବୃତ୍ତାନ୍ତ ଶୁଣାଇ ନିଶଟାକୁ ମୋଡ଼ିଦେଇ ପୋଲିସ ଠାଣି କାଇଦାରେ ଆଇକୁ ଏକ ସାଲ୍ୟୁଟ ମାରି କହିଲା ମୁଁ ପରା ଏବେ ଜଣେ ବଡ଼ ପୋଲିସ ସାହେବ । ଆସିଛି ବାନ୍ଧିନେଇ ଜେଲରେ ପୂରାଇବି । ବୁଢ଼ୀ ହସିଦେଇ କହିଲା ଯେଉଁଠି ପୂରାଉଛୁ ପୂରା ମୋ ପାଖକୁ ଫେରିଛୁ ସେଇଟା ହିଁ ମୋ ଭାଗ୍ୟ ।

ପେଡ଼ି ପୁଟୁଳା ବାନ୍ଧ । ଚାଲ ସହର ଦେଖି ଆସିବୁ । ମୋର ସରକାରୀ ଘରେ ରହିବୁ କହିଲା ନିଶିକାନ୍ତ ।

ନାଁ ଲୋ ମା । ମୋ ଟିକିଲି କାଳିଗାଇ, ଆମ୍ବ, ପଣସ ବାଗନା ଟିକି ଗଡ଼ିଆକୁ ଛାଡ଼ିଯିବି ନାହିଁ । ଗୋଡ଼ କାଢ଼ିଲେ ଲୋକଗୁଡ଼ା ଲୁଟିନେବେ । ମୋ ଗାଁ ଏ ପାଣି ପବନ ମୋର ଭଲ କହିଲା ଆଇବୁଢ଼ୀ ।

ଆଲୋ ଆଇ ବେଶି ନହେଲେ ବି ଦିନ କେତେଟା ପାଇଁ ଚାଲ ମୋ ସରକାରୀ ଘର, ଥାନା, କଚେରି ଲିଙ୍ଗରାଜ ମନ୍ଦିର, ନନ୍ଦନ କାନନ ସବୁ ଦେଖି ଆସିବୁ ।

ସାହିର ବିଶ୍ୱସ୍ତ ଚକରା ଭୋଇକୁ ନିଶାପାଣି ପାଇଁ ଟଙ୍କା ଦଶଟା ଗେଂଜିଦେଲା ନିଶିକାନ୍ତ । କହିଲା ଠିକରେ ଜଗିବୁ । କେହି ଜଣେ ଏଟୁ ଯଦି କୁଟା ଖଣ୍ଡେ ଉଠାନ୍ତି, ନାଁଟା କାଲି କହିଲେ ଶଳାଙ୍କୁ ମାମୁଁ ଘରେ ଠୁକିଦେବି । ଚକି ଘଣା ପେଲୁଥିବ ।

ଆଇବୁଢ଼ୀ ଭୁବନେଶ୍ୱର ଆସିବାର ସପ୍ତାହେ ହେଲାଣି । ଜୀବନର ଯାହା ଦେଖି ନଥିଲା ଦେଖୁଛି, ଶୁଣିନଥିଲା ଶୁଣୁଛି । ନାତିକୁ କେତେ କେତେ ଲୋକ ସାଲୁଟ ଠୁକୁଛନ୍ତି, ଗୁହାରି, ଅଭିଯୋଗ କରୁଛନ୍ତି ।

ସହରୀ ଜୀବନର ଧାଁ ଦଉଡ଼, ବ୍ୟସ୍ତ ସହ ବଜାର, ବସଷ୍ଟାଣ୍ଡ, ରେଳ ଷ୍ଟେସନରେ ଲୋକଗୁଡ଼ା ହାଉଯାଉ, କାଉକାଉ, ରାଉରାଉରେ ବିରକ୍ତି ହୋଇ ବୁଢ଼ୀର ମନେ ପଡ଼ିଲା ତା କାଳି ଗାଇ, ବଗିଚାର ଆମ୍ବ, ପଣସ କଥା । ନାତି ଚାକିରି କଲା ସତ କିନ୍ତୁ ନାହିଁ ତାର ବିଶ୍ରାମ, ଖାଇବାରେ ନାହିଁ ଠିକ୍ ଠିକଣା । ଡ୍ୟୁଟିରୁ ଫେରି ସେହି ପୋଷାକରେ ବିଛଣାରେ ପଡ଼ିଯାଏ, ଜୋତା ମୋଜା ଗୋଡ଼ରେ ସେହିପରି ଲାଗିଥାଏ । ଚପରାସୀ ଟୋକାଟା କଣ ଦିଟା ଫୁଟାଇ ଫଳଖାଇ ଝୋଳ ସାହେବର ଖାଇବା ଟେବୁଲରେ ଥୋଇ ଦେଇ ଯାଏ । ଇଚ୍ଛା ହେଲେ ଖାଏ ନଚେତ୍ ଶୋଇଯାଏ ନିଶିକାନ୍ତ ।

ଏପରି ଅବସ୍ଥା ଦେଖି ଆଇବୁଢ଼ୀ ନିଶିକାନ୍ତକୁ ପାଖକୁ ଡାକି କହିଲା ଦେଖ 'ଘରକୁ ଘରଣୀ ନଥିଲେ ସେ ଘର ନୁହେଁ । ତୋର ସେବାଯତ୍ନ ନେବାକୁ ତତେ ବାହା ହେବାକୁ ହେବ । ନାତୁଣୀ ବୋହୂଟିଏ ତୋତେ ନଛନ୍ଦିଲେ ତୋ ଶରୀର ଦୁର୍ବଳ ହେବ, ରୋଗରେ ଶଢ଼ିବୁ ।

ଅନେକ ବିବାହ ପ୍ରସ୍ତାବ ଆସିଥିଲା କିନ୍ତୁ ସେଥିପ୍ରତି ନିଶିକାନ୍ତ ଧ୍ୟାନ ଦେଇ ନଥିଲା ଚିନ୍ତା ବି କରିନଥିଲା । ପରିସ୍ଥିତି ତାକୁ ବାଧ୍ୟ କଲା । ଆଇ ବୁଢ଼ୀର କଥା ମନକୁ ପାଇଲା ।

ମିଃ ପ୍ରଧାନଙ୍କ କନ୍ୟା ମାଧୁରୀ ଏ ମଧ୍ୟରେ ପଢ଼ାସାରି ଘରେ । ତାର ବିବାହ ପାଇଁ ଯୋଗ୍ୟ ପାତ୍ର ଅନ୍ୱେଷଣରେ ଅଛନ୍ତି ପରିବାରବର୍ଗ । ନିଶିକାନ୍ତ ଏ ମଧ୍ୟରେ ଚାକିରି ପାଇଥିବାର ଖବର ମଧ୍ୟ ତାଙ୍କ ପାଖରେ ଅଛି । ଜେଜମା' ମାଧୁରୀର ବିବାହ ପାଇଁ ପ୍ରସ୍ତାବ ମନକୁ ପାଉନାହିଁ । ଆଖି ରଖିଛନ୍ତି ନିଶିକାନ୍ତ ଉପରେ ମାମୁଁ, ମାଇଁ ମା'ଙ୍କର ମତ ଭିନ୍ନ । ଟୋକାଟାର ଜାତି ଗୋତର ଜଣାନାହିଁ, ଗୃହହୀନ ଅନାଥ । ପ୍ରତିପାଳିତ ହୋଇଛି ଆଇ ମା' ପାଖରେ । ଚାକିରି ଖଣ୍ଡେ କରିଛି ବୋଲି ସେ କଣ ହେବ ଉପଯୁକ୍ତ ଜ୍ୱାଇଁ ରପ, ଗୁଣାବତୀ କନ୍ୟା ନାମକରା ପ୍ରଫେସର ଦାଶରଥି ପ୍ରଧାନଙ୍କର । ମୂଳ ନାହିଁ କି ଡାଳ ନାହିଁ ବୁନିୟାଦି ନାହିଁ କହି ପ୍ରସ୍ତାବଟାକୁ ନାପସନ୍ଦ କରି ନାକ ଟେକିଲେ ସେମାନେ ।

ଜେଜେ ମା' କିନ୍ତୁ ଛାଡ଼ିବାର ମହିଳା ନଥିଲେ । ଗୁଣ ଚିହ୍ନେ ଗୁଣିଆ । ନାତୁଣୀ ମାଧୁରୀ ପୂରାପୂରି ନିଶିକାନ୍ତ ଭଳି ଯୋଗ୍ୟପାତ୍ର ଆବଶ୍ୟକ ବୋଲି ଭାବନ୍ତି ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପ୍ରସଙ୍ଗ

# ନିୟମକୁ ଉଲ୍ଲଂଘନ କରାଯାଇ ନିର୍ମାଣ ହେଉଥିବାର ସ୍ପଷ୍ଟ ପ୍ରମାଣିତ ହେଲା : ଡ.ସମ୍ବିତ ପାତ୍ର

ଭୁବନେଶ୍ୱର,୦୫/୦୬ (ନି.ପ୍ର): ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ଏକ ରାଜନୈତିକ ପ୍ରକଳ୍ପ ନୁହେଁ, ଏହା ଶ୍ରୀମନ୍ଦିରର ସୁରକ୍ଷା, ଇତିହାସ ଓ କିର୍ତୀରାଜ ସୁରକ୍ଷାର ବିଷୟ । ଶ୍ରୀ ମନ୍ଦିର ବିକାଶ ଓ ସୌନ୍ଦର୍ଯ୍ୟକରଣକୁ କେବେହେଲେ ବିରୋଧ କରାଯାଇନାହିଁ । କିନ୍ତୁ ସମସ୍ତ ବିକାଶ ଓ ସୌନ୍ଦର୍ଯ୍ୟକରଣ ଆଇନର ବଳୟ ଭିତରେ ଏବଂ ଆଇନ ସମ୍ମତ ହେଉ । ଅନ୍ୟ ପଟେ ରାଜ୍ୟ ସରକାରଙ୍କ ଜିଦଖୋର ମନୋଭାବ କାରଣରୁ ଶ୍ରୀମନ୍ଦିର ସୁରକ୍ଷା ଉପରେ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହେବା ସହିତ କୋଟି କୋଟି ଓଡିଆଙ୍କ ଆସ୍ଥା ଓ ବିଶ୍ୱାସ ଉପରେ କୁଠାରାଘାତ ହୋଇଛି ।ଏଭଳି ହେଲେ ଆମେ ବାରମ୍ବାର ପ୍ରଶ୍ନ କରିବା ସହିତ ଆନ୍ଦୋଳନ ମଧ କରିବୁ । ଶ୍ରୀ ମନ୍ଦିର ସୁରକ୍ଷା ପ୍ରସଙ୍ଗରେ ରାଜ୍ୟ ସରକାର ରାଜ୍ୟବାସୀଙ୍କ ସମସ୍ତ ପ୍ରଶ୍ନର ଜବାବ୍ ଦେବା ଉଚିତ୍ ବୋଲି ରାଷ୍ଟ୍ରୀୟ ମୁଖପାତ୍ର ଡ.ସମ୍ବିତ ପାତ୍ର କହିଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଡ.ପାତ୍ର କହିଛନ୍ତି ଯେ, ଶ୍ରୀମନ୍ଦିରର ୧୦୦ମିଟର ପରିଧି ସଂପୂର୍ଣ୍ଣ ନିଷିଦ୍ଧାଂଚଳ ଏବଂ ୨୦୦ମିଟର ପରିଧି ରେଗୁଲେଟେଡ୍ ଏରିଆରେ କୌଣସି ନିର୍ମାଣ କାର୍ଯ୍ୟ ପାଇଁ ଏନ୍‌ଏମ୍‌ଏ ଆଇନ ଅନୁଯାୟୀ ଏବଂ ଅଧିକୃତ ଏଏସଆଇର ଅନୁମତି ବଳରେ ହୋଇପାରିବ । ଆମ୍‌ସାର – ୧୯୫୮ ଆଇନ ବଳରେ ଶ୍ରୀମନ୍ଦିରର ୧୦୦ ମିଟର ପରିଧି ଭିତରେ ଶୋଚାଳୟ, ପାନୀୟ ଜଳ, ବିଜୁଳି ଏବଂ ମରାମତି କାର୍ଯ୍ୟ ହୋଇପାରିବ । ନିର୍ମାଣ ସମୟରେ ଶ୍ରୀମନ୍ଦିରର ସୁରକ୍ଷାକୁ ପ୍ରାଧାନ୍ୟ; ଶ୍ରୀମନ୍ଦିର ପରିକ୍ରମା ନିର୍ମାଣକୁ ନେଇ ରାଜ୍ୟ ସରକାର ବାରମ୍ବାର ଏବଂ ମନଇଚ୍ଛା ଡିପିଆର୍ ବଦଳାଇବାକୁ ବିରୋଧ; ଭଙ୍ଗା ଯିବା ପୂର୍ବରୁ ସମସ୍ତ ସ୍ଥାନର ସଠିକ୍ ଜିପିଆରଏସ୍ ସର୍ଭେ କରାଯାଉ; ନିର୍ମାଣଧିନ ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରୁ ରେଗୁଲେଟେଡ ଅଂଚଳକୁ ସ୍ଥାନାନ୍ତର; ଅଧିକୃତ ଏଏସ୍‌ଆଇ ଓ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ନିର୍ମାଣ କାର୍ଯ୍ୟ କରାଯାଉ; ନିର୍ମାଣ ଦ୍ୱାରା ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ, ପାଶ୍ୱବର୍ତୀ ଅଂଚଳ ଏବଂ ଆଧ୍ୟାତ୍ମିକ ଭାବନା ପ୍ରତି ଆଂଚ ନଆସିବାକୁ ନେଇ ଆମେ ଦାବୀ କରୁଥିଲୁ । ମାତ୍ର ଜିଦ୍‌ଖୋର ମନୋଭାବ ରଖି ରାଜ୍ୟ ସରକାର ସମସ୍ତଙ୍କୁ ଅନ୍ଧାରରେ ରଖି ମନଇଛା ନିର୍ମାଣ କାର୍ଯ୍ୟ କରୁଥିଲେ । ପ୍ରଥମେ ହାଇକୋର୍ଟ ଏବଂ ଗତକାଲି ସୁପ୍ରିମ କୋର୍ଟ ମଧ ଏହି ସମସ୍ତ ଆଇନକାନୁନକୁ ସମ୍ମାନ ଜଣାଇ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ହାଇକୋର୍ଟର ତାଗିଦ୍ ପରେ ଶ୍ରୀ ମନ୍ଦିର ପରିକ୍ରମା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିବା ପୁରୀ ଜିଲ୍ଲାପାଳ ଏବଂ ଏଏସ୍‌ଆଇର ଯୁଗ୍ମ କମିଟିର ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା । ନିୟମକୁ ଉଲ୍ଲଂଘନ କରାଯାଇ ନିର୍ମାଣ ହେଉଥିବାର ସ୍ପଷ୍ଟ ପ୍ରମାଣିତ ହେଲା । ରାତିଅଧିଆ ଓ ତରବରିଆ ଭାବେ ଜିପିଆର୍‌ଏସ୍ ସର୍ଭେ ହେଉଥିବାର ଗଣମାଧ୍ୟମ ଜରିଆରେ ସମସ୍ତେ ଦେଖିଛନ୍ତି । ଶ୍ରୀ ମନ୍ଦିର ସୁରକ୍ଷା ଏବଂ ନିର୍ମାଣ କାର୍ଯ୍ୟକୁ ନେଇ ତାଙ୍କ ମତ ଲୋଡା ଯାଇ ନାହିଁ ବୋଲି କହିବା ସହିତ ଯୋଗ ଭୁମିକୁ ଭୋଗ ଭୁମିରେ ପରିଣତ ନକରାଯିବାକୁ ମଧ ତାଗିଦ୍ କରିଥିଲେ । ନିର୍ମାଣ ହେବାକୁ ଥିବା ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରୁ ରେଗୁଲେଟେଡ ଅଂଚଳକୁ ନିଆଯାଇଛି ବୋଲି ରାଜ୍ୟ ଆଡଭୋକେଟ ଜେନେରାଲ ଉଭୟ ହାଇକୋର୍ଟ ଏବଂ ସୁପ୍ରମକୋର୍ଟରେ ସ୍ୱୀକାର କରିଛନ୍ତି । ନିର୍ମାଣ ସ୍ଥାନରେ ମାତ୍ର ୪ଟି ଶୌଚାଳୟ ନିର୍ମାଣ ହେଉଥିବାର ମିଥ୍ୟା ତଥ୍ୟ ଉପସ୍ଥାପନ କରି ପବିତ୍ର ସଂସଦରେ ପୁରୀ ସାଂସଦ ଶ୍ରୀ ପିନାକୀ ମିଶ୍ର ଓଡିଶାବାସୀଙ୍କୁ ଭ୍ରମିତ କରିଛନ୍ତି ବୋଲି ଡ.ପାତ୍ର କହିଛନ୍ତି । ଅଭ୍ୟର୍ଥନା ଗୃହ ତଥା 'ରିସେପ୍ସନ ହଲ'କୁ ନିଷିଦ୍ଧାଂଚଳରୁ ରେଗୁଲେଟେଡ ଅଂଚଳକୁ ନେବା ପାଇଁ ଆଜି ରାଜ୍ୟ ସରକାର ବାଧ ହୋଇଛନ୍ତି । ଜଗନ୍ନାଥପ୍ରେମୀଙ୍କୁ ଅନ୍ଧାରରେ ରଖି ଐତିହ୍ୟ ଓ କିର୍ତୀରାଜକୁ ଧ୍ୱଂସ କରିଲେ ସାଧାରଣରେ ପ୍ରତିକ୍ରିୟା ନିର୍ଶ୍ଚିତ ଭାବେ ସୃଷ୍ଟି ହେବ । ଜିଦ୍‌ଖୋର ମନୋଭାବ କୌଣସି ସମସ୍ୟାର ସମାଧାନ ନୁହେଁ । ସମୀକ୍ଷା, ସମାଲୋଚନା ଏବଂ ସହଯୋଗ ହିଁ ଯେ କୌଣସି ସମାଧାନର ଏକମାତ୍ର ବାଟ । ରାଜ୍ୟ ସରକାରଙ୍କ ଜିଦ୍‌ଖୋର ମନୋଭାବ କାରଣରୁ ଆଜି ଏଭଳି ପରିସ୍ଥିତି ଉପୁଜିଲା । ଆନ୍ଦୋଳନ ହେଲେ ଜିପିଆରଏସ ସର୍ଭେ କରାଯାଇ ଆଇନସମ୍ମତ ନିର୍ମାଣ କାର୍ଯ୍ୟ ଏବଂ ନିଷିଦ୍ଧାଂଚଳରେ 'ରିସେପ୍ସନ ହଲ' ନିର୍ମାଣ ନହେବା ସହିତ ଆଧ୍ୟାତ୍ମିକତା ଏବଂ କିର୍ତୀରାଜର ସଂରକ୍ଷଣ ବଜାୟ ରହିବ, ଏହା ହିଁ ମହାପ୍ରଭୁଙ୍କ ଇଚ୍ଛା ଥିଲା ବୋଲି ଡ.ପାତ୍ର କହିଛନ୍ତି ।

# ଦେବ ଦମ୍ପତିଙ୍କ ବିବାହ ବନ୍ଦ

ଭୁବନେଶ୍ୱର,୦୫/୦୬ (ନି.ପ୍ର): ଭାଙ୍ଗିଗଲା ବର୍ଷ ବର୍ଷର ପରମ୍ପରା । ଅଟକିଲା ପ୍ରଭୁ ଲିଙ୍ଗରାଜଙ୍କ ବିବାହ ଉତ୍ସବ । ସେବାୟତଙ୍କ ଜିଦ୍ ଆଗରେ ବର୍ଷ ବର୍ଷ ଚାଲି ଆସିଥିବା ପରମ୍ପରା ବନ୍ଦ ହୋଇଯାଇଛି । ଲିଙ୍ଗରାଜଙ୍କ ବିବାହରେ କପିଳେଶ୍ୱରଙ୍କ ଆଗମନ ନେଇ ଆଗରୁ ବିବାଦ ରହିଥିଲା । ଏହି ମାମଲା କୋର୍ଟରେ ବିଚାରଧିନ ରହିଥିଲା । ହାଇକୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ ନେଇ ଜିଦରେ ଅଟଳ ଥିଲେ ଲିଙ୍ଗରାଜଙ୍କ ସେବାୟତ । ବିବାଦ ପାଇଁ ପ୍ରଭୁ ଲିଙ୍ଗରାଜଙ୍କ ଦେବ ବିବାହ କାର୍ଯ୍ୟ ସମାପନ୍ନ ହୋଇ ପାରିନାହିଁ । ଯେଉଁଥିପାଇଁ ୪୪ ଦିନ ପର୍ଯ୍ୟନ୍ତ ଲିଙ୍ଗରାଜଙ୍କ ନୀତିକାନ୍ତି ବନ୍ଦ ହେବାନେଇ ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ କପିଳେଶ୍ୱରଙ୍କ ସେବା ପାଇଁ ଦୁଇ ସେବାୟତ ସମୁହ ମଧ୍ୟରେ ବିବାଦ ରହିଥିଲା । ମଳିଆ ସେବାୟତ ନୁହେଁ ଖୁଂଟିଆ ସେବାୟତ କପିଳେଶ୍ୱରଙ୍କ ନୀତିକାନ୍ତି କରିବାକୁ ଦାବି ଉଠିଥିଲା । ବ୍ରାହ୍ମଣ ଏବଂ ପୂଜାପଣ୍ଡା ନିଯୋଗର ବୈଠକରେ ନିଷ୍ପତି ନିଆଯାଇଥିଲା । ତଥାପି ଏହି ମାମଲାରେ କୌଣସି ନିର୍ଯ୍ୟାସ ନବାହାରିବାରୁ ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟ ବନ୍ଦ ହୋଇଛି ।

# ଅମରେଶ୍ୱରଙ୍କ ପୀଠରେ ଶିବ ବିବାହ ଉତ୍ସବ ଓ ରୁଦ୍ର ଯଜ୍ଞ

କେନ୍ଦ୍ରାପଡା,୦୫/୦୬ (ନି.ପ୍ର): କେନ୍ଦ୍ରାପଡାର ପୁରାଣ ପ୍ରସିଦ୍ଧ ପୌରାଂଚଳ ଅନ୍ତର୍ଗତ ଗୋପ ଗାଁ ସ୍ଥିତ ଅମରେଶ୍ୱରଙ୍କ ପୀଠରେ ଶୀତଳ ଷଷ୍ଠୀ ଶିବ ବିବାହ ଉତ୍ସବ ଓ ତ୍ରିଦିବସୀୟ ରୁଦ୍ର ଯଜ୍ଞ କାର୍ଯ୍ୟକ୍ରମ ସଂପନ୍ନ ହୋଇଛି । ଦୀର୍ଘ ୧୨ ବର୍ଷ ହେବ ଉତ୍ସାହ ଉଦ୍ଦୀପନା ସହ ପାଳନ କରାଯାଉ ଥିବା ଏହି ଦେବ ଦମ୍ପତିଙ୍କ ବିବାହ କାର୍ଯ୍ୟକ୍ରମ କରୋନା କାଳରେ ନିରାଡମ୍ବର ଭାବେ କରାଯାଇ ଥିଲା । ଚଳିତ ବର୍ଷ ଆଡମ୍ବର ସହକାରେ ପାଳନ କରାଯାଇ ଗୁରୁବାର ଅଙ୍କୁରା ରୋପଣ ଅଧିବାସ ସହ ଶୁକ୍ରବାର କଳସ ଯାତ୍ରା, ରୁଦ୍ରାଭିଷେକ, ହୋମଯଜ୍ଞ ଓ ଚଣ୍ଡୀପାଠ କରାଯାଇ ଥିଲା । ଶନିବାର ଅଭିଷେକ ଓ ରୁଦ୍ରଯଜ୍ଞ ସମେତ ସଂନ୍ଧ୍ୟା ସମୟରେ ଶିବ ପାର୍ବତୀ ବିବାହ ଉତ୍ସବ ପାରମ୍ପରିକ ରିତୀରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ବର ପିତା ଭାବେ ସୁଧାଂଶୁ ଶେଖର ପଣ୍ଡା ଓ କନ୍ୟା ପିତା ଭାବେ ମହେନ୍ଦ୍ର କୁମାର ନାୟକ ବିବାହ କାର୍ଯ୍ୟ ସଂପାଦନ କରିଥିଲେ । ରୁଦ୍ରଯଜ୍ଞ କର୍ମରେ ମହେନ୍ଦ୍ର କୁମାର ରାଉତ ଓ ରାଜଲକ୍ଷ୍ମୀ ରାଉତ କର୍ତା କର୍ତୀ ଭାବେ ଦାୟିତ୍ୱ ନିର୍ବାହ କରିଥିବା ବେଳେ ପଣ୍ଡିତ ଧ୍ରୁବ ଚରଣ ପଣ୍ଡା, ଭମରବର ନନ୍ଦ, ନରହରି ପତି, ପୂର୍ଣ୍ଣଚନ୍ଦ୍ର ପତି, ହରିହର ଶତପଥୀ, ରବିନ୍ଦ୍ର ନାଥ ପତି, କୃଷ୍ଣଚନ୍ଦ୍ର ମିଶ୍ର, ଚିତ ରଞ୍ଜନ କର, କେଦାରନାଥ କର, ଉମାଶଙ୍କର ପତି, କୁଞ୍ଜ ବିହାରୀ ଦାସ ଓ ଅନିଲ କୁମାର ପଣ୍ଡା ପ୍ରମୁଖ ଯାଜ୍ଞିକ ପଣ୍ଡିତ ମାନେ ଯଜ୍ଞକାର୍ଯ୍ୟ ପରିଚାଳନା କରିଥିଲେ ।

# ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର୍ କଲେ ପ୍ରଧାନ ଶିକ୍ଷୟିତ୍ରୀ, ଜଏନ କରିବାକୁ ଦେଲେନାହିଁ ଶିକ୍ଷୟିତ୍ରୀଙ୍କୁ

କନ୍ଧମାଳ,୦୫/୦୬ (ନି.ପ୍ର): ସରକାରଙ୍କ ବଦଳୀ ଅର୍ଡର କୁ ମାନିଲେ ନି ଫୁଲବାଣୀ ବ୍ଲକ ଅନ୍ତର୍ଗତ ଲୁହୁରୁବାଲି ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ । ଫଳରେ କାର୍ଯ୍ୟରେ ଯୋଗଦେବାକୁ ଯାଇଥିବା ଜଣେ ଶିକ୍ଷୟତ୍ରୀଙ୍କୁ ବିଦ୍ୟାଳୟ ବାହାରେ ଅପେକ୍ଷା କରିକରି ଶେଷରେ ନିରାଶ ହୋଇ ଫେରିବାକୁ ପଡିଛି । ଏପରିକି ତାଙ୍କୁ ବିଦ୍ୟାଳୟ ହତା ଭିତରକୁ ପଶିବାକୁ ଦେଇନଥିଲେ ପ୍ରଧାନ ଶିକ୍ଷୟିତ୍ରୀ, ଫଳରେ ଅପେକ୍ଷା କରି କରି ଶେଷରେ ନିରାଶ ହୋଇ ଫେରି ନ୍ୟାୟ ପାଇବାପାଇଁ ବିଇଓ ଓ ଡିଇ ଓଙ୍କ ଦ୍ୱାରସ୍ଥ ହୋଇଥିବା ଜଣା ପଡିଛି । ଅଞ୍ଜଳି ପଣ୍ଡା ନାମକ ଜଣେ ଶିକ୍ଷୟତ୍ରୀଙ୍କୁ ଫୁଲବାଣୀ ବ୍ଲକ ଅଧିନ ଲୁହୁରୁବାଲି ସରକାରୀ ଉଚ୍ଚପ୍ରାଥମିକ ସ୍କୁଲ କୁ ବଦଳୀ କରାଯାଇଥିଲା । ଫୁଲବାଣୀ ବିଇଓଙ୍କ ଦ୍ୱାରା ଗତ ୩/୬/୨୦୨୨ ତାରିଖ ରେ ପ୍ରଦତ୍ତ ଜଏନିଙ୍ଗ ଲେଟର ନଂ ୧୩/୫୦ ଚିଠି ଥିବା ସରକାରୀ ନିର୍ଦ୍ଦେଶନାମା ନେଇ ଶିକ୍ଷୟତ୍ରୀ ପଣ୍ଡା ଆଜି ଶନିବାର ସକାଳୁ ଲୁହୁରୁବାଲି ସ୍କୁଲକୁ ଜଏନ କରିବାକୁ ଯାଇଥିଲେ । ହେଲେ ସେଠାରେ ସ୍କୁଲ ପରିଚାଳନାକମିଟି ସଦସ୍ୟ ଓ କିଛି ମହିଳା ତାଙ୍କୁ ସେହି ସ୍କୁଲରେ ଜଏନ କରିବାକୁ ନେଇ ତାଙ୍କୁ ବିରୋଧ କରୁଥିବା ଯୋଗୁଁ ତାଙ୍କୁ ସେଠାରେ କାର୍ଯ୍ୟରେ ଯୋଗ ଦେବାକୁ ଦେଇ ନ ଥିଲେ ପ୍ରଧାନଶିକ୍ଷୟତ୍ରୀ । ସ୍କୁଲରେ ପିଲା ସଂଖ୍ୟା ଅନୁପାତରେ ଶିକ୍ଷକ ଶିକ୍ଷୟତ୍ରୀଙ୍କ ସଂଖ୍ୟା ଠିକ ଅଛି । ଆଉ ଅଧିକ ଶିକ୍ଷକଙ୍କ ଆବଶ୍ୟକ ନାହିଁ ବୋଲି କହି କୁ ଆଡେ ଜଏନ କରାଇଦେଇ ନଥିଲେ । ଫଳରେ ଶିକ୍ଷାୟତୀ ଜଣଙ୍କ ବାଧହୋଇ ଫେରିଆସିଥିଲେ । ତେବେ ଏ ସବୁ ପଛରେ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ହାତ ଥିବା ଶୁଣିବାକୁ ମିଳିଛି । ନୂତନ ଶିକ୍ଷୟତ୍ରୀ ଜଏନ କଲେ କାଳେ ପୂର୍ବରୁ ଦୀର୍ଘବର୍ଷ ଧରି ଆସ୍ଥାନ ଜମାଇରହିଥିବା ଶିକ୍ଷକ ବା ଶିକ୍ଷୟତ୍ରୀଙ୍କ ଦୁରକୁ ବଦଳୀ ହୋଇଯିବ ଭାବି ସ୍କୁଲ ଶିକ୍ଷା କମିଟିକୁ ଧରି ବିରୋଧ କରିଥିବା ଆଲୋଚନା ହେଉଛି ।ଏନେଇ ଫୁଲବାଣୀ ବି ଇଓରଂଜନ କହଁରଙ୍କୁ ପଚାରିବାରେ ସେ ଏନେଇ ଅବଗତ ଥିବା କହିବା ସହ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ମଧ ଜଣାଇଦିଆଯିବ ଓ ସେ ଏନେଇ ନିର୍ଦ୍ଦେଶ ଦେଲେ କାହିଁକି, କଣ ପାଇଁ ଓ କେଉଁ ପରିସ୍ଥିତିରେ ଶିକ୍ଷାୟତ୍ରୀଙ୍କୁ ସ୍କୁଲରେ ଜଏନ କରାଗଲାନି ତାହାର ବିଧିବଦ୍ଧ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି ।ତେବେ ଦିର୍ଘ ୧୫ ବର୍ଷରୁ ଅଧିକ ସମୟ ଧରି ସେହି ସ୍କୁଲରେ ରହି ଆସିଥିବା ପ୍ରଧାନ ଶିକ୍ଷୟତ୍ରୀ ଗାଁ ର କିଛି ଲୋକଙ୍କୁ ଧରି ବିଦ୍ୟାଳୟ ପରିଚାଳନା କମିଟି ନା ରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କୁ ଅବମାନନା କରିବା ସହ କାର୍ଯ୍ୟରେ ଯୋଗ ଦେବାକୁ ଆସିଥିବା ଜଣେ ଶିକ୍ଷୟତ୍ରୀଙ୍କୁ ଜଏନ କରିବାକୁ ନ ଦେଇ ଫେରିବା ଘଟଣା ଲୁହୁରୁବାଲି ର ୱାର୍ଡ ମେମ୍ବର ଓ ଗ୍ରାମବାସୀ ନିନ୍ଦା କରିଛନ୍ତି । ତେବେ ସରକାରୀ ନିର୍ଦ୍ଦେଶ କୁ ଅବମାନନା କରିବା ଘଟଣାକୁ ଜିଲ୍ଲା ଶିକ୍ଷା ବିଭାଗ ଲୁହୁରୁବାଲି ର ପ୍ରଧାନ ଶିକ୍ଷୟତ୍ରୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ଆହତ ସମିତିସଭ୍ୟାଙ୍କ ଆଶୁ ଆରୋଗ୍ୟ କାମନା କରି ସମୁହ ଦୀପଦାନ

ଧର୍ମଶାଳା,୦୫/୦୬ (ନି.ପ୍ର): ଏକ ସଡକ ଦୁର୍ଘଟଣାରେ ଆହତ ହୋଇଥିବା ଧର୍ମଶାଳା ବ୍ଲକ ନେଉଳପୁର ପଂଚାୟତର ସମିତିସଭ୍ୟାଙ୍କ ଆଶୁ ଆରୋଗ୍ୟ କାମନା କରି ଧର୍ମଶାଳା ମହିଳା ବିଜେଡି ପକ୍ଷରୁ ଜାରକାସ୍ଥିତ ତ୍ରିନାଥ ମନ୍ଦିରରେ ଆଜି ସମୁହ ଦୀପଦାନ କରାଯାଇଛି । ସୂଚନା ଯୋଗ୍ୟ ଯେ ନେଉଳପୁର ପଂଚାୟତର ସମିତିସଭ୍ୟା ନିରୁପମା ବାରିକ ଗତ ଗୁରୁବାର ବ୍ଲକରୁ ପଂଚାୟତ ସମିତି କାର୍ଯ୍ୟକ୍ରମରେ ଯୋଗଦେଇ ନିଜ ପୁତୁରା ସହିତ ଏକ ବାଇକରେ ଘରକୁ ଫେରୁଥିବା ସମୟରେ ୧୬ନଂ ଜାତୀୟ ରାଜପଥ ରଥିଆ ନିକଟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାର ଶୀକାର ହୋଇଥିଲେ । ଯେଉଁଥିରେ ତାଙ୍କ ପୁତୁରାଙ୍କ ମୃତ୍ୟୁ ହୋଇଥିବା ବେଳେ ନିରୁପମା ଗୁରୁତର ଭାବେ ଆହତ ହୋଇ କଟକସ୍ଥିତ ଏକ ଘରୋଇ ମେଡିକାଲରେ ଚିକିତ୍ସାଧିନ ଅଛନ୍ତି । ତାଙ୍କ ଆଶୁ ଆରୋଗ୍ୟ କାମନା କରି ଆଜି ଅପରାହ୍ନରେ ଜାରକାସ୍ଥିତ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଧର୍ମଶାଳା ମହିଳା ବିଜେଡି ପକ୍ଷରୁ ସମୁହ ଦୀପଦାନ କରାଯାଇଛି । ଧର୍ମଶାଳା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ବିଶ୍ୱବନ୍ଦନା ଜେନାଙ୍କ ନେତୃତ୍ୱରେ ଜିଲ୍ଲାପରିଷଦ ସଭ୍ୟା ପ୍ରଣତି ଲେଙ୍କା, ପୂର୍ବତନ ଜିଲ୍ଲାପରିଷଦ ସଭ୍ୟା ମମତା ଦଣ୍ଡପାଟ. ଜିଲ୍ଲା ବିଜେଡି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ହରିଦାସପୁର ପଂଚାୟତ ସରପଂଚ ବିକ୍ରମ ବିଶ୍ୱାଳ, ଜାରକା ସରପଂଚ ସୁଦାମ ବେହେରା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୌମ୍ୟପ୍ରକାଶ ବିଶ୍ୱାଳ, ଛାତ୍ର ବ୍ଲକ ସଭାପତି ଜଗଦାନନ୍ଦ ରାଉତଙ୍କ ସମେତ ବିଭିନ୍ନ ପଂଚାୟତର ସରପଂଚ, ସମିତି ସଭ୍ୟ/ସଭ୍ୟା ଓ ବିଜେଡି ମହିଳାକର୍ମୀମାନେ ଯୋଗଦେଇ ସମୁହ ଦୀପଦାନ କରିବା ସହ ଚିକିତ୍ସାଧିନ ଥିବା ସମିତିସଭ୍ୟା ନିରୁପମା ବାରିକଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ ।

# ଦେବୋତ୍ତର ଜମି ଉପରେ 'ବଜାର କୋଲକାତା' ସୋରୁମ୍ ଆଗରେ ଗ୍ରାମାବସୀଙ୍କ ଧାରଣା

କେନ୍ଦ୍ରାପଡା,୦୫/୦୬ (ନି.ପ୍ର): କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ଗୁଲନଗର ବୁଢା ଗୋବିନ୍ଦଜୀଉ ଠାକୁରଙ୍କ ଭ୍ରମରଦିଆ ପାଟଣା (ତିନିମୁହାଣୀ) ମୌଜାର ଭୂସମ୍ପତି ଖାତା ନଂ- ୩୧ ପ୍ଲଟ ନଂ- ୧୧୫ ଓ ୧୧୬ ସର୍ବମୋଟ ଏ୨.୦୭ ଡିସିମିଲି ଜମିକୁ ୧୧ଜଣ ବ୍ୟକ୍ତି ଜବର ଦଖଲ କରି ବାସଗୃହ ଓ ଦୋକାନ ଗୃହ ନିର୍ମାଣ କରିଛନ୍ତି । ଏହି ମାମଲାରେ ମାନ୍ୟବର ଦେବୋତର କମିଶନର ଏକ ମଧ୍ୟବର୍ତୀ କାଳୀନ ଆଦେଶ ମୁତାବକ ଜବର ଦଖଲକାରୀମାନଙ୍କୁ ଶ୍ରୀ ଶ୍ରୀ ଠାକୁରଙ୍କ ବ୍ୟାଙ୍କ ଜମାଖାତାରେ ସରକାରୀ ନିୟମାନୁଯାୟୀ ଭଡା ବାବଦକୁ ଅର୍ଥ ଯଥା ଶୀଘ୍ର ଜମା କରିବାକୁ ଆଦେଶ ଦେଇଥିଲେ । କିନ୍ତୁ ଜବରଦଖଲ କାରୀମାନେ ଅଦାଲତ ନିର୍ଦ୍ଦେଶକୁ ଅବମାନନା କରି ଠାକୁରଙ୍କ ଆକାଉଣ୍ଟ ରେ ଟଙ୍କା ଜମା କରୁ ନଥିବା ଜଣାପଡିଛି । ଏ ପର୍ଯ୍ୟନ୍ତ ଜବରଦଖଲ କାରୀଙ୍କ ଉପରେ ପ୍ରାୟ ୩ଲକ୍ଷ ଟଙ୍କା ବାକି ରହିଲାଣି । କୌଣସି ଭଡା ଦାଖଲ ନ ହେବାରୁ ଗ୍ରାମବାସୀ ମାନେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଭେଟି ଅଦାଲତ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି । ଅପରପକ୍ଷରେ ଜବର ଦଖଲ କାରୀମାନେ ଏହି ଜାଗା ଉପରେ ଥରବା ଘରକୁ ବଜାର କୋଲକତା ନାମକ ଏକ ବ୍ୟବସାୟୀ ସଂସ୍ଥାକୁ ଭଡା ଦେଇ ସୋରୁମ୍ ଖୋଲିବା ଯୋଜନା କରିଥିବାରୁ ଗ୍ରାମାବସୀ ମାନେ ଶନିବାର ଏହି ସୋରୁମ ଆଗରେ ଧାରଣା ଦେଇ ପ୍ରତିବାଦ ଜଣାଇଥିଲେ । ଲରେ ଏହି ସୋରୁମ ଉଦ୍‌ଘାଟନ ବାତିଲ ହୋଇଥିବା ଜଣାପଡିଛି । ପରିସ୍ଥିତି ଉତେଜନା ପୂର୍ଣ୍ଣ ହୋଇ ପଡିବାରୁ ସ୍ଥାନୀୟ ପୁଲିସ ଘଟଣା ସ୍ଥଳରେ ପହ୍ "ବଜାର କୋଲକାତା"ର ମାଲିକକୁ ଡାକି ଗ୍ରାମବାସୀଙ୍କ ସହିତ ସମାଧାନ କରିବା ପରେ ସୋରୁମ୍ ଖୋଲିବାକୁ ପରାମର୍ଶ ଦେଇଥିଲେ । ପୁଲିସର ହସ୍ତକ୍ଷେପ ଫଳରେ ସୋରୁମ୍ ଉଦ୍‌ଘାଟନ ଉତ୍ସବ ବାତିଲ ହୋଇଯାଇଛି ।

# ଲୋକଙ୍କ ବିରୋଧ ପରେ ବଦଳା ହେଲା ସ୍କୁଲର ନାମ ଫଳକ

କେନ୍ଦ୍ରାପଡା,୦୫/୦୬ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୨୦ନଂ ୱାର୍ଡରେ ଥିବା ମହିପାଳ ସ୍କୁଲର ନାମ ପରିବର୍ତନ କୁ ନେଇ ଗତ ମେ ମାସ ୧୭ ତାରିଖରେ ସ୍ଥାନୀୟ ଲୋକ ଓ ଅବିଭାବକ ମାନେ ତୀବ୍ର ବିରୋଧ କରି ଲେଖା ଯାଉଥିବା ସ୍କୁଲ ନାମରେ ରଙ୍ଗ ବୋଳି ଦେଇଥିଲେ । ଏହି ସ୍କୁଲଟି ମା ମହିପାଳିନୀ ଠାକୁରାଣୀଙ୍କ ବେଢାକୁ ଲାଗି ଥିବାରୁ ସ୍କୁଲ ନାମ ସହିତ ଗ୍ରାମର ନାମ ମହିପାଳ ସ୍କୁଲ ବୋଲି ପୂର୍ବରୁ ଲେଖା ଯାଉଥିଲା । ପୌରସଂସ୍ଥା ଦ୍ୱାରା ପରିଚାଳିତ ହେବାପରେ ଏହାର ନାମକୁ ପରିବର୍ତନ କରାଯାଇ ଥିବାରୁ ପୂର୍ବର ନାମ ଲେଖିବା ପାଇଁ ସ୍ଥାନୀୟ ଲୋକ ଦାବି କରିଥିଲେ । ସ୍କୁଲ ବୋର୍ଡରେ ଲେଖା ଯାଇଥିବା ସରକାରୀ ଉଚ୍ଚ ବିଦ୍ୟାଳୟ କେନ୍ଦ୍ରାପଡା, ଶ୍ରେଣୀ ପ୍ରଥମ ରୁ ଦଶମ କୁ ପରିବର୍ତନ କରାଯାଇ ଶନିବାର ପୌରସଂସ୍ଥା ପକ୍ଷରୁ ପୌରପାଳିକା ସରକାରୀ ଉଚ୍ଚ ବିଦ୍ୟାଳୟ ମହିପାଳ, ଶ୍ରେଣୀ ପ୍ରଥମ ରୁ ଦଶମ ଉଲ୍ଲେଖ କରାଯାଇ ଥିବା ଜଣାପଡିଛି ।

# ମନ୍ତେଇ ମହୋତ୍ସବ ଓ ଶିବ ବିବାହ ମହୋତ୍ସବରେ ଉପଲବଧ୍ ହେଲା ଉତ୍କଳ ପ୍ରସଙ୍ଗ ଓ ଓଡିଶାରିଭ୍ୟୁ

ଭଦ୍ରକ,୦୫/୦୬ (ହି.ସ.) - ଭଦ୍ରକ ଟାଉନ୍ ହଲ୍‌ରେ ପାଳନ କରାଯାଉଥିବା ୧ମ ମନ୍ତେଇ ମହୋତ୍ସବ ଓ ଆରଡ଼ିପୀଠରେ ପାଳିତ ହେଉଥିବା ଶ୍ରୀ ଶ୍ରୀ ବାବା ଆଖଣ୍ଡଳମଣିଙ୍କ ଶିବ ବିବାହ ମହୋତ୍ସବ ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଦ୍ୱାରା ଆଜି ସୂଚନା କେନ୍ଦ୍ର ଖୋଲାଯାଇ ଓଡ଼ିଶା ସରକାରଙ୍କ ମୁଖପତ୍ର ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶାରିଭ୍ୟୁ ସହ ଶ୍ରୀଜଗନ୍ନାଥଙ୍କ ଭଜନ ଜଣାଣ ଓ ଚଉତିଶା ଏବଂ ଓଡ଼ିଶା ରେଫରେନସ୍ ଆନୁଆଲ ଉପଲବଧ୍ କରାଯାଇଛି । ମହାମାରୀ କରୋନା ଯୋଗୁଁ ୩ ବର୍ଷ ର ନୀରବତା ପରେ କୌଣସି ଉତ୍ସବ ଆସରରେ ଏ ଉପାଦେୟ ପତ୍ରିକା ପାଇଁ ପାଠକ ବର୍ଗ ଖୁସି ପ୍ରକଟ କରିଛନ୍ତି । ମେଳା ମଉଛକରୁ ଯେଉଁ ପାଠକମାନେ ଏହା ପାଇବାରୁ ବ ୍ତ ହେଉଛନ୍ତି ସେମାନେ ଉକ୍ତ କାର୍ଯ୍ୟାଳୟକୁ ଯାଇ ମଧ କ୍ରୟ କରିପାରିବେ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି । ବର୍ତମାନ ଉପଲବଧ୍ ହେଉଥିବା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁ ମାସିକ ପତ୍ରିକା ଦୁଇଟି ବିଗତ ଦୁଇ ବର୍ଷ ସମୟର ସଂସ୍କରଣ । ତଥାପି ମାତ୍ର ୫ଟଙ୍କା ମୂଲ୍ୟରେ ମିଳୁଥିବା ଏହି ପତ୍ରିକା ଗୁଡ଼ିକର ଆଲେଖ୍ୟ ସବୁ ପୁରୁଣା ହୁଏନି ବରଂ ଦିଗରେ ବହୁ ଉପଯୋଗୀ ଅଟେ ।

# ୯୯ ବର୍ଷୀୟ ସ୍ୱାଧୀନତା ସଂଗ୍ରାମୀଙ୍କ ଦେହାନ୍ତ

ଭଦ୍ରକ,୦୫/୦୬ (ହି.ସ.) - ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଗ୍ରାମ ପଂଚାୟତସ୍ଥିତ ନରସିଂହପୁର, ବାହାରବିଲ୍‌ର ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀ କାଳନ୍ଦୀ ଚରଣ ଦାସ ଆଜି ଇହଲୀଳା ସମ୍ବରଣ କରିଛନ୍ତି । ୯୯ ବର୍ଷ ପାର୍ କରିଥିବା ସ୍ୱର୍ଗତ ଦାସ ଜଣେ ଅଣବନ୍ଦୀ ସ୍ୱାଧୀନତା ସଂଗ୍ରାମୀ ଥିଲେ । ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ଓ ଧାମନଗର ତହସିଲଦାର କ୍ଷୀରୋଦ କୁମାର ପଣ୍ଡା, ଧୂଷୁରୀ ଥାନା ଏ.ଏସ୍.ଆଇ. ପରମାନନ୍ଦ ସାମଲ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳୀ ପ୍ରଦାନ କରିଥିଲେ । ସ୍ଥାନୀୟ ଗଣମାଧ୍ୟମ ପ୍ରତିନିଧି, ଭଟ୍ଟସାହିର ପୂର୍ବତନ ସରପଂଚ ଦୟାନିଧି ମିଶ୍ର, ଧୂଷୁରୀ ଗ୍ରାମ ପଂଚାୟତର ସରପଂଚ ଅନ୍ତର୍ଯ୍ୟାମୀ ପତି ପ୍ରମୁଖ ମଧ ସେଠାରେ ଉପସ୍ଥିତ ରହି ଶେଷ ସମ୍ମାନ ଜଣାଇଥିଲେ । ସ୍ୱର୍ଗତ ଦାସଙ୍କର ଏକମାତ୍ର ପୁତ୍ର ପ୍ରମୋଦ ଦାସ ମୁଖାଗ୍ନି ଦେଇଥିଲେ ।

# ମାଲକାନଗିରି ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ ,୧୦ ଶିଶୁ ଶ୍ରମିକ ଉଦ୍ଧାର

ମାଲକାନଗିରି,୦୫/୦୬ (ନି.ପ୍ର):ମାଲକାନଗିରି ପୌରାଂଚଳର ବିଭିନ୍ନ ସ୍ଥାନରେ ଚାଇଲଡ଼ ଲାଇନ ଓ ଶିଶୁ ସୁରକ୍ଷା କମିଟି ପକ୍ଷରୁ ମିଳିତ ଭାବେ ଚଢ଼ଉ କରାଯାଇ ୧ ୦ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । ଉଦ୍ଧାର ଶ୍ରମିକଙ୍କ ମଧ୍ୟରେ ୫ ଜଣ ନାବାଳିକା ଓ ୫ ଜଣ ନାବାଳକ ଅଛନ୍ତି । ଆଜି ସକାଳୁ ଜିଲ୍ଲାର ବସ ଷ୍ଟାଣ୍ଡ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଥିଲା । ଏହି ସମୟରେ ଗୋଟେ ବୋରବେଲ ଗାଡ଼ିରେ ୪ ଜଣ ଶିଶୁ କାମ କରୁଥିବା ଦେଖି ସେମାନଙ୍କୁ ଉଦ୍ଧାର କରାଯାଇଥିଲା ଏହା ପରେ ମାଲକାନଗିରି କଲେଜ କ୍ୟାମ୍ପସ ରେ ଆର ଏ ଣ୍ଡ ବି ଦ୍ୱାରା ହେଉଥିବା କାମରେ ମଧ ୬ ଜଣ ଶିଶୁ କାମ କରୁଥିଲେ । ତେବେ ଏହି ୧ ୦ ଜଣ ଶିଶୁଙ୍କୁ ଉଦ୍ଧାର କରାଯାଇ ସି ଡବ୍ଲୁ ସି ରେ ହାଜର କରାଯାଇଥିଲା । ଯେହେତୁ ଏହି ଶିଶୁ ମାନଙ୍କ ଘର ମାଲକାନଗିରି ସଦର ମହକୁମାରେ ତେଣୁ ଏମାନଙ୍କୁ ସେମାନଙ୍କ ବାପା ମାଙ୍କ ନିକଟରେ ହସ୍ତାନ୍ତର କରାଯାଇଥିଲା । ଏମାନଙ୍କ ଭବିଷ୍ୟତ ପାଇଁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆ ହୋଇଥିଲା । ଏବଂ ଏମାନେ ଡ୍ରପ ଆଉଟ ହୋଇଥିବାରୁ ଏ ମାନଙ୍କୁ କିପରି ପୁନଃ ସ୍କୁଲ ରେ ଆଡ଼ମିଶନ କରାଯିବ ସେଥି ନେଇ ଜିଲ୍ଲା ଶିକ୍ଷା ବିଭାଗ କୁ ମଧ ନିର୍ଦ୍ଦେଶ ଦିଆ ଯିବ ଓ ଏହି ଶିଶୁ ମାନଙ୍କୁ କାର୍ଯ୍ୟରେ ଲଗାଇଥିବା ଲୋକ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ମଧ ପୋଲିସ କୁ ନିର୍ଦ୍ଦେଶ ଦିଆ ଯିବ ବୋଲି ସି ଡବ୍ଲୁ ସି ଅଧକ୍ଷ ଅଶୋକ କୁମାର ପଟ୍ଟନାୟକ ପ୍ରକାଶ କରିଥିଲେ ।

# ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସଂଘ ଶିକ୍ଷାବର୍ଗ ଦ୍ୱିତୀୟ ବର୍ଷ ଉଦ୍‌ଯାପିତ

ଭୁବନେଶ୍ୱର,୦୫/୦୬ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତରଫରୁ ଦୀର୍ଘ ୨୦ ଦିନ ଧରି ମେ ୧୫ ତାରିଖରୁ ଭୁବନେଶ୍ୱରରେ ଅନୁଷ୍ଠିତ ହେଉଥିବା ଦ୍ୱିତୀୟ ବର୍ଷ ସଂଘ ଶିକ୍ଷାବର୍ଗ ଶନିବାର ଦିନ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇଥିବା ଯୋଗ, ଆସନ,ସାମୁହିକ ସୂର୍ଯ୍ୟନମସ୍କାର, ଦଣ୍ଡ ଆଦି ବିଭିନ୍ନ କଳାକୌଶଳ, ପ୍ରଦର୍ଶନ କରିଥିଲେ । ଏହି ଉଦ୍‌ଯପାନୀ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ,ସ୍ନାତକୋତର ଧର୍ମଶାସ୍ତ୍ର ବିଭାଗର ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ବ୍ରଜ କିଶୋର ସ୍ୱାଇଁ କହିଲେ ଯେ,ଆରଏସ୍‌ଏସ୍‌ର ଏହି କାର୍ଯ୍ୟକ୍ରମକୁ ଆସି ଏକ ଆନୁଷ୍ଠାନିକ ଶୃଙ୍ଖଳାର ନିଦର୍ଶନ ପାଇଲି । ବ୍ୟକ୍ତିଗତ ଜୀବନର ଶୃଙ୍ଖଳାକୁ ଆନୁଷ୍ଠାନିକ ଶୃଙ୍ଖଳାରେ ରୁପାନ୍ତରିତ କରିବା ଆରଏସ୍‌ଏସ୍ ର ଏକ ନୀତିଗତ କାର୍ଯ୍ୟ । ଶୃଙ୍ଖଳାର ଏହି ସମନ୍ୱିତ ବିଭାଗକୁ ସବୁସ୍ତରରେ ଓ କ୍ଷେତ୍ରରେ ସହଯୋଗ କଲେ ଜୀବନ ଓ ରାଷ୍ଟ୍ରର ଆଭିମୁଖ୍ୟ ସମାନ୍ତରାଳ ନହୋଇ ସମନ୍ୱିତ ହେବ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ପୂର୍ବକ୍ଷେତ୍ର କାର୍ଯ୍ୟବାହ ଡ. ଗୋପାଳ ପ୍ରସାଦ ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ରୂପେ ଯୋଗଦାନ କରି କହିଲେ ଯେ, ପ୍ରତ୍ୟେକ ରାଷ୍ଟ୍ର ତାର ସ୍ୱାଭିମାନର ଆଧାରରେ ବଂଚି ରହିଛି । ସ୍ୱାଭିମାନବିହୀନ ରାଷ୍ଟ୍ରର କୌଣସି ଅସ୍ତିତ୍ୱ ନଥାଏ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆଜିକୁ ୯୭ ବର୍ଷ ଧରି ଭାରତୀୟ ସ୍ୱାଭିମାନର ଜାଗରଣର କାର୍ଯ୍ୟ କରିଆସୁଛି । କାରଣ ପ୍ରତ୍ୟେକ ରାଷ୍ଟ୍ର ତାର 'ସ୍ୱ'ର ଆଧାରରେ ପ୍ରତିଷ୍ଠିତ ହୋଇଥାଏ । ତେଣୁ ଭାରତ ବର୍ଷକୁ ବିଶ୍ୱଗୁରୁ ପଦବୀରେ ଅଧିଷ୍ଠିତ କରାଇବାକୁ ହେଲେ ଭାରତୀୟ 'ସ୍ୱ'ର ଆଧାରରେ ରାଷ୍ଟ୍ରର ପରମବୈଭବଶାଳୀ ସ୍ୱରପ ନିର୍ମାଣ କରିବାକୁ ହେବ । ତଦ୍ୱାରା ବିଶ୍ୱ କଲ୍ୟାଣର ମାର୍ଗ ପ୍ରଶସ୍ତ ହେବ । ଏଣୁ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏକମାତ୍ର କାର୍ଯ୍ୟ ରାଷ୍ଟ୍ରୀୟ 'ସ୍ୱ' ର ଜାଗରଣ । ଏହି କାର୍ଯ୍ୟରେ ସମସ୍ତେ ସମ୍ମିଳିତ ହୋଇ ସକ୍ରୀୟ ସହଯୋଗ ପ୍ରଦାନ କରିବାକୁ ଡ. ମହାପାତ୍ର ନିବେଦନ କରିଥିଲେ । ସ୍ଥାନୀୟ ଉତ୍କଳ ବିପନ୍ନ ସହାୟତା ସମିତି ପରିସରରେ ଅନୁଷ୍ଠିତ ହେଉଥିବା ଏହି ସଂଘ ଶିକ୍ଷାବର୍ଗର ଶିକ୍ଷାର୍ଥୀମାନଙ୍କୁ ନେଇ ଏକ ଭବ୍ୟ ପଥ ସଂଚଳନ ଜୁନ ୧ ତାରିଖ ଦିନ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ସାରା ଓଡିଶାରୁ ୮୦ ଜଣ ଶିକ୍ଷାର୍ଥୀଙ୍କ ସମେତ ୪୦ ଜଣ ଶିକ୍ଷକ ଓ ପ୍ରବନ୍ଧକ ଏହିଭଳି ୧୨୦ଜଣ ଯୋଗଦେଇଛନ୍ତି । ପ୍ରତ୍ୟେକ ଶିକ୍ଷାର୍ଥୀ ନିଜ ହାତରୁ ୮ଶହ ଟଙ୍କା ଶୁଳ୍କ ପ୍ରଦାନ କରି ୨୦ଦିନ ଧରି ଏହି ଶିବିରରେ ବିଭିନ୍ନ ଶାରୀରିକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି । ଏହି ଶିକ୍ଷାର୍ଥୀମାନଙ୍କ ମଧ୍ୟରେ ଡାକ୍ତର, ଇଂଜିନିୟର, ଅଧ୍ୟାପକ, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ, ସ୍ନାତକ ଓ ସ୍ନାତକୋତର ଛାତ୍ର, ବ୍ୟବସାୟୀ ଓ କୃଷକ ଉପସ୍ଥିତ ଅଛନ୍ତି । ପ୍ରତ୍ୟହ ସକାଳ ୪.୩୦ମି. ସମୟରେ ପ୍ରାତଃ ଜାଗରଣ ପରେ ରାତ୍ରୀ ୧୦ଟା ପର୍ଯ୍ୟନ୍ତ ସ୍ୱୟଂସେବକମାନେ ବିଭିନ୍ନ ଶାରିରୀକ ଓ ବୌଦ୍ଧିକ କାର୍ଯ୍ୟକ୍ରମର ଅଭ୍ୟାସ କରୁଥିଲେ । ସଂଘ ଶିକ୍ଷାବର୍ଗର ସମାରୋପ ଉତ୍ସବରେ ମଂଚାସୀନ ଥିବା ଶିକ୍ଷାବର୍ଗର ସର୍ବାଧିକାରୀ ମନୋରଂଜନ ସାହୁ ଅଧକ୍ଷତା କରିବା ସହ ବର୍ଗର ବିବରଣୀ ପାଠ କରିଥିଲେ । ବର୍ଗର କାର୍ଯ୍ୟବାହ ବେଲେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହାରାଷ୍ଟ୍ର ସରକାରଙ୍କ ଠାରୁ...

(ପୃଷ୍ଠା-୪ର ଅବଶିଷ୍ଟାଂଶ) ଦେଶ ସ୍ୱାଧୀନ ହେବା ପରେ ୧୯୯୫ ମସିହାରେ ପ୍ରଥମ ଥର ପାଇଁ ଏମାନଙ୍କ ବାବଦରେ ସର୍ବେକ୍ଷଣ କରାଯାଇଥିଲା। ମାର୍ଟି ଚେନ ଏବଂ ଜ୍ୟାୟାଂ ଦ୍ରେଜ ଏହି ସର୍ବେକ୍ଷଣର ନେତୃତ୍ୱ ନେଇଥିଲେ। ଜଣାପଡିଥିଲା ଯେ ଯଦିଓ ମହିଳାମାନେ ସେମାନଙ୍କ ଦିବଂଗତ ସ୍ୱାମୀଙ୍କ ସମ୍ପତ୍ତିର ମାଲିକ କିନ୍ତୁ ସେମାନଙ୍କୁ ସେଇ ଅଧିକାରରୁ ବଞ୍ଚିତ କରାଯାଉଛି। ଅନେକ କ୍ଷେତ୍ରରେ ବିଧବାମହିଳାଙ୍କୁ ଡାହାଣୀର ଆଖ୍ୟା ଦିଆଯାଉଛି ତ କେତେକ କ୍ଷେତ୍ରରେ ତାଙ୍କୁ ମାରିଦିଆଯାଉଛି।

ସମ୍ବିଧାନ ଅନୁସାରେ ସମସ୍ତଙ୍କର ସମ୍ମାନର ସହ ବଞ୍ଚିବାର ଅଧିକାର ରହିଛି ସିଏ ପୁରୁଷ ହେଉ ବା ମହିଳା। ହିନ୍ଦୁ ମାନ୍ୟତା ଅନୁସାରେ ଅର୍ଦ୍ଧନାରୀଶ୍ୱର ରୁପ କଥା ସମସ୍ତେ ଜାଣନ୍ତି। ଶିବ ପୁରୁଷ ଏବଂ ପାର୍ବତୀ ନାରୀ (ମହିଳା)ଙ୍କର ପ୍ରତିନିଧିତ୍ୱ କରିଥାନ୍ତି ଏବଂ ଏହି ସ୍ୱରୁପ ଦର୍ଶାଇଥାଏ ଯେ ଉଭୟଙ୍କ ବିନା ସୃଷ୍ଟି ଏବଂ ସଂସାର ଅଧୁରା। ଏପରିସ୍ଥଳେ ମହିଳାମାନଙ୍କ ପ୍ରତି ସମାଜର ଏଭଳି ଘୃଣାଭାବ ଆସେ କେଉଁଠୁ? ମହିଳା ବିବାହିତ ହୁଅନ୍ତୁ ଅଥବା ବିଧବା, ସମାଜରେ ତାଙ୍କ ସ୍ଥାନ କେହି ଛଡ଼େଇ ନେଇ ପାରିବେ ନାହିଁ। କେବଳ ଯେ ମହାରାଷ୍ଟ୍ର ସରକାର ବିଧବାମାନଙ୍କ ପ୍ରସଙ୍ଗରେ ଆଇନ ପ୍ରଣୟନ କରିଦେଲେ ସାରାଦେଶର ବିଧବାମାନଙ୍କ ସ୍ଥିତିରେ ପରିବର୍ତ୍ତନ ହୋଇଯିବ ତାନୁହେଁ। ଏଥିପାଇଁ ସାରାଦେଶରେ ସଚେତନତା ସୃଷ୍ଟି ହେବା ଆବଶ୍ୟକ। ରାଜନୈତିକ ଓ ସାମାଜିକସ୍ତରରେ ଏମାନଙ୍କ ପାଇଁ ଲଢେଇର ଆବଶ୍ୟକତା ରହିଛି। କାରଣ ୭ କୋଟି ବିଧବା ଦେଶରେ ଅଛନ୍ତି। ଅର୍ଥାତ୍ ଏମାନଙ୍କ ସଂଖ୍ୟାକୁ ଅଣଦେଖା କରାଯାଇନପାରେ। ଏମାନଙ୍କ ହକ୍ ପାଇଁ ଏକଜୁଟ ହେବା ଆବଶ୍ୟକ କାରଣ ସମ୍ମାନର ସହ ଉତ୍ତମ ଜୀବନ ଜିଇବା ସମସ୍ତଙ୍କର ଅଧିକାର। ମହାରାଷ୍ଟ୍ର ସରକାର ନେଇଥିବା ନିଷ୍ପତ୍ତି ସ୍ୱାଗତଯୋଗ୍ୟ ଓ ଅନ୍ୟ ରାଜ୍ୟର ସରକାରମାନେ ଏଥିରୁ ଶିକ୍ଷାଲାଭ କରିବା ଉଚିତ୍

ରାମଚନ୍ଦ୍ରପୁର, ରଣପୁର, ମୋ: ୯୪୩୮୪୮୫୦୯୪

## ଅନାଇବାକୁ ମନା

(ପୃଷ୍ଠା-୫ର ଅବଶିଷ୍ଟାଂଶ) ଏଣୁ ପୁତ୍ର ଦାଶରଥିଙ୍କ ସହ ବିଚାର ବିମର୍ଶ କଲେ। ଦାଶରଥି ବାବୁ କହିଲେ ମା ମୁଁ ମଧ୍ୟ ଏକାକଥା ଭାବୁଛି। ଗତ କେତେବର୍ଷ ଧରି ନିଶିକାନ୍ତର କାର୍ଯ୍ୟକଳାପ ଯାହା ଦେଖି ଆସୁଛି ସେପରି ଯୁବକ ମିଳିଲା ମଧ୍ୟ ସହଜ ନୁହେଁ। ଆହୁରି ମା' ଏମିତିକା ସତେଜ, ମଧୁର, ସୁଗୋଲ ସୁଠାମ ସ୍ୱାସ୍ଥ୍ୟଭରା ପରିପୂର୍ଣ୍ଣ ରୂପଠାଣି ଦେଖିନେବା କ୍ଷଣି ମନ ମୋର ପୂରି ଉଠେ। ମୋ ମାଧୁରୀ ପାଇଁ ଉପଯୁକ୍ତ ମନେ କରେ। ମା' ଚେଷ୍ଟାକରେ ଆଗେଇ ଯା ଚୁପଚାପରେ।

ଏକ ଛୁଟିଦିନ ମଧ୍ୟାହ୍ନରେ ଜେଜେ ମା' ମନ୍ଦିର ଯିବା ବାହାନାରେ ପହଂଚିଲେ ନିଶିକାନ୍ତର ଗୃହରେ। ଦେଖିଲେ ଆଇବୁଢ଼ୀ ନିଶିକାନ୍ତ ସହ ଟି.ଭି. ଦେଖି ଖୁସି ମୁଡ୍‌ରେ ଥିଲେ। ନିଶିକାନ୍ତ ଜେଜେ ମା'ଙ୍କୁ ଖୁବ୍ ଆଦର କରି ବସାଇ ଆଈଙ୍କ ପରିଚୟ କରାଇ ସମସ୍ତ ବୃତ୍ତାନ୍ତ କହିଗଲେ। ଦୁଇ ବୁଢ଼ୀ ଖୁସିରେ ପାନଡାଲା ଖୋଲିବସି ନାନା ଆଲୋଚନା କଲେ। ଏଠାକୁ ଆସିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜେଜେ ମା' ନିଭୃତରେ ଆଈଙ୍କୁ ଶୁଣାଇଲେ। ନିଜ ଗୃହକୁ ନିମନ୍ତ୍ରଣ କଲେ। କେବଳ ଏତିକି କହିଲେ ଏହି ଯୋଡ଼ିଟା ଈଶ୍ୱରଙ୍କ ପରିକଳ୍ପିତ, ସ୍ୱର୍ଗରେ ଲିଖିତ। ନାତୁଣୀକୁ ଦେଖିଲେ ସବୁ କଥା ଜାଣିପାରିବେ କହି ବିଦାୟ ନେଲେ।

ଅନ୍ୟ ଏକ ଦିନେ ଜେଜେ ମା', ଆଈଙ୍କୁ ତାଙ୍କ ବାସଭବନକୁ ନିମନ୍ତ୍ରଣ କରି ନେଲେ। ମାଧୁରୀଙ୍କୁ ସମସ୍ତ କଥା ଶୁଣାଇ ଆଚାର ବ୍ୟବହାର, ପରିପାଟିରେ ଯେପରି ତ୍ରୁଟି ନଘଟେ ପୂର୍ବରୁ ସତର୍କ କରାଇ ଦେଇଥିଲେ। ଆଇବୁଢ଼ୀଙ୍କୁ ଖୁବ୍ ନମ୍ର, ବିନୀତ ଆମ ଦେଶୀୟ ନୀତି, ନିୟମ, ବିଧିବିଧାନ ମୁତାବକ୍ ସ୍ୱାଗତ କରିଥିଲେ। ବିଉଟି ପାର୍ଲରରେ ସଜ୍ଜିତ ନହୋଇ ଏକ ସିଧାସାଦା ଝିଅଟିଏ ଭଳି ଆଇ ମା'ଙ୍କ ପାଖେ ବସିଲା। ଅନେକ ପ୍ରଶ୍ନର ଉତ୍ତର ସରଳ, ସୁନ୍ଦର, ଭାବେ ମଧୁର ସ୍ୱରରେ ବୁଢ଼ୀର ମନ କିଣି ନେଲା ମାଧୁରୀ। ଆଇବୁଢ଼ୀ ମାଧୁରୀର ରୂପ, ଗୁଣ ପ୍ରଶଂସା କରି ନିଶିକାନ୍ତ ମାଧୁରୀକୁ ବିବାହ କରିବାର ପ୍ରସ୍ତାବ ବାଢ଼ିଲା। ନିଶିକାନ୍ତ ଆଇବୁଢ଼ୀର କଥାରେ ରାଜି ହୋଇ ଏକ ସରଳ ନିରାଡ଼ମ୍ବର ଉତ୍ସବରେ ମାଧୁରୀର ପାଣିଗ୍ରହଣ କଲା ଏକ ଶୁଭ ବେଳାରେ। ମାଧୁରୀ ସହରୀ ଝିଅ ହେଲେ ହେଁ ଆଇବୁଢ଼ୀର ନୀତି ଆଦର୍ଶକୁ ପାଥେୟ କରି ସମାଜରେ ଏକ ଆଦର୍ଶ ଗୃହିଣୀ, ସ୍ତ୍ରୀ, ପିଲାମାନଙ୍କ ମା' ହୋଇ ପ୍ରଶଂସା, ସୁଖ୍ୟାତି ଲାଭ କଲା। ଆଇବୁଢ଼ୀ ବର୍ତ୍ତମାନ ବାର୍ଦ୍ଧକ୍ୟ ରୋଗରେ ପୀଡ଼ିତା। ଅନ୍ତିମ କାଳରେ ନାତି ଓ ନାତୁଣୀବୋହୂଙ୍କୁ ପାଖକୁ ଡକାଇ କହିଲେ ଜୀବନରେ ମୂଲ୍ୟବୋଧ ରଖିବ। ଅହଂ, ଗର୍ବ, ବଡ଼ପଣିଆ ଜାହିର ନକରି ଲୋକଙ୍କ ଦୁଃଖରେ ଦୁଃଖୀ, ସୁଖରେ ସୁଖୀ ହେବ। କ୍ଷୁଧାର୍ତ୍ତଙ୍କୁ ଆହର, ତୃଷାର୍ତ୍ତଙ୍କୁ ଜଳଦାନ, ଗରିବଙ୍କୁ ବସ୍ତ୍ରଦାନ ଶକ୍ତି ସାମର୍ଥ୍ୟ ମୁତାବକ କରିବ। ଜୀବେଦୟା ହିଁ ପରମଧର୍ମ। କିଛିଦିନ ପରେ ଶେଷ ନିଃଶ୍ୱାସ ଛାଡ଼ି ଚାଲିଗଲେ ଇହଧାମକୁ ଆଇବୁଢ଼ୀ। ଆଇବୁଢ଼ୀର ଆଦର୍ଶରେ ଅନୁପ୍ରାଣିତ ହୋଇ ନିଶିକାନ୍ତ ଓ ମାଧୁରୀ ଏକ ଶ୍ରେଷ୍ଠ ଦମ୍ପତିର ମର୍ଯ୍ୟାଦା ସମାଜରେ ପାଇଲେ।

ଆଈର ନୀତି, ଆଦର୍ଶକୁ ପୁନର୍ଜୀବିତ କରିବା ଉଦ୍ଦେଶ୍ୟରେ ସେମାନେ ଗ୍ରାମରେ ଏକ ସ୍ମୃତି ମନ୍ଦିର ନିର୍ମାଣ କରିଛନ୍ତି। ଏହା ସହିତ ଯୋଡ଼ି ଦେଇଛନ୍ତି ଏକ ଶିଶୁ କଲ୍ୟାଣ ଫଣ୍ଡ। ପିତାମାତାହୀନ, ଅନାଥ, ଅତି ଦରିଦ୍ର ଶିଶୁ, ବାଳକ ବାଳିକାମାନେ ଏହି ଅନୁଷ୍ଠାନରୁ ସାହାଯ୍ୟ ପାଇ ଖୁବ୍ ଉପକୃତ ହେଉଛନ୍ତି।

## ବିଶ୍ୱ ପରିବେଶ ଉପଲକ୍ଷେ ରାଜ୍ୟ ସ୍ତରୀୟ ପ୍ରକୃତିମିତ୍ର ପୁରସ୍କାର

ଜଳେଶ୍ୱର ୫/୬(ନି.ପ୍ର): ଆଜି ବିଶ୍ୱ ପରିବେଶ ଦିବସ ହୋଇଥିବାରୁ ଓଡିଶା ସରକାରଙ୍କ ଜଂଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୁବନେଶ୍ୱର ରବିନ୍ଦ୍ର ମଣ୍ଡପଠାରେ ଏକ ଭବ୍ୟ ସମାରୋହ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଜଂଗେ ପରିବେଶ ଓ ଜଳବାୟୁ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ମୋନା ସର୍ମା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । ଏହି ମଂଚରେ ବିଭାଗୀୟ ନିର୍ଦ୍ଦେଶକ ସୁଶାନ୍ତ ନନ୍ଦ, ରାଜ୍ୟ ସଂଯୋଜକ ରାଜୀବ କୁମାର ବିଶିଷ୍ଟ ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ସମାଜରେ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ସଂପର୍କରେ ବକ୍ତବ୍ୟ ରଖିଥିଲେ । ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିଥିବା ଶିକ୍ଷକ ଶିକ୍ଷୟତ୍ରୀ ଓ ଅନୁଷ୍ଠାନ ମୁଖ୍ୟମାନଙ୍କୁ ପ୍ରକୃତିମିତ୍ର ସମ୍ମାନରେ ସମ୍ମାନୀତ କରାଯାଇଛି । ବାଲେଶ୍ୱର ଜିଲାର ଅଗ୍ରଣୀ ଅନୁଷ୍ଠାନ ଖୁଲୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ଅଜିତ୍ ମହାନ୍ତିଙ୍କୁ ଏହି ସମାରୋହରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ମୋନା ସର୍ମା ପ୍ରକୃତିମିତ୍ର ସମ୍ମାନରେ ସମ୍ମାନୀତ କରିଛନ୍ତି ।

## ଶିକ୍ଷାବିତ୍ ସ୍ୱର୍ଗତ ପ୍ରଭାତ କୁମାର ବଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ

ଭଦ୍ରକ,୦୫/୦୬ (ନି.ପ୍ର): ଚରମ୍ପା କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶିକ୍ଷାବିତ୍ ସ୍ୱର୍ଗତ ପ୍ରଭାତ କୁମାର ବଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଜଗନ୍ନାଥ ମନ୍ଦିର ବାଇପାସ୍ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଅଧିବକ୍ତା ନିରାକାର ଜେନା, ସ୍ୱର୍ଗତ ବଳଙ୍କର ସ୍ମରଣିକା 'ପ୍ରଣମ୍ୟ ପ୍ରଭାତ' ଉନ୍ମୋଚନ କରିଥିଲେ। ସଭାପତି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗଗନ ବିହାରୀ ରାଉତ ସଭାଟିକୁ ପରିଚାଳନା କରିଥିଲେ। ସମ୍ମାନନୀୟ ଅତିଥି ଭାବେ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ, ମୁଖ୍ୟବକ୍ତା ପ୍ରାଧ୍ୟାପିକା ରାଧାରାଣୀ ମହାପାତ୍ର, ଅନ୍ୟତମ ବକ୍ତା ଇଂ ଅଭୟ ସୂତାର, ନିମନ୍ତ୍ରିତ ଅତିଥି କୈଳାସ ଚନ୍ଦ୍ର ମହାପାତ୍ର, ପୂର୍ବତନ ଅଧକ୍ଷ ସୌରେଶ ଚନ୍ଦ୍ର ମହାନ୍ତି, ଅକ୍ଷୟ ମହାନ୍ତି, ବୈକୁଣ୍ଠ ପରିଡ଼ା, ରବି ବେହୁରିଆ, ବାବୁଲାଲ ଦାସ, ଅଧ୍ୟାପିକା ଉତ୍ପଳା ନାୟକ, ଡ. ସୁକାନ୍ତି ମହାପାତ୍ର ଏବଂ ବହୁ ବ୍ୟକ୍ତି ବିଶେଷ ଯୋଗ ଦେଇ ସ୍ୱର୍ଗତ ବଳଙ୍କ ସ୍ମୃତି ଚାରଣ କରି ସ୍ୱର୍ଗତ ବଳ ଜଣେ ଛାତ୍ରବତ୍ସଳ ଶିକ୍ଷକ, ପରୋପକାରୀ, ସମାଜସେବୀ ଭାବେ ଚରମ୍ପା ତଥା ତାଙ୍କ ଜନ୍ମସ୍ଥାନ ତତିହିଡ଼ି ଫତେପୁର ଅଞ୍ଚଳର ବହୁ କାର୍ଯ୍ୟ କରିଛନ୍ତି, ବିଶେଷ କରି ସ୍ୱର୍ଗତ ବଳ ଶିକ୍ଷା କ୍ଷେତ୍ରରେ ବହୁ ଉନ୍ନତି ସାଧନ କରବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ପ୍ରକାଶ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଗିରଫ ହୋଇପାରନ୍ତି ପାକିସ୍ତାନ....

ପାଇଁ ସେମାନଙ୍କୁ ଗିରଫ କରାଯିବା ଆବଶ୍ୟକ କାରଣ ସେମାନେ ଅନୁସନ୍ଧାନରେ ଯୋଗ ଦେଇନାହାଁନ୍ତି ଏବଂ ଅନୁସନ୍ଧାନକାରୀଙ୍କ ସହ ସହଯୋଗ କରିନାହାଁନ୍ତି ବୋଲି ସେ ସେ ଯୁକ୍ତି ବାଢ଼ିଛନ୍ତି। ସେପଟେ ପାକିସ୍ତାନ ପ୍ରଧାନମନ୍ତ୍ରୀଙ୍କ ଓକିଲ ଏଫଆଇଏ କରିଥିବା ଆବେଦନ ଉପରେ ଆପତ୍ତି ଉଠାଇଛନ୍ତି ଏବଂ ଏଜେନ୍ସିର ଏହା ମିଛ ଦାବି ବୋଲି କହିଛନ୍ତି। ଶାହବାଜଙ୍କ ଓକିଲ ଅହମ୍ମଦ ପରଭେଜ କହିଛନ୍ତି, ଲାହୋର ଜେଲରେ ଥିବାବେଳେ ଶାହବାଜ ଏବଂ ହାମଜାଙ୍କ ଭୂମିକାକୁ ଏଫଆଇଏ ଯାଞ୍ଚ କରିସାରିଛି। ପରଭେଜ କହିଛନ୍ତି ଯେ ଜେଲରେ ଥିବାସତ୍ତ୍ୱେ ହାମଜା ଓ ଶାହବାଜ ତଦନ୍ତରେ ଯୋଗ ଦେଇଥିଲେ ଏବଂ ଏଫଆଇଏ କାର୍ଯ୍ୟାଳୟରେ ଅନୁସନ୍ଧାନକାରୀଙ୍କ ନିକଟରେ ହାଜର ହୋଇଥିଲେ। ଅନ୍ୟପଟେ ବିଚାରପତି ଏଜାଜ୍ ଆୱାନ୍ ଏହି ମାମଲାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱିତୀୟ ପୁଅ ସୁଲେମାନ୍ ଶାହବାଜଙ୍କ ବିରୋଧରେ ଗିରଫ ୱାରେଣ୍ଟ ଜାରି କରି ଜୁନ୍ ୧୧ ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖିଛନ୍ତି। ଉଲ୍ଲେଖଯୋଗ, ଶାହବାଜ ସରିଫଙ୍କ ଦ୍ୱିତୀୟ ପୁଅ ସୁଲେମାନ ୨୦୧୯ରୁ ଫେରାର ଅଛନ୍ତି। ସେ ଏବେ ବ୍ରିଟେନ୍‌ରେ ରହୁଥିବା ସୂଚନା ରହିଛି। ଦୁର୍ନୀତି ନିବାରଣ ଆଇନ ଏବଂ ମନି ଲଣ୍ଡରିଂ ଆକ୍ଟର ବିଭିନ୍ନ ବିଭାଗ ଅଧୀନରେ ନଭେମ୍ବର ୨୦୨୦ରେ ଶାହବାଜ ଏବଂ ତାଙ୍କ ପୁଅ ହାମଜା ଓ ସୁଲେମାନଙ୍କ ବିରୋଧରେ ଏଫଆଇଏ ଏକ ମାମଲା ରୁଜୁ କରିଥିଲା।

### କାନପୁର ହିଂସା : ରାଷ୍ଟ୍ରୀୟ....

ଏକ ମୁସଲମାନ ସଙ୍ଗଠନ ବନ୍ଦ ଡାକରା ଦେବା ସହ ଦୁଇ ଗୋଷ୍ଠୀ ମଧ୍ୟରେ ଢେଲାପଥର ମାଡ଼ ହୋଇ ଥିଲା । ଫଳରେ ଉଭୟ ଗୋଷ୍ଠୀ ମଧ୍ୟରେ ଖଣ୍ଡପ୍ରଳୟ ଘଟି ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ଜ୍ଞାନବାପୀ ମସଜିଦ୍‌କୁ ନେଇ ନୁପୁର ଏକ ଟେଲିଭିଜନ ଡିବେଟରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ। ଯାହାକୁ ନେଇ ନୁପୁରଙ୍କ ବିରୋଧରେ ଅସନ୍ତୋଷ ତେଜିବା ସହ ହାଇଦ୍ରାବଦ, ପୁଣେ ଏବଂ ମୁମ୍ବାଇରେ ତାଙ୍କ ନାମରେ ମାମଲା ରୁଜୁ କରାଯାଥିଲା। ଗତ ଶୁକ୍ରବାର କାନପୁରର ପରେଡ୍ ଚୌକ ଅଞ୍ଚଳରେ ଘଟିଥିବା ଏହି ହିଂସା ଘଟଣାରେ ଅଦ୍ୟାବଧି ୨୯ ଜଣଙ୍କୁ କାନପୁର ପୁଲିସ ଗିରଫ କରିଛି। ଏହି ହିଂସାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ରକାରୀ ହାୟତ ଜାଫର ହାସମିଙ୍କୁ ମଧ ପୁଲିସ ଗିରଫ କରିଛି। ହାୟତ ଜାଫର ହାସମି ହେଉଛନ୍ତି ମୌଲାନା ମହମ୍ମଦ ଜୁହାର ଅଲ୍ଲୀ ଫ୍ୟାନ୍ ସଂଘର ସଭାପତି। ଟେଲିଭିଜନ୍ ନ୍ୟୁଜ୍ ଡିବେଟ୍‌ରେ 'ପ୍ରଫେଟ ମହମ୍ମଦ'ଙ୍କ ବିରୋଧରେ ବିଜେପି ମୁଖପାତ୍ର ନୁପୁର ଶର୍ମା ବିବାଦୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ଆଣି ହାୟତ ଜାଫର ହାସମି ବଜାର ବନ୍ଦ କରିବାକୁ ଚେତାବନୀ ଦେବା ସହ ହିଂସାକାଣ୍ଡ ଘଟାଇବାକୁ ଉସକାଇ ଥିଲେ। ହାସମି ଲୋକଙ୍କୁ ଉତ୍ତେଜିତ କରିଥିବା ଅଭିଯୋଗ ହୋଇ ଥିଲା।

### କଣ୍ଟେନର୍ ଡିପୋରେ....

ତାହା ଜଣାପଡ଼ିନାହିଁ। ହାଇଡ୍ରୋଜେନ୍ ପିରୋକ୍ସାଇଡ୍ ଥିବା କୌଣସି କେଣ୍ଟେନର ଜଳି ତୁରନ୍ତ ଚାରିଆଡ଼କୁ ନିଆଁ ବ୍ୟାପିଯାଇଥାଇ ପାରେ ବୋଲି ଅଗ୍ନିଶମ ଅଧିକାରୀମାନେ ସନ୍ଦେହ କରୁଛନ୍ତି। ଚିଟଗାଓଁ ସିଭିଲ ସର୍ଜନ ମହମ୍ମଦ ଇଲିଆସ ହୁସେନ କହିଛନ୍ତି, ଆହତଙ୍କ ଅବସ୍ଥା ଗୁରୁତର ଥିବାରୁ ମୃତ୍ୟୁ ସଂଖ୍ୟା ଆଗକୁ ଆହୁରି ବଢ଼ିପାରେ। ପରିସ୍ଥିତି ମୁକାବିଲା ପାଇଁ ଜିଲ୍ଲାର ସମସ୍ତ ଡାକ୍ତରଙ୍କୁ ଅନୁରୋଧ କରିବା ସହ ଜରୁରିକାଳୀନ ରକ୍ତଦାନ ପାଇଁ ଆହ୍ୱାନ କରିଛନ୍ତି।

### ଗଞ୍ଜେଇ ବେପାରୀଙ୍କ ସାଢେ ....

ଥିବା ୩୨ ଲକ୍ଷ ୭ ହଜାର ୩୦୪ ଟଙ୍କାର ଜମି , ବ୍ୟାଙ୍କରେ ଜମା ଥିବା ୫ ଲକ୍ଷ ୨୫ ହଜାର ୮୭୯ ଟଙ୍କା ୬୭ ପଇସା, ୩ ଲକ୍ଷ ୫ ହଜାର ଟଙ୍କାର ଥିବା ୪ ଟି ଏଲଆଇସି ପଲିସି ଜବତ କରାଯାଇଛି । ଏଥିସହିତ ତାଙ୍କ ଘରୁ ଜବତ କରାଯାଇଥିବା ୪ କୋଟି ୫୨ ଲକ୍ଷ ୧୪ ହଜାର ସୁନା ଅଳଙ୍କାରକୁ ଜବତ କରଯାଇଛି । ଗତ ଅକ୍ଟୋବର ମାସରେ ରଜନୀକାନ୍ତଙ୍କ ସ୍କୁଟିରେ ଯାଉଥିବା ବେଳେ ଚଢାଉ କରି ପୋଲିସ ୩୫ କେଜି ୧୯୦ ଗ୍ରାମ ଗଞ୍ଜେଇ , ୧୦ କେଜି ୧୧୦ ଗ୍ରାମ ଭାଙ୍ଗ, ୧୦ କେଜି ଅଫିମ ସହ ନଗଦ ୭୫ ଲକ୍ଷ ୯ ହଜାର ଟଙ୍କା ଓ ୮ କେଜି ୫୯୬ ଗ୍ରାମ ସୁନା ଗହଣା ଜବତ କରିଥିଲା । ଏହି ଜବତ ଜବତି ସମ୍ପତିର ମୁଲ୍ୟ ୧୦ କୋଟି ହେବ ବୋଲି ଆକଳନ କରାଯାଇଥିଲା । ତେବେ ରଜନୀକାନ୍ତର ସମ୍ପତି ବିଷୟରେ ଅଧିକ ତଦନ୍ତ ପାଇଁ କେନ୍ଦ୍ରୟ ଅର୍ଥନୈତିକ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଥିଲା ।

### ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ....

ତାଙ୍କ ଭିଡ଼ିଓ ବାର୍ତ୍ତା ମାଧମରେ ରାଜ୍ୟବାସୀଙ୍କୁ ବିଶ୍ୱ ପରିବେଶ ଦିବସର ଶୁଭେଚ୍ଛା ପ୍ରଦାନ କରିବା ସହ ମନୁଷ୍ୟସମାଜକୁ ସୁସ୍ଥ ଓ ସ୍ଥାୟୀ ହେବା ପାଇଁ ପରିବେଶ ସହିତ ଦୀର୍ଘସ୍ଥାୟୀ ସଂପର୍କ ରଖିବା ଆବଶ୍ୟକ ବୋଲି ଗୁରୁତ୍ୱ ଦେଇ ପ୍ରକାଶ କରିଛନ୍ତି । ଜଳବାୟୁ ପରିବର୍ତ୍ତନର କୁପ୍ରଭାବକୁ ହ୍ରାସ କରିବା ପାଇଁ ୨୦୨୧-୩୦ ପର୍ଯ୍ୟନ୍ତ ଏକ ଆକ୍ସନ ପ୍ଲାନ୍ ପ୍ରସ୍ତୁତ କରାଯାଇଛି । ଏଥି ସହିତ ଏକ ସୁନ୍ଦର ପୃଥିବୀ ଗଠନ ପାଇଁ ଭବିଷ୍ୟତ ବଂଶଧରମାନଙ୍କୁ ପରିବେଶ ସଂରକ୍ଷଣ ବାବଦରେ ସଚେତନ କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ୧୪,୨୫୦ଟି ଇକୋ-କ୍ଲବ୍ କାର୍ଯ୍ୟକରୁଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି । ଚଳିତ ବର୍ଷ ଆୟୋଜିତ ଏହି ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଶର୍ମା କହିଛନ୍ତି ଯେ ଜୀବଜଗତ ତିଷ୍ଠି ରହିବା ପାଇଁ ପୃଥିବୀର ସୁରକ୍ଷା ନିହାତି ଆବଶ୍ୟକ । ବିଗତ ୨୦ ବର୍ଷ ଧରି ରାଜ୍ୟରେ ଜଙ୍ଗଲ ଅଭିବୃଦ୍ଧି ହୋଇ ଆସୁଛି ।

## ଭାଲୁର ମୃତ ଦେହ ଉଦ୍ଧାର

ନୀଳଗିରି, ୦୫/୦୬ (ନି.ପ୍ର): ନୀଳଗିରି ବନବିଭାଗ ଅଧୀନ ମିତ୍ରପୁର ନିକଟସ୍ଥ ଜଙ୍ଗଲରେ ଗୋଟିଏ ଅଣ୍ଡିରା ଭାଲୁର ମୃତ ଦେହ ଉଦ୍ଧାର ହୋଇଛି। ଭାଲୁଟି ଅଂଶୁଘାତରେ ମୃତ ହୋଇଥିବା ବନବିଭାଗ ପକ୍ଷରୁ ସନ୍ଦେହ କରାଯାଉଛି । ଖବର ପାଇ ବନକର୍ମଚାରି ଘଟଣାସ୍ଥଳରେ ପହଂଚି ଭାଲୁର ମୃତ ଦେହ ଉଦ୍ଧାର କରି ତଦନ୍ତ କରୁଛି ।

## କାନପୁର ହିଂସା : ଏସ୍ଆଇଟିର ତିନି ଟିମ୍ କରିବ ଯାଂଚ

କାନପୁର,୦୫/୦୬ (ନି.ପ୍ର): କାନପୁର ହିଂସା ମାମଲାର ଯାଂଚ ପାଇଁ ପୋଲିସ୍ କମିଶନର ଏସ୍ଆଇଟିର ତିନି ଟିମ୍ ଗଠିତ କରିଛନ୍ତି। ତିନି ଟିମ୍ ନିଜ ରିପୋର୍ଟ ଅଲଗା ଅଲଗା ପୋଲିସ୍ କମିଶନରଙ୍କୁ ପ୍ରଦାନ କରିବେ। ଏହାପରେ ଉପଦ୍ରବିୟୋଙ୍କ ବିରୋଧରେ ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ। ପୋଲିସ୍ କମିଶନର ବିଜୟ ସିଂହା ମୀନା ରବିବାର ଦିନ କହିଛନ୍ତି ଯେ କାନପୁରରେ ଚାରି ଜୁନ୍‌ରେ ହୋଇଥିବା ହିଂସା ପାଇଁ ବିଶେଷ ଯାଂଚ ଦସ୍ତା(ଏସ୍ଆଇଟି)ର ତିନି ଟିମ୍‌ର ଗଠନ କରାଯାଇଛି। ପ୍ରଥମ ଟିମ୍ ମୁଖ୍ୟ ଅଭିଯୁକ୍ତଙ୍କ ଠାରୁ ମିଳିଥିବା ୬ ମୋବାଇଲ୍‌ରେ ଘଟଣା ପୂର୍ବରୁ ଏବଂ ଘଟଣା ପରେ କେତେ କଥା ହୋଇଛି ଏହାର ଯାଂଚ କରିବେ। ଏହାସହିତ ସୋସିଆଲ୍ ମିଡିଆ ମାଧରେ ହିଂସା ପୂର୍ବରୁ ଏବଂ ହିଂସା ପରେ ଅଭିଯୁକ୍ତମାନେ କାହା ସମ୍ପର୍କରେ ଥିଲେ, ଏହାର ଯାଂଚ କରିବ।

## ପୁରୁଣାପାଣିରେ କୁଡୁମି ସେନାର ପ୍ରତିଷ୍ଠା ଦିବସ ପାଳିତ




ବାରିପଦା, ୦୫/୦୬ (ନି.ପ୍ର): ସାରା ଭାରତରେ ୨କୋଟିରୁ ଉର୍ଦ୍ଧ୍ୱ କୁଡୁମି ସଂପ୍ରଦାୟର ଲୋକେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର ଓ ଆସାମରେ ବସବାସ କରୁଛନ୍ତି । ପଡୋଶୀ ନେପାଳରେ ମଧ ବହୁ କୁଡୁମି ଲୋକ ବସବାସ କରୁଛନ୍ତି । ଏହି ଜାତିକୁ ୧୯୫୦ ମସିହା ପର୍ଯ୍ୟନ୍ତ ଆଦିବାସୀ ମାନ୍ୟତା ମିଳିଥିଲା । କିନ୍ତୁ ପରେ ସମ୍ବିଧାନରୁ ଆଦିବାସୀ ମାନ୍ୟତା ହଟାଇ ଦିଆଗଲା ।ପୁନଃ ଆଦିବାସୀ ମାନ୍ୟତା ପାଇଁ ଏହି ସଂପ୍ରଦାୟର ଲୋକେ ଦୀର୍ଘ ବର୍ଷ ଧରି ଦାବି ରଖି ଆସୁଛନ୍ତି । ତେବେ ଓଡ଼ିଶାରେ କ୍ରାନ୍ତିକାରୀ ଯୁବନେତା ଜୟମୁନୀ ମହାନ୍ତଙ୍କ ନେତୃତ୍ୱରେ କୁଡୁମି ସମ୍ପ୍ରଦାୟର ଲୋକଙ୍କୁ ୨୦୧୨ ମସିହାରେ ଏକାଠି କରି କୁଡୁମି ସେନା ଗଠନ କରି କୁଡୁମୀ ଲୋକଙ୍କର ସାମାଜିକ, ଅର୍ଥନୈତିକ, ଭାଷା, ସଂସ୍କୃତି ର ସୁରକ୍ଷା ଓ କୁଡୁମୀ ଜାତିକୁ ପୁନଃ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ୧୦ ବର୍ଷ ଧରି ଜିଲ୍ଲା, ରାଜ୍ୟ ତଥା ଜାତୀୟ ସ୍ତରରେ ଆନ୍ଦୋଳନ କରିଆସୁଛନ୍ତି ।ତେବେ ରାଇରଙ୍ଗପୁର ଠାରେ କୁଡୁମି ସେନାର ୧୦ମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଥମେ କୁଡୁମି ସେନାର କର୍ମି ,ରାଜ୍ୟ ତଥା ବିଭିନ୍ନ ଜିଲ୍ଲା ନେତୃବୃନ୍ଦ,ବାହାର ପଡ଼ୋଶୀ ରାଜ୍ୟ ଝାଡ଼ଖଣ୍ଡ,ବିହାର, ପଶ୍ଚିମବଙ୍ଗ ପ୍ରମୁଖ ଯୁବ,ଛାତ୍ର, ମହିଳା ନେତୃବୃନ୍ଦ ରାଇରଙ୍ଗପୁର ସହରର ଶାନ୍ତି ପ୍ୟାଲେସରୁ ଏକ ବିଶାଳ ପଦଯାତ୍ରା ଦିର୍ଘ ୪ କିମି ଦୂର ଚାଲି ଚାଲି ଜନସଚେତନତା ସୃଷ୍ଟି କରିଥିଲେ । ପରେ ପୁରୁଣାପାଣି ପଡ଼ିଆରେ କୁଡୁମି ସେନା ପ୍ରତିଷ୍ଠା ଦିବସ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିହାର ରାଜ୍ୟର ନାଳନ୍ଦା ଅଂଚଳର ୭ଥର ବିଧାୟକ ତଥା ବର୍ତ୍ତମାନର ବିହାର ରାଜ୍ୟ ସରକାରଙ୍କ ଗ୍ରାମ ଉନ୍ନୟନ ମନ୍ତ୍ରୀ ଶ୍ରବଣ କୁମାର ଯୋଗଦେଇ ନିଜର ନ୍ୟାର୍ଯ୍ୟ ଅଧିକାର ହାସଲ ପାଇଁ କୁଡୁମୀ ମାନଙ୍କୁ କର ବା ମର ପରିସ୍ଥିତିରେ ଆନ୍ଦୋଳନ କରିବାକୁ ପଡିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଝାଡ଼ଖଣ୍ଡ ରାଜ୍ୟର କୁଡୁମି ସେନା ଅଧ୍ ?ଯକ୍ଷ ଲାଲଟୁ ମାହୋତୋ, ପଶ୍ଚିମ ବଙ୍ଗର କୁଡୁମି ନେତା ବିରେନ ମହାତୋ, ରାଜ୍ୟ ସଭାନେତ୍ରୀ ସୁଜାତା ମହାନ୍ତ, କେନ୍ଦୁଝର ଜିଲ୍ଲା ସଭାପତି କୈଳାଶ ମହାନ୍ତ, ରାଜ୍ୟ ଉପସଭାପତି ଅଭିମନ୍ୟୁ ମହାନ୍ତ, ଜିଲ୍ଲା ସଭାପତି ଡମ୍ବରୁଧର ମହାନ୍ତ, କୁଡୁମି ସେନା ଛାତ୍ର ସଭାପତି ବରୁଣ ମହାନ୍ତ, ଆଲୋକ ରଂଜନ ମହାନ୍ତ, ଭଜହରି ମହାନ୍ତ, ନିରୁପମା ମହାନ୍ତ, ସୌଭାଗ୍ୟ ମହାନ୍ତ, ଗୌତମ ମହାନ୍ତ, ସୁନା ମହାନ୍ତ, ସୁଭଦ୍ରା ମହାନ୍ତଙ୍କ ସହିତ ଶତାଧିକ ଲୋକ ପ୍ରମୁଖ ଯୋଗ ଦେଇଥିଲେ । କୁଡୁମୀ ସେନାର ରାଜ୍ୟ ସଭାପତି କ୍ରାନ୍ତିକାରୀ ଯୁବ ନେତା ଜୟମୁନି ମହାନ୍ତ ସଭାପତିତ୍ୱ କରିବା ସହ ସମସ୍ତ ଅତିଥିବୃନ୍ଦଙ୍କୁ ପୁଷ୍ପଗୁଚ୍ଛ ଓ ଉତରୀୟ ଦେଇ ସମ୍ବର୍ଦ୍ଧିତ କରିବା ସହ କୁଡୁମୀ ମାନଙ୍କର ସାମ୍ବିଧାନିକ ଅଧିକାର ଆଦିବାସୀ ମାନ୍ୟତାକୁ ରାଜ୍ୟ ଓ କେନ୍ଦ୍ର ସରକାର ବିଚାରକୁ ନେଇ ତୁରନ୍ତ ମାନ୍ୟତା ପ୍ରଦାନ କରିବା ପାଇଁ ଅନୁରୋଧ କରିଥିଲେ । ଯଦି ସରକାର ନମାନନ୍ତି ତାହାହେଲେ ଆଗାମୀ ଦିନରେ ଅଧିକାର ପାଇଁ କୁଡୁମି ସମାଜ ଦୁର୍ବାର ଆନ୍ଦୋଳନ କରିବାକୁ ବାଧ ହେବ ବୋଲି କହିଛନ୍ତି ।

## ପ୍ରେମିକାର ନିର୍ବନ୍ଧରେ ପ୍ରେମିକ ବୁଲାଇଲା ଖଣ୍ଡା : ଥାନାରେ ମାମଲା

ନୀଳଗିରି, ୦୫/୦୬ (ନି.ପ୍ର): ନିଜ ଝିଅର ନିର୍ବନ୍ଧ ପାଇଁ କନ୍ୟା ଘର ପକ୍ଷରୁ ସମସ୍ତ ପ୍ରସ୍ତୁତି ଚାଲିଥିବା ବେଳେ ହଠାତ୍ ପ୍ରେମିକ ଜଣକ ନିଜର ସହଯୋଗୀଙ୍କୁ ଧରି ହାତରେ ଏକ ଶକ୍ତ ବଡ଼ ଖଣ୍ଡା ଧରି କନ୍ୟା ଘର ପାଖରେ ପହଂଚି ମହାଭାରତ ସୃଷ୍ଟି କରିଥିଲା । ଖଣ୍ଡାଟିକୁ ,ପରି ଭାବରେ ବୁଲାଉଥିଲା ଯେ ସମସ୍ତେ ଚକିତ ହୋଇ ପଡ଼ିଥିଲେ । ଲଗ୍ନଧରାକୁ ଆସିଥିବା ବରପକ୍ଷର ସଂପର୍କୀୟମାନେ ଘଟଣାକୁ ଦେଖି ଲଗ୍ନଧରିବା ପରିବର୍ତ୍ତେ କାନମୁଣ୍ଡ ଆଉଁସି ଫେରି ଯାଇଥିଲେ । ସୂଚନାଥାଉକି ନୀଳଗିରି ଥାନା ଅଧୀନସ୍ଥ ବଡ଼ପାଟପୁର ଗ୍ରାମର ଝିଅ ଲଗ୍ନଧରା ଚାଲିଥିବା ବେଳେ ଉକ୍ତ ଗ୍ରାମର ଜଗନ୍ନାଥ ମଲିକ (୩୦) ସମେତ ତାଙ୍କର ୨ସହଯୋଗୀ ଓ ଅନ୍ୟ ୪ଜଣ ବ୍ୟକ୍ତି ,କତ୍ରିତ ହୋଇ ଠେଙ୍ଗା, ଭୁଜାଲି, ଖଣ୍ଡା, କଟୁରୀ ଧରି ବରପକ୍ଷଙ୍କୁ ଧମକଚମକ ଦେବାସହ ଗାଳିଗୁଲୋଜ କରିଥିଲେ ।ଘଟଣାକୁ ଗ୍ରାମବାସୀ ଓ ବରପକ୍ଷ ପ୍ରତିବାଦ କରନ୍ତେ ପାଲଟା ସେମାନେ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଲଗ୍ନଧରା ନ କରିପାରି ବରପକ୍ଷ ପଳାଇ ଯାଇଥିଲେ । ମୁଦାଲାମାନେ ଘର ଭିତରକୁ ପ୍ରବେଶ କରି କନ୍ୟାକୁ ଜୋରଜବରଦସ୍ତ ଉଠାଇ ନେବାକୁ ବସିଥିବା ବେଳେ କନ୍ୟାର ମାଆ ପ୍ରତିବାଦ କରିବାରୁ ତାକୁ ମଧ ପିଟାମରା କରିବା ସହ ଅଶ୍ଳିଳ ଭାଷାରେ ଗାଳିଗୁଲୋଜ କରିଥିଲେ । ଘଟଣାକୁ ଦେଖି ଗ୍ରାମବାସୀ ଏକତ୍ରିତ ହୋଇ ସମସ୍ତ ଅଭିଯୁକ୍ତଙ୍କୁ ଗଛରେ ବାନ୍ଧି ପୋଲିସକୁ ଖବର ଦେବା ପରେ ପୋଲିସ ଘଟଣାସ୍ଥଳରୁ ଜଗନ୍ନାଥ ମଲିକ ଓ ବିଶ୍ୱଜିତ ପରିଡ଼ାଙ୍କୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ବେଳେ ଏ ନେଇ କନ୍ୟାର ପିତା ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି ।

## ଜଳେଶ୍ୱର ବ୍ଲକରେ କର୍ମଚାରୀ ମରୁଡି : ନାହାନ୍ତି ୨୧ ପଂଚାୟତର ପିଇଓ ଓ ୧୬ରେ ଜିଆର୍‌ଏସ୍ ଅଧିକାରୀ

ଜଳେଶ୍ୱର, ୦୫/୬(ନି.ପ୍ର): ଜଳେଶ୍ୱର ବ୍ଲକ ଉପାନ୍ତ ଅଂଚଳରେ ହୋଇଥିବା ବେଳେ ଏଥିରେ କର୍ମଚାରୀ ଅଭାବରୁ ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ୩୫ଟି ପଂଚାୟତ ମଧ୍ୟରୁ ୨୧ଟିରେ ପଂଚାୟତ ସଂପ୍ରସାରଣ ଅଧିକାରୀ (ପିଇଓ) ନଥିବା ବେଳେ ବିଭିନ୍ନ ବିକାଶମୂଳକ କାର୍ଯ୍ୟ ହେବାରେ ଅନ୍ତରାୟ ସୃଷ୍ଟି ହେଉଛି । ସେହିପରି ୧୯ଟି ପଂଚାୟତାରେ ଗ୍ରାମ୍ୟ ରୋଜଗାର ସେବକ ନ ଥିବାରୁ ମନରେଗା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି । ଏହି ପଂଚାୟତ ସମିତିର ୧୪ଟି ପଂଚାୟତ ସୁବର୍ଣ୍ଣରେଖା ନଦୀର ପଶ୍ଚିମପଟେ ରାଇବଣିଆ ଥାନା ଅଧିନରେ ଥିବା ବେଳେ ୬ଟି ପଂଚାୟତରେ ୭୦ ଭାଗରୁ ଅଧିକ ଆଦିବାସୀ ବସବାସ କରନ୍ତି । ଆଶ୍ଚର୍ଯ୍ୟର କଥା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନଥିବାରୁ ଏକା ବିଡିଓ ସମସ୍ତ କାର୍ଯ୍ୟ ସମ୍ପାଦନ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ୮ଜଣ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପାଇଥିବା ବେଳେ ୨ଜଣ ସୋର ଠାରେ ଅତିରିକ୍ତଭାବେ କାର୍ଯ୍ୟ କରୁଛନ୍ତି । ସମବାୟ ସଂପ୍ରସାରଣ ଅଧିକାରୀ ଓ ଆଇପିଓ ପଦବୀ ଶୂନ୍ୟ ଥିବା ବେଳେ ୫ଜଣ ପିଅନ୍‌ରୁ ମାତ୍ର ଜଣେ କାର୍ଯ୍ୟ କରୁଛନ୍ତି । ତେଣୁ ଅତିଶୀଘ୍ର ଜଳେଶ୍ୱର ବ୍ଲକର ସମସ୍ତ ଅଧିକାରୀ ପୂରଣ କରିବାକୁ ଦାବି ହେଉଛି ।

## ଦ୍ୱିତୀୟ ବିବାହ କରିବାକୁ ଆସି ଶିଶୁପାଳ ହୋଇ ଫେରିଲା ଯୁବକ

ନୀଳଗିରି,୦୫/୦୬ (ନି.ପ୍ର): ପ୍ରଥମ ସ୍ତ୍ରୀ ସରକାରୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ଥିବା ବେଳେ ତାଙ୍କର ୧୫ବର୍ଷର ଝିଅଟିଏ ମଧ ଅଛି । ସ୍ୱାମୀ ଜୀବନବୀମାରେ ଏଜେଂଟ ଭାବେ କାର୍ଯ୍ୟ କରୁଥିବା ବେଳେ ବେଶ ୩ କୁଟୁମ୍ବକୁ ନେଇ ଚାଲିଥିଲା ତାଙ୍କର ଖୁସିର ପରିବାର । ମାତ୍ର ବିବାହର କିଛି ବର୍ଷ ପରେ ପରିବାରରେ ସୃଷ୍ଟି ହୋଇଥିଲା ଝଡ଼ । ସେହି ଝଡ଼ବତାର ସୁଯୋଗ ନେଇ ଯୁବକ ଜଣକ ଅନ୍ୟତ୍ର ବିବାହ ପାଇଁ ବିଧିବଦ୍ଧ ଭାବେ ମନସ୍ତ କଲା ପରେ ରବିବାର ଦିନ ଯୁବକ ଜଣକ ବରବେଶରେ ବନ୍ଧୁମାନଙ୍କୁ ନେଇ ନୀଳଗିରି ମହନ୍ତ ମନ୍ଦିର ନିକଟରେ ପହଂଚି ସାରିଥିଲେ । ଏପରିକି ଝିଅଘର ପକ୍ଷରୁ ୧୫ହଜାର ଟଙ୍କାର ପ୍ରସାଦ ପ୍ରସ୍ତୁତ ହୋଇ ସାରିଥିଲା । ମାତ୍ର ଯୁବକର ପ୍ରଥମ ସ୍ତ୍ରୀ ବିବାହ ବିଷୟରେ ପୂର୍ବରୁ ସୁରାକ ପାଇଥିବା ବେଳେ କପ୍ତିପଦା ଥାନା ପରେ ନୀଳଗିରି ଥାନାକୁ ଘଟଣା ବାବଦରେ ତୁରନ୍ତ ଅବଗତ କରି ନିଜେ ନିଜର ପରିଜନଙ୍କୁ ଧରି ନୀଳଗିରି ମହନ୍ତ ମନ୍ଦିରରେ ପହଂଚିଥିଲେ । ୧ମ ସ୍ତ୍ରୀ ଓ ତାଙ୍କର ପରିଜନ ଏବଂ ଥାନା ଗାଡ଼ିକୁ ଦେଖି ବରବେଶରେ ଆସିଥିବା ଯୁବକ ଜଣକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ବରର ଏତାଦୃଶ କାର୍ଯ୍ୟକୁ ଦେଖି କନ୍ୟାପକ୍ଷ ମଧ ନିଜ କନ୍ୟାକୁ ଧରି ଉଭାନ ହୋଇଯାଇଥିଲେ । କନ୍ୟା ପକ୍ଷରୁ ଆସିଥିବା ବନ୍ଧୁବର୍ଗମାନେ ଏହା ଦେଖି ଆବାକ ହୋଇ ପଡ଼ିଥିଲେ । ରନ୍ଧା ସରିଥିବା ୧୫ହଜାର ଟଙ୍କାର ପ୍ରସାଦକୁ କିଏ ଖାଇବ, କିଏ ନେବ ବୋଲି ପ୍ରସାଦ ନିଲାମଧାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ଉକ୍ତ ଘଟଣାଟି କପ୍ତିପଦା ଥାନା ଅଧୀନସ୍ଥ ଗୌଡ଼ଗାଁର ଦେଖିବାକୁ ମିଳିଛି । ସୂଚନା ଅନୁସାରେ ୨୦୦୫ ମସିହାରେ କପ୍ତିପଦା ଅଂଚଳର ଜନୈକ ଯୁବତୀକୁ ବାଲେଶ୍ୱର ଜିଲ୍ଲା ସଦର ଥାନା ଅଧୀନସ୍ଥ ଖାନନଗର ପୁରୁଷୋତମପୁର ଗ୍ରାମର ସୁଜୟ ପତି ବିବାହ କରିଥିଲେ । ତାଙ୍କର ଔରସରୁ ୧୫ବର୍ଷର ଝିଅଟିଏ ଥିବା ବେଳେ ତାଙ୍କର ସ୍ତ୍ରୀ ଏକ ସରକାରୀ ହାଇସ୍କୁଲରେ ବିଜ୍ଞାନ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ । ୫୩ବର୍ଷର ସୁଜୟ ନୀଳଗିରି ଅଂଚଳର ୪୨ବର୍ଷୀୟ ଯୁବତୀକୁ ବିବାହ କରିବାକୁ ଆସିଥିବା ବେଳେ ଏପରି ହଟହଟା ହେବାକୁ ପଡ଼ିଛି । ଘଟଣାଟି ନୀଳଗିରିରେ ବେଶ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି ।


**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS ) DIVISION-I**
**AT/PO- PADHUANPADA, BALASORE**

CONTACT NO :- 06782262045
E Mail ID:- ee_blsrb@yahoo.co.in

**BID INVITATION NO. SE (R and B) BLS-Divn-1- 08/ 2022-23**
**Letter No 3733 Date 27.05.2022**

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 7 Nos |
| 3 | Nature of work : | : | Road & Building works of Balasore (R&B)Division-I |
| 4 | Class of Contractor : | : | "D"&"C"" Class |
| 5 | Approx. value of work : | : | Rs. 1.68 Lakhs to 13.34 Lakh |
| 6 | Tender Cost. : . | : | Rs. 600/-, 2000/-, 4000/- 6,000/- |
| 7 | Availability of Bid Documents in the website : | : | **From 10.00 Hours of dt. 06.06.2022 to 16:00 hours of dt. 16.06.2022** |
| 8 | Date of Opening of Bid : | : | Dt. **17.06.2022** at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

**Sd/-Er.R.C.Sethi**
**Superintending Engineer,**
**Balasore (R&B) Division-I**

## ଶୀତଳଷଷ୍ଠୀରେ ତିନିରଥର ଚକଅଖ ସଂଯୋଗ ଶେଷ

ପୁରୀ,୦୫/୦୬ (ନି.ପ୍ର): ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଜୋରସୋରରେ ଆଗେଇ ଚାଲିଛି । ବିଶ୍ୱକର୍ମା ମହାରଣାମାନେ ରଥ ନିର୍ମାଣରେ ନିମଗ୍ନ ରହିଛନ୍ତି । ରଥ ସଂହିତା ଅନୁଯାୟୀ ଅକ୍ଷୟତୃତୀୟା ଅନୁକୂଳ ନୃସିଂହ ଜନ୍ମଦିନ ଗୁଜ ଅନୁକୂଳ ଓ ଶୀତଳଷଷ୍ଠୀରେ ତିନିରଥର ସବୁ ଚକରେ ଅଖ ସଂଯୋଗ କାର୍ଯ୍ୟ ଶେଷ ହେବା ପରେ ଭୋଇ ସେବାୟତମାନେ ହରିବୋଲ ଦେଇଥିଲେ । ନନ୍ଦିଘୋଷ ରଥର ୧୬ ଚକସହ ୮ ଅଖ ତାଳଧ୍ୱଜ ରଥର ୧୪ ଚକସହ ୭ ଅଖ, ଦର୍ପଦଳନ ରଥର ୧୨ ଚକସହ ୬ ଅଖ ସଂଯୋଗ କାର୍ଯ୍ୟ ଶେଷ ହୋଇଛି । ରଥଖଳାରେ ୫ ଦଣ୍ଡାର ମୁହାଁଟ ନିର୍ମାଣ କାର୍ଯ୍ୟ ଜାରି ରହିଛି । ୫ ଦଣ୍ଡାରେ ଆଗ ଓ ପଛ ନିରାଡ଼ି କାର୍ଯ୍ୟ ଶେଷ ପର୍ଯ୍ୟାୟରେ । ପ୍ରତି ରଥର ଦୁଇଟି ଲେଖାଏଁ ଗରାଗରା ଚଉପଟ କରାଯାଉଛି । ସେହିପରି ଦଣ୍ଡା କାର୍ଯ୍ୟ ଚାଲୁଅଛି । ରଥ ଦଣ୍ଡା,ଫ୍ରେମ ଓ ଫ୍ରେମ ସେଟିଙ୍ଗ କାର୍ଯ୍ୟ ରଥଖଳାରେ ଚାଲୁଅଛି । ଦର୍ପଦଳନ ରଥର ପୋଲ ଗୟଳ ଚିରଟ କାର୍ଯ୍ୟ କରୁଛନ୍ତି । ରୂପକାର ସେବକମାନେ ସାଲଗୁଜ, ତୀକ୍ଷଗୁଜ, ଖୋଦେଇ, ସିଂହାସନରେ ଡ଼ାଳିଲତା ଓ କୁମ୍ଭ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି । ଅସ୍ଥାୟୀ କମାରଶାଳରେ ଦଣ୍ଡା କଂଟା, ଗରାଗରା କଂଟା, ଗୟଳ କଂଟା, ନିର୍ମାଣ ଶେଷ ହୋଇଛି । ଭୁଇଁ କଂଟା, ଯୋଖା କଂଟା ଓ ଚଣାକ କଂଟା ନିର୍ମାଣ କାର୍ଯ୍ୟ ଚାଲୁଅଛି । ସ୍ନାନପୂର୍ଣ୍ଣମୀ ଦିନ ପ୍ରତି ରଥରେ ଚାରି ନାହାକା ଉଠିବ । ଚଳିତବର୍ଷ ଭକ୍ତଙ୍କ ପାଇଁ କୋଭିଡ଼ କଟକଣା ନଥିବାରୁ ଭକ୍ତମାନେ ରଥଖଳା ଚାଳି ବାହାରେ ଥାଇ ରଥ ନିର୍ମାଣ କାର୍ଯ୍ୟ ଦେଖିବା ସହ ମୁଣ୍ଡିଆ ଓ ନମସ୍କାର କରୁଥିବା ଦେଖାଯାଇଛି ।ନନ୍ଦିଘୋଷ ରଥର ମୁଖ୍ୟ ମହାରଣା ବିଜୟ କୁମାର ମହାପାତ୍ର, ତାଳଧ୍ୱଜ ରଥର ମୁଖ୍ୟ ମହାରଣା ନରସିଂହ ମହାପାତ୍ର ଓ ଦେବଦଳନ ରଥର ମୁଖ୍ୟ ମହାରଣା କୃଷ୍ଣଚନ୍ଦ୍ର ମହାରଣାଙ୍କ ନିର୍ଦ୍ଦେଶରେ ପ୍ରାୟ ୭୧ ଜଣ ମହରଣା ରଥକାର୍ଯ୍ୟରେ ନିୟୋଜିତ ଅଛନ୍ତି ।

## ମନ୍ତେଇ ମହୋତ୍ସବ - ୨୦୨୨ : 'ନଦୀ ବଞ୍ଚିଲେ ମଣିଷ ବଞ୍ଚିବ'



ଭଦ୍ରକ,୦୫/୦୬ (ନି.ପ୍ର): ଭଦ୍ରକ ଶହିଦ୍ ସ୍ମୃତି ଭବନ (ଟାଉନ ହଲ)ଠାରେ ଅନୁଷ୍ଠିତ ପ୍ରଥମ 'ମନ୍ତେଇ ମହୋତ୍ସବ - ୨୦୨୨' ଦିବସବ୍ୟାପୀ ୩ଟି ଅଧିବେଶନରେ ସମ୍ପନ୍ନ ହୋଇଛି । ପ୍ରଥମ ଅଧିବେଶନ ଉଦ୍‌ଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ କଥାକାର ତଥା ସମ୍ବାଦର ଫିଚର ସମ୍ପାଦକ ଗୌରହରି ଦାସ କହିଥିଲେ ଯେ, ମାନବ ସଭ୍ୟତାର ସୃଷ୍ଟି ନଦୀ କୂଳରୁ ହୋଇଛି। ନଦୀ କୂଳରେ ମଣିଷ ବସତି ଆରମ୍ଭ କରି ଗାଁ ପରେ ସହର ସୃଷ୍ଟି କରିଛି। ମଣିଷ ଜୀବନ ଧାରଣର ମୂଳ ଆଧାର ନଦୀ। ନଦୀ ବଞ୍ଚି ରହିଲେ, ମଣିଷର ମୃତ୍ୟୁ ଅସମ୍ଭବ। ନଦୀ ଆମକୁ ଉଭୟ ଖାଦ୍ୟ ପାନୀୟ ଯୋଗାଇ ପାରେ। ସେଥିଲାଗି ନଦୀ ଓ ଜଳର ସୁରକ୍ଷା ଆମ୍ଭ ସମସ୍ତଙ୍କର ପ୍ରଧାନ କର୍ତ୍ତବ୍ୟ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅଧାପକ ଅଜୟ ସ୍ୱାଇଁ ଯୋଗ ଦେଇ ନଦୀ ଓ ନଦୀ କୂଳିଆଙ୍କ ଜୀବନ ଧାରଣ ଉପରେ ଦୀକ୍ଷାନ୍ତ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା 'ନିତିଦିନ'ର ସମ୍ପାଦକ ମନୋଜ ମହାପାତ୍ର ଯୋଗ ଦେଇ ତାଙ୍କ ପିଲାଦିନର ନଦୀ କୂଳର ଅନଭୂତି ବର୍ଣ୍ଣନା କରି ଭଦ୍ରକ ଜିଲ୍ଲାର ମନ୍ତେଇ ନଦୀ କିଭଳି କୁମ୍ଭୀର ପାଇଁ ଭୟଙ୍କର ଥିଲା ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନରେ ମହୋତ୍ସବର ଆୟୋଜକ 'ସାଧନା' ଅନୁଷ୍ଠାନର ସଭାପତି ନାଟ୍ୟସୂର୍ଯ୍ୟ ବିଜୟ ଦାସ ପୌରୋହିତ୍ୟ କରିଥିବା ବେଳେ ଅଭ୍ୟର୍ଥନା କମିଟିର ଅଧକ୍ଷ ପ୍ରଫେସର ଅଟଳ ବିହାରୀ ନାୟକ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ ଓ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଅରବିନ୍ଦ ରାୟ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ଯୋଗ ଦେଇ ନଦୀ ସମ୍ପର୍କୀତ ବହୁ ତଥ୍ୟାତ୍ମକ ବକ୍ତବ୍ୟ ରଖିଥିଲେ। ଏହି ଅଧିବେଶନରେ ମୁଖ୍ୟଅତିଥି ଶ୍ରୀଯୁକ୍ତ ଦାସ ଓ ମରଣୋତ୍ତର ଭାବେ ପଦ୍ମଲୋଚନ ନାୟକଙ୍କୁ 'ମନ୍ତେଇ ସମ୍ମାନ' ପ୍ରଦାନ କରାଯାଇଥିଲା। କବି ବାଇଧର ନାୟକଙ୍କ ପୁସ୍ତକର ଲୋକାର୍ପଣ କରାଯାଇଥିଲା। ସାଧନାର ସମ୍ପାଦକ ଶ୍ରୀଗୋବିନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନ କିବତା ପାଠୋତ୍ସବରେ ବହୁ କବି ନଦୀକୁ ନେଇ ସେମାନଙ୍କ ସ୍ୱରଚିତ କବିତା ପାଠ କରିଥିଲେ। ଏହି ଅଧିବେଶନର ଅତିଥି ଭାବେ ଅଧାପକ ହୃଦାନନ୍ଦ ପାଣିଗ୍ରାହୀ, ପୂର୍ବତନ ଅଧକ୍ଷ ଡ. ଅବନୀ ପ୍ରଧାନ, ଅଧାପକ କିଶୋର ପାଣିଗ୍ରାହୀ ଯୋଗ ଦେଇଥିଲେ। କବି ଦିବ୍ୟସିଂହ ଦାସଅଧିକାରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ଅଧାପିକା ଉଷାରାଣୀ ଜେନା ଓ ଗୀତିକାର ଅରୂପାନନ୍ଦ ସଞ୍ଚାଳନ କରିଥିଲେ। କବି ବିଜୟ ଜେନା ସହଯୋଗ କରିଥିଲେ। ତୃତୀୟ ଅଧିବେଶନ ତଥା ସାନ୍ଧ୍ୟ ଅଧିବେଶନର ଉଦ୍‌ଘାଟନୀରେ ମୁଖ୍ୟ ଅତିଥି ଭାବେ ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ ଯୋଗ ଦେଇ ନଦୀକୁ ନେଇ ବିଭିନ୍ନ ସମୟରେ ଉପୁଜୁ ଥିବା ରାଜ୍ୟ ରାଜ୍ୟ ମଧ୍ୟର ବିବାଦ ଅବତାରଣା କରିବା ସହ ନଦୀ ସୁରକ୍ଷା ପାଇଁ ସମୂହ ଆନ୍ଦୋଳନ ଆବଶ୍ୟକ ବୋଲି କହିଥିଲେ।

## ରବୀନ୍ଦ୍ରନାଥ ଟାଗୋର ସ୍ମୃତି ସମ୍ମାନର ଅଧିକାରୀଣି ଦେବଯାନୀ ଦାସ



ବାଲେଶ୍ୱର, ୦୫/୦୬ (ନି.ପ୍ର): ତ୍ରିଭାଷୀ ଲେଖିକା ଦେବଯାନୀ ଦାସ ରବୀନ୍ଦ୍ରନାଥ ଟାଗୋର ଙ୍କ ସ୍ମୃତି ରେ ଦିଆ ଯାଉ ଥିବା ଆନ୍ତର୍ଜାତୀୟ ସାହିତ୍ୟ ସମ୍ମାନ ର ଅଧିକାରିଣି ହୋଇଛନ୍ତି । ବିଶ୍ୱଗୁରୁ ରବୀନ୍ଦ୍ର ନାଥ ଟେଗୋର ଙ୍କ ପରେ ଏହି ସମ୍ମାନଜନକ ସାହିତ୍ୟ ସମ୍ମାନ ଆନ୍ତର୍ଜାତୀୟ ପ୍ରତିଷ୍ଠିତ ଅନୁଷ୍ଠାନ ମାନଙ୍କ ଦ୍ୱାରା ଓ ସହଯୋଗ ରେ ସୃଷ୍ଟି କରାଯାଇଥିଲା । ତେଣୁ ମୋଟିଭେଶୋନାଲ ଷ୍ଟ୍ରିପସ୍ (ସବୁଠୁ ସକ୍ରିୟ ସାହିତ୍ୟିକ ଫୋରମ୍), ପୂର୍ବ ଆଫ୍ରିକା ର ସେଚେଲେସ (Seychelles) ସରକାରଙ୍କ ସଂସ୍କୃତି ବିଭାଗ ଓ ଏହାର ମୁଖପତ୍ର SIPAY ଙ୍କ ମିଳିତ ଆନୁକୁଲ୍ୟରେ ରେ ଏହା ଚୟନ କରାଯାଉଅଛି । ଏହି ବର୍ଷ ଚୟନ କରାଯାଇଥିବା ବିଶ୍ୱସ୍ତରୀୟ ପଚାଶ ଜଣ ଲେଖକ ମାନଙ୍କ ଗହଣ ରେ ଦେବଯାନୀ ଙ୍କ ନାମ ସ୍ଥାନ ପାଇଛି । ଏହା ପୂର୍ବରୁ ଭାରତର ୭୪ ତମ ଓ ୭୫ ତମ ସ୍ୱାଧିନତା ଦିବସ ଅବସର ରେ ଗାନ୍ଧିଜୀ ଙ୍କ ଜନ୍ମସ୍ଥାନ ଗୁଜୁରାଟ ରୁ ଗୁଜୁରାଟ ସାହିତ୍ୟ ଏକାଡେମୀ ଦ୍ୱାରା ଲେଖକୀୟ ଉତ୍କୃଷ୍ଟତା ପାଇଁ ଦିଆଯାଉଥିବା ଆନ୍ତର୍ଜତୀୟ ସାହିତ୍ୟ ସମ୍ମାନ ର ଅଧିକାରୀଣି ହୋଇଥିଲେ ସେ । ବାଲେଶ୍ୱରର ଝିଅ ଦେବଯାନୀ ଙ୍କ ଲେଖା ର ମୁଖ୍ୟ ସ୍ୱର ଗଳ୍ପ ହୋଇଥିଲେ ମଧ୍ୟ ଓଡ଼ିଆ ସାହିତ୍ୟ ର ସମସ୍ତ ବିଭାଗ ରେ ସେ ଲେଖନୀ ଚାଳନା କରିବା ସହ ଇଂରାଜୀ ଓ ହିନ୍ଦୀ ରେ ଲେଖନୀ ଚାଳନା କରି ବିଶ୍ୱ ସ୍ତରୀୟ ଲେଖକ ମାନଙ୍କ ଗହଣ ରେ ନାମାଙ୍କନ ସୃଷ୍ଟି କରି ପାରିଛନ୍ତି । ତାଙ୍କର ଗଳ୍ପ ସଂକଳନ, କବିତା ସଂକଳନ, ବୃକ୍ଷ ସମ୍ପର୍କିତ ପୁସ୍ତକ, ହିନ୍ଦୀ ରୁ ଅନୁଦିତ ଆଧାତ୍ମିକ ପୁସ୍ତକ ପ୍ରକାଶ ପାଇଥିବା ସ୍ଥଳେ ଦେଶାତ୍ମବୋଧ ଭିତ୍ତିକ ଓଡ଼ିଆ ଉପନ୍ୟାସ 'ଅପୂର୍ଣ୍ଣ ପୂର୍ଣ୍ଣତା' ବିଶ୍ୱବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ଗବେଷଣା ଭୁକ୍ତ ହୋଇ ବୁଦ୍ଧିଜୀବୀ ମହଲ ରେ ଖୁବ୍ ଆଦୃତ ହୋଇଛି । ଖୁବ୍ ଶୀଘ୍ର ତାଙ୍କର ଇଂରାଜୀ ଓ ହିନ୍ଦୀ ରେ କବିତା ଓ quote ପୁସ୍ତକ ପ୍ରକାଶ ପାଇବାକୁ ଯାଉଛି । ଛୋଟ ବେଳୁ ସାହିତ୍ୟ ପ୍ରତି ଅନୁବଦ୍ଧତା ରୁ ସେ ପାଠକ ମାନଙ୍କ ହୃଦୟ ରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିପାରିଛନ୍ତି ।

## ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ମିଳନୀ




ଭଦ୍ରକ,୦୫/୦୬ (ନି.ପ୍ର): ମହାତ୍ମା ଗାନ୍ଧୀଙ୍କ ହରିଜନ ପଦଯାତ୍ରାର ସ୍ମାରକୀ ପାଳନ ଉପଲକ୍ଷେ ଭଦ୍ରକ ସ୍ଥିତ ଗାନ୍ଧୀ ବାଳାଶ୍ରମଠାରେ ଦୁଇଦିନିଆ ଉତ୍କଳ ସର୍ବୋଦୟ ମଣ୍ଡଳର ରାଜ୍ୟ ସମ୍ମିଳନୀ ସଭାପତି କୈଳାସ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ସର୍ବୋଦୟ କର୍ମୀ ଓ ନେତୃତ୍ୱ କାରୀ ଯୋଗଦେଇ ସମାଜରେ ବ୍ୟାପିଥିବା ସାମ୍ପ୍ରଦାୟିକତା, ହିଂସା, ଅସହିଷ୍ଣୁତା ଓ ଅସମାନତା ଭାବ ଯେପରି ଦ୍ରୁତଗତିରେ ସମାଜକୁ ପ୍ରଭାବିତ କରୁଛି, ତାର ନିରାକରଣ ଶାନ୍ତି ସଦଭାବନା ଓ ଭାଇଚାରା ମାଧ୍ୟମରେ ପ୍ରତିକାର କରିବା ପାଇଁ ସର୍ବୋଦୟ କର୍ମୀ ଓ ନେତୃତ୍ୱ ମଣ୍ଡଳୀ ମତାମତ ପ୍ରଦାନ କରିଥିଲେ। ଭାରତ ବର୍ଷରେ ସଦ୍‌ଭାବନା ଆଦିମ କାଳରୁ ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଅବ୍ୟାହତ ରହିଆସିଛି। ଯେପରି ଭାରତର ମୂଳ ତତ୍ତ୍ୱ ବସୁଧୈବ କୁଟୁମ୍ବକମ୍, ସେହିପରି ସମସ୍ତଙ୍କର ସମାନ ଆର୍ଥିକ ଉନ୍ନତି ଓ ଅହିଂସକ ସମାଜ ଗଠନ କରିବା ସର୍ବୋଦୟର ମୂଳମନ୍ତ୍ର ଯାହା ମହାତ୍ମା ଗାନ୍ଧୀ ସ୍ୱାଧୀନତା ପୂର୍ବରୁ ସ୍ଥାପନା କରିଥିଲେ। ରାଜ୍ୟ ସର୍ବୋଦୟ ମଣ୍ଡଳ ଓ ଜିଲ୍ଲା ସର୍ବୋଦୟ ମଣ୍ଡଳର ନେତୃତ୍ୱକାରୀଙ୍କ ମଧ୍ୟରେ ଆଦିତ୍ୟ ପଟ୍ଟନାୟକ, ରମାକାନ୍ତ ମଣ୍ଡଳ, ଫାରୁକ ଭାଇ, ବିହାରର ବିଜୟ କୁମାର, ସୁଶ୍ରୀ କବିତା ଅପା, ପ୍ରଦୀପ କୁମାର ସାହୁ, କୁଳମଣୀ ଶୁକ୍ଳ, କୈଳାସ ବରାଳ, ବନିତା ସାମଲ, ଅଶୋକ ଦାସ, ହୃଶିକେଶ ମହାନ୍ତି, ଶିକ୍ଷାବିତ ଶାନ୍ତନୁ କୁମାର ରାଉତ, ଡ଼ଃ ଭାଗବତ ତ୍ରିପାଠୀ, ଗିରିଜା ନାୟକ, ପିତାମ୍ବର ସାହୁ, ଝରଣା ପଟ୍ଟନାୟକ, ବୀରବର ନାୟକ ଓ ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ସର୍ବୋଦୟ ବିଚାରକୁ ବ୍ୟାପକ କରି ସମାଜରେ ଶାନ୍ତି ଓ ବିକାଶ ଧାରାକୁ ଆଗେଇ ନେବା ପାଇଁ ଆହ୍ୱାନ କରିଥିଲେ। ରାଜ୍ୟ ସର୍ବୋଦୟ ମଣ୍ଡଳର ସଂଗଠନକୁ ପୁନର୍ଗଠନ କରିବା ପ୍ରସ୍ତାବକୁ ଉପସ୍ଥିତ ପ୍ରତିନିଧିମାନେ ସ୍ୱୀକୃତି ଦେଇଥିଲେ ଓ ଆଗାମୀ ଦିନରେ ଜିଲ୍ଲା ସମ୍ମିଳନୀକୁ ସୁଦୃଢ଼ କରିବାପାଇଁ ଘୋଷଣା କରିଥିଲେ।

## ଗ୍ରୀଷ୍ମକାଳୀନ ବାସ୍କେଟ ବଲ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭଦ୍ରକ,୦୫/୦୬ (ନି.ପ୍ର): ଭଦ୍ରକ ଜିଲ୍ଲା ବାସ୍କେଟବଲ ଏକାଡେମୀ ଆନୁକୂଲ୍ୟରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଆରମ୍ଭହୋଇଥିବା ବାସ୍କେଟବଲ ପ୍ରଶିକ୍ଷଣ ଶିବିରଟି ୨୦/୫/୨୦୨୨ ରୁ ୦୩/୦୬/୨୦୨୨ ପର୍ଯ୍ୟନ୍ତ ଚାଲିଥିଲା। ଏହାର ଉଦ୍‌ଯାପନୀ ସମାରୋହ ଗତକାଲି ଅନୁଷ୍ଠିତ ହୋଇ ଯାଇଛି। ଏହି ଉଦଯାପନୀ ଉତ୍ସବରେ ଅତିଥି ଭାବରେ ବାଳିକା ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ବନଲତା ସାହୁ, କ୍ରୀଡା ପ୍ରଶିକ୍ଷକ ରାଜେନ୍ଦ୍ର ପ୍ରସାଦ ବିଶ୍ୱାଳ, ବରିଷ୍ଠ କ୍ରିଡାଶିକ୍ଷୟତ୍ରି ଜୟମିନ୍ ପରିଡା (ବାଳିକା ବିଦ୍ୟାଳୟ), ତପନ କୁମାର ମିଶ୍ର (ବିନ୍ଦୁମାଧବ ବାଗୁରାଇ ଉଚ୍ଚ ବିଦ୍ୟାଳୟ), ପିତାମ୍ବର ରେଡି (ସ୍କେଟିଙ୍ଗ କୋଚ) ଓ ବାସ୍କେଟବଲ୍ କୋଚ୍ ମନୋଜ କୁମାର ସାହୁ ଧନ୍ୟବାଦ ଭାଷଣ ଦେଇଥିଲେ। ଏହି ଶିବିରରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ପ୍ରାୟ ୮୫ ଜଣରୁ ଉର୍ଦ୍ଧ୍ୱ ବାଳକ ଓ ବାଳିକା ଅଂଶଗ୍ରହଣ କରିଥିଲେ। ଏହି ଶିବିର ମୁଖ୍ୟ କୋଚ୍ ମନୋଜ ସାହୁ ଓ ସହକାରୀ କୋଚ ଭାବରେ ମନୋଜ ମହାନ୍ତି, ପୁଷ୍ପାଞ୍ଜଳୀ ପ୍ରଧାନ ଓ ଶ୍ରୀକାନ୍ତ ଜେନା କଂ ତତ୍ତ୍ୱାବଧାନରେ ଚାଲିଥିଲା ବେଳେ ବାସ୍କେଟବଲ ଏକାଡେମୀ ପକ୍ଷରୁ ସମସ୍ତ ବରିଷ୍ଠ ଖେଳାଳୀ ଯଥା ରିକି ମହାନ୍ତି, ତନ୍ମୟ ମହାନ୍ତି , ବିଶ୍ୱାମିତ୍ର ବେହେରା ପ୍ରମୁଖ ଖେଳାଳୀମାନେ ସହଯୋଗ କରିଥିଲେ।

## ଭଦ୍ରକରେ ବିଶ୍ୱ ପରିବେଶ ଦିବସ ପାଳିତ

ଭଦ୍ରକ, ୦୫/୦୬ (ନି.ପ୍ର): ଅସନ୍ତୁଳିତ ବିଶ୍ୱ ଏବେ ମନୁଷ୍ୟାକୃତ ବୃକ୍ଷରାଜି ନାଶ କାରଣରୁ ଧ୍ୱଂସାଭିମୁଖୀ ହେଉଛି। ଯାହାର ସୂଚନା ମନୁଷ୍ୟ ଜାତିକୁ ବିଶ୍ୱ ନିୟନ୍ତା, ନିକଟରେ ସଂଘଠିତ ଫାଇଲିନ୍, ହୁଡ୍‌ହୁଡ୍, ଫନି, ବୁଲ୍‌ବୁଲ, ତିତ୍‌ଲି, ଅମ୍ଫାନ, ୟାସ୍ ଭଳି ଦୈବି ଦୁର୍ବିପାକ ଦ୍ୱାରା ସୂଚାଇଛନ୍ତି। ତେବେ ମଧ୍ୟ ଏ ମଣିଷ ସଚେତନ ହେଉନାହିଁ। ଅନୁରୂପ ସମଗ୍ର ଜୀବଜଗତ ଆଜି ଯେତେବେଳେ କରୋନା ମହାମାରୀ ଜନିତ ରୋଗରେ ତ୍ରାହି ତ୍ରାହି ଡାକୁଛି, ସେତେବେଳେ ଅମ୍ଳଜାନର ଅଭାବ ତାକୁ ମୃତ୍ୟୁ ଆଡକୁ ଠେଲିନେଉଛି। ଯାହା ଶତକଡା ୨୦ ଭାଗ ବୃକ୍ଷରାଜିରୁ ଆମେ ପାଇଥାଉ ବୋଲି ଆଜି ସାଳନ୍ଦୀ ବିକାଶ ମଂଚ ପକ୍ଷରୁ ସ୍ଥାନୀୟ ସଂସ୍କୃତି ଭବନରେ ଅନୁଷ୍ଠିତ ଜିଲାସ୍ତରୀୟ ବିଶ୍ୱ ପରିବେଶ ଦିବସରେ ମତପ୍ରକାଶ ପାଇଛି। ବିଶିଷ୍ଟ ଅଧିବକ୍ତା ତୁଷାରକାନ୍ତ ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ଏହି ଆଲୋଚନା ଚକ୍ରରେ ସାଳନ୍ଦୀ କେନାଲ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଇଂ ଚିତ୍ତରଂଜନ ଭୂୟାଁ, ଚାନ୍ଦବାଲି ବ୍ଲକ୍ କୃଷି ଅଧିକାରୀ ଇଂ ଅରୁଣ ପାତ୍ର, ବାବା ଭୈରବାନନ୍ଦ, ବ୍ରହ୍ମାକୁମାରୀ ମଂଜୁ ଭଉଣୀ, ଆଦାନୀ ଫାଉଣ୍ଡେସନର ସତ୍ୟ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କର୍ମକର୍ତ୍ତାମାନେ ପ୍ରଦୂଷିତ ସାଳନ୍ଦୀ ନଦୀର ସୁରକ୍ଷା ଦିଗରେ ସମସ୍ତ ଜନସାଧାରଣଙ୍କୁ ଆଗେଇ ଆସିବାକୁ ଆହ୍ୱାନ ଦେଇ ଏହାର ତଟବର୍ତ୍ତୀ ଅଂଚଳରେ ବୃକ୍ଷରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ସାଳନ୍ଦୀ ବିକାଶ ମଂଚର ସାଧାରଣ ସଂପାଦକ ପ୍ରତାପ ପାଢୀ, ଉପସଭାପତି ଅଶୋକ ମହାନ୍ତି, ସଂଯୋଜକ ଅମ୍ବିକା ଦାସ, ଆଇନ୍‌ଜୀବୀ ଦୁର୍ଗାରାୟ ମହାପାତ୍ର, ସଂଜୀବ ମହାନ୍ତି, ଉଦ୍ଧବ ନାୟକ, ପଦ୍ମନାଭ ପାଣିଗ୍ରାହୀ, ତିଳୋତ୍ତମା ପାଣିଗ୍ରାହୀ, ଅନୁପ ମହାନ୍ତି, ସାମ୍ବାଦିକ ନରେନ୍ଦ୍ର ସାମଲଙ୍କ ସମେତ ବିଭିନ୍ନ ଶାଖାର ସାଳନ୍ଦୀ ବିକାଶ ମଂଚର କର୍ମକର୍ତ୍ତା ପ୍ରମୁଖ ସାମିଲ୍ ଥିଲେ।

## ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ 'କଥା ସେମାନଙ୍କର କଲମ ମୋର' ଉନ୍ମୋଚିତ




ବାଲେଶ୍ୱର, ୦୫/୦୬ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶନିବାର ସ୍ଥାନୀୟ ଲକି ଇଣ୍ଟରନ୍ୟାସନାଲ ପ୍ରେକ୍ଷାଳୟରେ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦଙ୍କ ଜନ୍ମଦିନ ଅବସରରେ ତାଙ୍କର ତିରିଶତମ ପୁସ୍ତକ 'କଥା ସେମାନଙ୍କର କଲମ ମୋର' ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଉତ୍ସବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ପୁସ୍ତକଟିକୁ ଉନ୍ମୋଚନ କରି କହିଲେ ଯେ ଡାକ୍ତର ନନ୍ଦଙ୍କ ପଚାଶରୁ ଉର୍ଦ୍ଧ୍ୱ ବର୍ଷ ଡାକ୍ତରୀ ଜୀବନର ସ୍ମୃତି ଓ ଅନୁଭୂତି ସମ୍ବଳିତ ଏହି ଆତ୍ମଚରିତାତ୍ମକ ପୁସ୍ତକଟି ସବୁ ବର୍ଗର ପାଠକଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବା ସହିତ ସମାଜକୁ ଏକ ସକାରାତ୍ମକ ବାର୍ତ୍ତା ଦେବାରେ ସକ୍ଷମ ହେବ। ମୁଖ୍ୟଅତିଥି ପ୍ରଫେସର ବିଜୟାନନ୍ଦ ସିଂହ ଉକ୍ତ ପୁସ୍ତକଟିର ହିନ୍ଦୀ ଓ ଇଂରାଜୀ ଅନୁବାଦ କରାଯାଇପାରିଲେ ଏହା ସର୍ବଭାରତୀୟ ସ୍ତରରେ ଆଦୃତି ଲାଭ କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ପ୍ରଫେସର ରବିନାରାୟଣ ଦାଶ ପୁସ୍ତକଟିର ତାତ୍ତ୍ୱିକ ଆଲୋଚନା କରିବା ସହିତ ଡାକ୍ତର ନନ୍ଦ ରୋଗୀମାନଙ୍କର ଶାରୀରିକ, ମାନସିକ ଓ ଆତ୍ମିକ ସ୍ୱାସ୍ଥ୍ୟରକ୍ଷା ଦିଗରେ ସର୍ବଦା ଯତ୍ନବାନ ବୋଲି କହିଥିଲେ। ନିଜର ଲେଖକୀୟ ଅଭିବ୍ୟକ୍ତିରେ ଡାକ୍ତର ନନ୍ଦ କୋଭିଡ଼ ସମୟରେ ଏହି ପୁସ୍ତକଟିକୁ ରଚନା କରି ମାନସିକ ଶାନ୍ତି ଲାଭ କରିପାରିଛନ୍ତି ପ୍ରକାଶ କରିଥିଲେ। ପରିଷଦର ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିବାବେଳେ ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚଆବାହନ କରିଥିଲେ। ଲେଖକଙ୍କ ପତ୍ନୀ ପ୍ରଫେସର ରଶ୍ମିରେଖା ପତି ଶେଷକଥା ରଖିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଗୁରୁ ସତ୍ୟରଂଜନ ମହାନ୍ତିଙ୍କଦ୍ୱାରା ଦୀପକ ବୋଷଙ୍କ ରଚିତ ଏକ ଜଗନ୍ନାଥ ଭଜନ ପରିବେଷଣ କରାଯାଇଥିଲା।

## ଦାୟିତ୍ୱ ମିଳିବା ପରେ ନବୀନ ନିବାସରେ ପହଂଚିଲେ ନୂଆ ମନ୍ତ୍ରୀ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ନବୀନଙ୍କ ନୂଆ ମନ୍ତ୍ରିମଣ୍ଡଳରେ ସାମିଲ ହୋଇ ଶପଥ ଗ୍ରହଣ କରି ମନ୍ତ୍ରୀମାନେ ରବିବାର ସନ୍ଧ୍ୟାରେ ନବୀନ ନିବାସରେ ପହଂଚି ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ସେମାନେ ନବୀନ ନିବାସରେ ପହଂଚି ତାଙ୍କୁ ଭରସା କରି ଦାୟିତ୍ୱ ଦେଇଥିବାରୁ ସେମାନେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ନୂଆ ମନ୍ତ୍ରୀମାନଙ୍କ ସହିତ ଆଲୋଚନା କରିଛନ୍ତି ନବୀନ ପଟ୍ଟନାୟକ । ନିସ୍ୱାର୍ଥପର ଭାବେ ନିଷ୍ଠାର ସହିତ ଲୋକଙ୍କ ସେବା କରିବାକୁ ଏବଂ ରାଜ୍ୟ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ପ୍ରକୃତ ହିତାଧିକାରୀଙ୍କ ନିକଟରେ ପହଂଚାଇବାକୁ ନୂଆ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିବା ଜଣାପଡ଼ିଛି ।

## ବିବାଦୀୟ ହୋଇ ପଡିଥିବା ତିନି ମନ୍ତ୍ରୀ ପୁଣି ଥରେ ମନ୍ତ୍ରିମଣ୍ଡଳରେ ପାଇଲେ ନାହିଁ ସ୍ଥାନ

ଭୁବନେଶ୍ୱର, ୦୫/୦୬ (ନି.ପ୍ର): ରାଜ୍ୟରେ ବିଭିନ୍ନ ମାମଲାରେ ବିବାଦୀୟ ହୋଇ ପଡିଥିବା ତିନି ଜଣ ମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁଣି ଥରେ ମନ୍ତ୍ରୀ ପଦ ଦେଇ ନାହାନ୍ତି । ଏହି ତିନି ଜଣ ହେଲେ ପ୍ରତାପ ଜେନା, ଅରୁଣ ସାହୁ ଏବଂ ଦିବ୍ୟଶଙ୍କର ମିଶ୍ର । ଏତିନିଜଣ ବିଭିନ୍ନ ବିବାଦରେ ଛନ୍ଦି ହୋଇ ଦଳର ଭାବମୂର୍ତ୍ତିକୁ ନଷ୍ଟ କରିଥିବା କାରଣରୁ ସେମାନଙ୍କୁ ବିଦା କରାଯାଇଥିବା କୁହା ଯାଉଛି । ବହୁ ଚର୍ଚ୍ଚିତ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ପ୍ରତାପ ଜେନା ବିବାଦୀୟ ହୋଇ ପଡିଥିବା ବେଳେ ନୟାଗଡ଼ ପରୀ ହତ୍ୟା ମାମଲାରେ ଅରୁଣ ସାହୁଙ୍କ ସଂପୃକ୍ତିକୁ ନେଇ ଅଭିଯୋଗ ହୋଇଥିଲା । ସେହିପରି କଳାହାଣ୍ଡି ମମିତା ମୃତ୍ୟୁ ପ୍ରସଙ୍ଗରେ ବିବାଦରେ ଛନ୍ଦି ହୋଇଥିଲେ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର।

## ଐତିହାସିକ ଶୈବପୀଠ ବୁଢ଼ାରାଉଳ ମଠରେ ଶିବ ବିବାହ



ବାରିପଦା, ୦୫/୦୬ (ନି.ପ୍ର): ବାରିପଦାର ଦୁର୍ଗାପୁର ଠାରେ ବୁଢ଼ାବଳଙ୍ଗ, ଚିପଟ ଏବଂ ଇଟାଯୋଡି ନଦୀର ତ୍ରିବେଣୀ ସଂଗମ ସ୍ଥଳରେ ଥିବା ଐତିହାସିକ ଶୈବପୀଠ ବାବା ବୁଢ଼ାରାଉଳ ମଠରେ ଆଜି ଶିବ ବିବାହ ସମ୍ପର୍ଣ୍ଣ ହୋଇଯାଇଛି । ଏହି ଅବସର ରେ ମନ୍ଦିର ଭିତରେ ପାତାଳଭେଦି ଶିବ ଲିଙ୍ଗ ନିକଟରେ ପୂଜା ପାଉଥିବା ଶିବ ପାର୍ବତୀଙ୍କ ପ୍ରତିମୂର୍ତୀ ଆଜି ନାଟମଣ୍ଡପକୁ ବାହାରି ଥିଲେ । ବର ପକ୍ଷର କର୍ତା ଭାବରେ ବଳରାମ ସାହୁ ଓ ତାଙ୍କ ସହଧର୍ମିଣୀ ରିତା ସାହୁ କନ୍ୟା ପକ୍ଷର କର୍ତା ଭାବରେ ହରେରାମ ବେହେରା ଓ ତାଙ୍କ ସହଧର୍ମିଣୀ ରାଜଲକ୍ଷ୍ମୀ ବେହେରା ବିଧିମତେ ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟରେ ସଂକଳ୍ପ କରି ବିବାହ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ମନ୍ଦିରର ପୂଜକ ପଣ୍ଡିତ ବିଜୟ କୁମର ଦାଶଙ୍କ ତତ୍ତ୍ୱାବଧାନ କ୍ରମେ ପୂଜକ ଜଗଦିଶ ମହାପାତ୍ର ଓ ସହଯୋଗୀ ମାନସ ଦାଶ ପ୍ରମୁଖ ବିବାହ ଓ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ଏହି ଅବସରରେ ବାରିପଦା ସହର ତଥା ଆଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ବିବାହ କାର୍ଯ୍ୟରେ ବରଯାତ୍ରୀ ଓ କନ୍ୟା ଯାତ୍ରୀ ଭାବରେ ଯୋଗ ଦେଇଥିଲେ ।

## ଜାଗା ମିଶନରେ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ



ବାରିପଦା, ୦୫/୦୬ (ନି.ପ୍ର): ସହର ରେ ଭୂମିହୀନ ବସ୍ତିବାସିନ୍ଦାଙ୍କୁ ଜମି ଯୋଗାଇ ଦେବା ଉଦେଶ୍ୟରେ ରାଜ୍ୟସରକାର ଜାଗା ମିଶନ କାର୍ଯ୍ୟକାରୀ କରୁଥିବା ବେଳେ, ଆଜି ବାରିପଦା ପୌରପାଳିକା ପକ୍ଷରୁ ପୋ ?ରପାଳିକା କଲ୍ୟାଣ ମଣ୍ଡପ ଠାରେ ଜାଗା ମିଶନ ଅନ୍ତର୍ଭୁକ୍ତ ଭୂମିହୀନ ହିତାଧିକାରୀଙ୍କୁ ଭୂମୀ ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଛି । ଏହି ଅବସର ରେ ମୁଖ୍ୟ ଅତିଥି ଭାବରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡିଙ୍କ ଉପସ୍ଥିତିରେ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଉପ ଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀ ଅନ୍ୟା ଦାସ, ବାରିପଦା ପୌରପାଳିକାର ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଓ ଉପ ନଗରପାଳ ସୀମା ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ । ଜାଗା ମିଶନରେ ଅଦ୍ୟାବଧି ବାରିପଦା ପୌରପାଳିକାର ମୋଟ ୧୩୧୦ ଜଣ ହିତାଧିକାରୀଙ୍କୁ ଭୂମୀ ଅଧିକାର ପ୍ରମାଣ ପତ୍ର ପ୍ରଦାନ କରାଯାଇଥିବା ବେଳେ, ଆଗକୁ ଏହିଧାରା ଜାରୀ ରହିବ ବୋଲି ନଗରପାଳ କୃଷ୍ଣା ନ ନ୍ଦ ମହାନ୍ତି କହିଛନ୍ତି । ଏହି ଅବସର ରେ ପୌରକର୍ମଚାରୀ ପଙ୍କଜ ମିଶ୍ର, ସଂଜୟ କୁମାର ଦାସ, ଉଜ୍ଜଳ କୁମାର ବେହେରା, ଯୋଶବନ୍ତ ନାରାୟଣ ପାତ୍ର, ଏମଡି ସୋୟେଦ ଅସଲମ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ରାଜ୍ୟସ୍ତରୀୟ ସପ୍ତାହନ୍ତ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

ଲଙ୍ଗଳେଶ୍ୱର, ୦୫/୦୬ (ନି.ପ୍ର): ରାଜ୍ୟ ସରକାର ଏବଂ ଓଡିଶା ଭଲିବଲ ସଂଘ ମିଳିତ ସହଯୋଗରେ ଦୁଇ ଦିବସୀୟ ସପ୍ତାହନ୍ତ ଭଲିବଲ ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ ବାଲିଆପାଳ କ୍ରୀଡା ମହାବିଦ୍ୟାଳୟ ପରିସରରେ ଆଜି ଅପରାହ୍ନରେ ଉଦଘାଟିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟ ଫଳରେ ଗ୍ରାମାଂଚଳରେ ଥିବା ଭଲି ପ୍ରତିଭା ମାନଙ୍କୁ ଚିହ୍ନଟ କରାଯାଇ ଅଧିକ ସୁଯୋଗ ଦିଆଯିବ ବୋଲି ରାଜ୍ୟ ଭଲିବଲ ସଂଘର ସାଧାରଣ ସଂପାଦକ ତଥା କିଟ ବିଶ୍ୱବିଦ୍ୟାଳୟର କ୍ରୀଡା ମହାନିର୍ଦ୍ଦେଶକ ଡ.ଗଗନେନ୍ଦୁ ଦାସ କହିଛନ୍ତି। ଆଜିର ଏହି ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ କ୍ରୀଡା ମହାବିଦ୍ୟାଳୟର ପରିଚାଳନା ପରିଷଦର ସଭାପତି କୃଷି ବୈଜ୍ଞାନିକ ଡ. ଅଦ୍ୱୈତ କୁମାର ପାତ୍ର ଯୋଗ ଦେଇ ଜିଲ୍ଲା କ୍ରୀଡା ସଂଘ ଦ୍ୱାରା ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇ କ୍ରୀଡା ମହାବିଦ୍ୟାଳୟ ସମସ୍ତ ପ୍ରକାଶ ସହ ଯୋଗ କରିବେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କ୍ରୀଡା ସଂଘର ସାଧାରଣ ସଂପାଦକ ଅଭୟ ଦାସ,ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା ,ଜିଲ୍ଲା ଶାରୀରିକ ଅଧିକାରୀ ଅଶୋକ କୁମାର ନାୟକ,କ୍ରୀଡା ମହାବିଦ୍ୟାଳୟର ମେମ୍ବର ସଂପାଦକ ଡ.ଶ୍ରୀକାନ୍ତ ମିଶ୍ର,କ୍ରୀଡା ମହାବିଦ୍ୟାଳୟ ଅଧକ୍ଷ ଡ.ସୁଶାନ୍ତ ଦେ ପ୍ରମୁଖ ମଂଚାସୀନ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସାରା ରାଜ୍ୟରେ ଭଲି ପ୍ରତିଭା ମାନଙ୍କୁ ଚିହ୍ନଟ କରିବା ପାଇଁ ରାଜ୍ୟ ସରକାର ଏବଂ ଓଡିଶା ଭଲି ସଂଘ ମିଳିତ ସହଯୋଗରେ ଓଡିଶାର ୩୦ଟି ଜିଲ୍ଲାକୁ ୬ଟି ଜୋନରେ ବିଭକ୍ତ କରାଯାଇ ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଜାରି ରହିଛି । ବାଲେଶ୍ୱର, ମୟୂରଭଞ୍ଜ,ଭଦ୍ରକ ଏବଂ କେନ୍ଦୁଝର ଜିଲ୍ଲାକୁ ନେଇ ଏକ ଜୋନ ଗଠିତ ହୋଇଛି । ଏହି ଜୋନର ଟୁର୍ଣ୍ଣାମେଣ୍ଟ କ୍ରୀଡା ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହେଉଅଛି । ଏହି ଟୁର୍ଣ୍ଣାମେଣ୍ଟରେ ଚାରିଟି ଜିଲ୍ଲାରୁ ୩୨ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ସମସ୍ତ ଜୋନରୁ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଦଳକୁ ନେଇ ଆଉ ଏକ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହେବ ଏବଂ ସେହି ଟୁର୍ଣ୍ଣାମେଣ୍ଟରୁ ଖେଳାଳୀ ମାନଙ୍କୁ ଚୟନ କରାଯାଇ ରାଜ୍ୟ ସଂଘ ଆନୁକୁଲ୍ୟରେ ପ୍ରଶିକ୍ଷଣ ଶିବିର କରାଯାଇ ସେଥିରୁ ରାଜ୍ୟ ଦଳ ପାଇ ଖେଳାଳି ଚୟନ କରାଯିବ ବୋଲି ରାଜ୍ୟ ଭଲିବଲ ସାଧାରଣ ସଂପାଦକ କହିଛନ୍ତି । ଶେଷରେ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ଡ.ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଛନ୍ତି । କ୍ରୀଡା ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଟୁର୍ଣ୍ଣାମେଣ୍ଟ ପରିଚାଳିତ ହେଉଅଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo